# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 14/2025 Page 16 ₹ 7.00 | DHENKANAL

୫୧ଶ ଭାଗ ୨୯୦ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 290 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୪/୨୦୨୫ | Bhubaneswar, Sunday, September 14/2025 | ପୃଷ୍ଠା-୧










**ସୁରକ୍ଷିତ ଘରକୁ ଫେରନ୍ତୁ:** କେନ୍ଦୁଝରରେ ଶନିବାର 'ଶୂନ ଦୁର୍ଘଟଣା ଦିବସ' କାର୍ଯ୍ୟକ୍ରମ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁରକ୍ଷିତ ଗାଡ଼ି ଚଳାଇବା, ସୁରକ୍ଷିତ ଘରକୁ ଫେରିବା' ବାର୍ତ୍ତା ନେଇ ଆୟୋଜିତ ସଚେତନତା ଅଭିଯାନକୁ ଶୁଭାରମ୍ଭ କରିଛନ୍ତି।

# ଏସିଆ କପ୍: ଆଜି ଭାରତ-ପାକିସ୍ତାନ ମ୍ୟାଚ

**ଦୁବାଇ,୧୩।୯**

ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଗ୍ରୁପ୍-ଏ'ରେ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇ ଭୋଲ୍‌ଟେଜ୍ ମ୍ୟାଚ୍‌କୁ ନେଇ ଦୁଇ ଦେଶ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କଶ୍ମୀରର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୋଷ ଦେବା କାହାକୁ**






## ୨୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ବିଧାନସଭା କ୍ଷେତ୍ରକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ମୋଦି ସେଠାରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ ହଳଦିଆପଦର ନିକଟରେ ଥିବା ପଡ଼ିଆରେ ହୋଇପାରେ। ସେହି ସ୍ଥାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ପରିଦର୍ଶନ କରିସାରିଲେଣି। ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ୨ ଦିନ ଭିତରେ ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ। ସେହିଦିନଠାରୁ ଭାଜପା ରାଜ୍ୟରେ ସେବା ପକ୍ଷ ପାଳନ କରିବ। ତେଣୁ ଏହାରି ଭିତରେ ☞ପୃଷ୍ଠା-୨


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T:- ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/09/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0192/2526


# ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍

ବିହାର ବିଧାନସଭା ଭୋଟ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ଓଡ଼ିଶାର ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଏହି ଆସନ ଖାଲିପଡ଼ିଛି। ଉପନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବାବେଳେ ଜନ ପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅଧୀନରେ ଏସ୍‌ଏସ୍‌ଆର୍ କରାଇବାକୁ ନିଷ୍ପତ୍ତି ନିଆଯାଇଛି। କମିଶନ ଦେଶବ୍ୟାପୀ ଏସ୍‌ଆଇଆର୍ କରାଇବା ସକାଶେ ପ୍ରସ୍ତୁତି ଚଳାଇଥିବାବେଳେ ନୂଆପଡ଼ା ନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର୍ ଓଡ଼ିଶାରେ ଏସ୍‌ଆଇଆର୍ ପାଇଁ ମୂଳଦୁଆ ପକାଇପାରେ ବୋଲି କୁହାଯାଉଛି।

- **ଆଜି ମତଦାନ କେନ୍ଦ୍ରଗୁଡ଼ିକର ପରିବର୍ତ୍ତନ**
- **୧୫ରୁ ୨୯ ତାରିଖ ଭିତରେ ଦାବି ଓ ଆପତ୍ତି ଜଣାଇହେବ**
- **ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା**

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ନୂଆପଡା ବିଧାନସଭା ଆସନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ(ଏସ୍‌ଏସ୍‌ଆର୍) କରାଯିବ। ଆଗକୁ ଏହି ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ପୂର୍ବରୁ ହିଁ ଏସ୍‌ଏସ୍‌ଆର୍ କରାଯିବ। ନୂଆପଡ଼ା ଆସନରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏସ୍‌ଏସ୍‌ଆର୍ କରିବାକୁ ଭାରତର ନିର୍ବାଚନ ଆୟୋଗ ୧ ଜୁଲାଇ ୨୦୨୫କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏସ୍‌ଏସ୍‌ଆର ପାଇଁ କେତେଗୁଡ଼ିଏ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି। ରବିବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥାପନ ବା ପରିବର୍ତ୍ତନ କରାଯିବ। ସୋମବାର ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଆସନ୍ତା ୧୫ରୁ ୨୯ ତାରିଖ ମଧ୍ୟରେ ଭୋଟରମାନେ ସେମାନଙ୍କ ଦାବି ଓ ଆପତ୍ତି ଜଣାଇପାରିବେ। ☞ପୃଷ୍ଠା-୨

## ଏସ୍‌ଆଇଆର୍, ଏସ୍‌ଏସ୍‌ଆର୍ ମଧ୍ୟରେ ପାର୍ଥକ୍ୟ

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ହେଉଛି ଘରକୁ ଘର ଯାଇ ଭୋଟରମାନଙ୍କ ଗଣନା କରି ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା। ପ୍ରଚଳିତ ତାଲିକାକୁ ବିଚାରକୁ ନ ନେଇ ଗଣନାକାରୀମାନେ ପ୍ରତି ଘରକୁ ଯାଇ ଧାର୍ଯ୍ୟ ତାରିଖ ସୁଦ୍ଧା ଯୋଗ୍ୟ ଭୋଟରମାନଙ୍କ ତାଲିକା ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନର ଭୋଟର ତାଲିକା ତ୍ରୁଟିଯୁକ୍ତ ଏବଂ ସମ୍ପୂର୍ଣ୍ଣ ନୂଆ ତାଲିକା ପ୍ରସ୍ତୁତ ଆବଶ୍ୟକ ବୋଲି ନିର୍ବାଚନ କମିଶନ ଯେତେବେଳେ ସିଦ୍ଧାନ୍ତରେ ପହଞ୍ଚନ୍ତି, ସେତେବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଇଥାଏ। ସାଧାରଣତଃ ନିର୍ବାଚନ ପୂର୍ବରୁ କିମ୍ବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଭଳି ପ୍ରଶାସନିକ ପ୍ରକ୍ରିୟା ପରେ ଏସ୍‌ଆଇଆର୍ ହୋଇଥାଏ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍‌ଏସ୍‌ଆର୍) ନିର୍ବାଚନ ପୂର୍ବରୁ ହୋଇଥାଏ। ଏଥିରେ ଭୋଟର ତାଲିକାର ସମୀକ୍ଷା କରାଯିବା ସହ ୧୮ ବର୍ଷ ବୟସରେ ପହଞ୍ଚିଥିବା ନୂଆ ଭୋଟରଙ୍କୁ ଯୋଡ଼ାଯାଇଥାଏ। ଯେଉଁମାନେ ନିର୍ବାଚନମଣ୍ଡଳୀ ବଦଳାଇଥାନ୍ତି, ତଦନୁଯାୟୀ ପୂର୍ବ ନିର୍ବାଚନମଣ୍ଡଳୀରୁ ସେମାନଙ୍କ ନାଁ କଟାଯାଇ ନୂଆ ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ସାମିଲ କରାଯାଇଥାଏ। ସେହିପରି ଡୁପ୍ଲିକେଟ୍ ଓ ମୃତ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥାଏ।






## ଭୁଶୁଡ଼ିଲା ମାର୍କେଟ କମ୍ପ୍ଲେକ୍ସ

**ଚାପିହୋଇ ଦୋକାନୀ ମୃତ**

**କୋରାପୁଟ,୧୩।୯ (ଅମିତାଭ ବେହେରା)**

କୋରାପୁଟ ସହରର ବସ୍‌ଷ୍ଟାଣ୍ଡ ନିକଟରେ ତଥା ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ୨ ଦୋକାନ ଘର ଭୁଶୁଡ଼ି ଶନିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୋକାନ ମାଲିକ ଲୋକନାଥ ପାତ୍ର(୬୨)। ଅନ୍ୟ ୩ ଜଣ ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରାୟ ୫ ଘଣ୍ଟା ଉଦ୍ଧାର କାର୍ଯ୍ୟ ଚାଲିଥିଲା ବେଳେ ୨୬ ନମ୍ବର ଜାତୀୟ ☞ପୃଷ୍ଠା-୨

## ସାତକୋଶିଆ ବିସ୍ଥାପିତଙ୍କ ଜମିର ହେଉନି କିସମ ପରିବର୍ତ୍ତନ

**ଅନୁଗୋଳ,୧୩।୯ (ଦିବ୍ୟଶାନ୍ତନୁ ନାଥ)**

ଦୀର୍ଘବର୍ଷ ହେଲା ଗାଁ ବିସ୍ଥାପିତ ହେଲାଣି। ଗାଁ ଲୋକେ ଅନ୍ୟ ଅଞ୍ଚଳର ବାସିନ୍ଦା ହେଲେଣି। ଗାଁ ଲୋକଙ୍କ ନାମରେ ଥିବା ଜମି ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ମିଶାଇ ଦିଆଗଲାଣି। ହେଲେ ଉକ୍ତ ଜମିର କିସମ ପରିବର୍ତ୍ତନ ଏଯାଏ ହୋଇପାରି ନାହିଁ। ଏପରି କି ଜମିପଟ୍ଟାରୁ ରୟତମାନଙ୍କ ନାମ କଟାଯାଇ ବନ ବିଭାଗ ନାମରେ ତାହାକୁ କରାଯାଇ ନାହିଁ। ଫଳରେ ଏବେ ବି ପଟ୍ଟାଧାରୀଙ୍କ ନାମରେ ଜମି ଖଜଣା ବାବଦ ଟଙ୍କା ସରକାରୀ ଖାତାରେ



ବିସ୍ଥାପନ ପୂର୍ବରୁ ସାତକୋଶିଆ କୋର୍ ଅଞ୍ଚଳରେ ଥିବା ରାଇଗୁଡ଼ା ଗାଁ।

ବକେୟା ଭାବେ ଗଡ଼ିଚାଲିଛି। ଏପରି ସ୍ଥିତି ସୃଷ୍ଟି ହୋଇଥିବା ରାଜସ୍ୱ ଓ ବନ ବିଭାଗ ଭିତରେ ଆବଶ୍ୟକ ସମନ୍ୱୟ ଅଭାବରୁ ଅଭିଯୋଗ ହେଉଛି। ତେବେ ବିସ୍ଥାପିତ ଲୋକମାନେ ଆଗାମୀ ଦିନରେ ଏହାକୁ ନେଇ ସମସ୍ୟାରେ ପଡ଼ିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସୂଚନା ମୁତାବକ, ସାତକୋଶିଆ ☞ପୃଷ୍ଠା-୨

- **ଜମି ଦଖଲ ନେବା ସତ୍ତ୍ୱେ ପଟ୍ଟାରେ ନାହିଁ ବନ ବିଭାଗ ନାମ**
- **ରାଜସ୍ୱ ବିଭାଗ ସହ ସମନ୍ୱୟ ଅଭାବ ଥିବା ଅଭିଯୋଗ**
- **ଦୀର୍ଘବର୍ଷ ଧରି ଲୋକଙ୍କ ନାମରେ ଗଡୁଛି ଖଜଣା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଦ୍ର ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ପକ୍ଷରୁ ସାଙ୍ଗଠନିକ ଆଲୋଚନା, ସ୍ଥାନ: ହୋଟେଲ୍ ଲୁମ୍ବିନୀ କନଭେନ୍‌ଶନ୍, ନିଳାଦ୍ରି ବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ପୁଅ ଜିଉଁତିଆ (ଦୂତୀବାହନ ଓଷା), ସ୍ଥାନ: ହାଉସିଂବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଓଡ଼ିଶା ସେଲସ୍ ଏକଜିକ୍ୟୁଟିଭ ଆସୋସିଏଶନ ପକ୍ଷରୁ ରକ୍ତଦାନ ଓ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଶ୍ରୀନିବାସ, ତେଲେଙ୍ଗାବଜାର, ସମୟ: ସକାଳ ୯ଟା ୩୦।
- ବିଦ୍ୟାଳୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ନୂଆପାଟଣା, ତିଗିରିଆ,ସମୟ: ସକାଳ ୯ ଟା୩୦।
- ସାହିତ୍ୟ ଓ ସଂସ୍କୃତି ମହୋତ୍ସବ, ୪୯ତମ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ-୨୦୨୫, ସ୍ଥାନ: ଚୌଦ୍ୱାର ଗାନ୍ଧି ଛକସ୍ଥିତ ପୌର ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ପୂର୍ବାହ୍ନ ୧୦ ଟା୩୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ କଟକ ଶାଖା ପକ୍ଷରୁ ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚହଟା, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୩ଟା।
- ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ଶୋଡ଼ଶ ଉପଚାର ପୂଜା ଆରମ୍ଭ, ସ୍ଥାନ: ମା' ଭଟ୍ଟାରିକା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ଇଣ୍ଡିଆନ ଆସୋସିଏଶନ୍ ଅଫ୍ ମେଡିକାଲ ମାଇକ୍ରୋ ବାୟୋଲୋଜିଷ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ୧୬ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ହିନ୍ଦୀ ଦିବସ ପାଳନ ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଟ୍ରାଫିକ କଲୋନୀ କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- କର୍ମ ମନ୍ଦିର ପରିବାର ପକ୍ଷରୁ 'ଆମ ନୂଆଁଖାଇ ଭେଟଘାଟ-୨୦୨୫' ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଉତ୍ତରାୟଣୀ କ୍ଲବ୍, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହୋଟେଲ ହରିପ୍ଲାଜା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ଦିବଂଗତ ରାଜନେତା ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ରାଜନଗର ମଙ୍ଗଳପୁର, ଆଗରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଆମେ ବାରିପଦା ପକ୍ଷରୁ ନାଟକ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- କେସି ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ହିଲପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ନିର୍ମାଣ ସମ୍ମାନ, ସ୍ଥାନ: ରୋଟାରୀ କ୍ଲବ, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- କିନ୍ନରଙ୍କ ମାତା ପୂଜା, ସ୍ଥାନ: ବଡ଼ଖେମୁଣ୍ଡି ସାହି, ବ୍ରହ୍ମପୁର, ସମୟ: ମଧ୍ୟାହ୍ନ ୧୨.୪୫।

## ଗଞ୍ଜାମ

- ବିଶ୍ୱ ହିନ୍ଦୁ ପରିଷଦ (ଗଞ୍ଜାମ ପୂର୍ବ ପ୍ରଖଣ୍ଡ )ପକ୍ଷରୁ ପ୍ରଥମ ରକ୍ତଦାନ ଶିବିର, ସ୍ଥାନ: ଭାରତୀ ବିଦ୍ୟାପୀଠ ଗଞ୍ଜାମ, ସମୟ: ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ।

## ଢେଙ୍କାନାଳ

- ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ୪୫ ମିନିଟ।
- ଶ୍ରୀଜଗନ୍ନାଥଙ୍କ ଦିବ୍ୟଲିଳା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର

- ରଜ ମହୋତ୍ସବ କମିଟି ତରଫରୁ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସିଳନ୍ଦୀ-ଖନ୍ଦୋଳ ରଜ ମହୋତ୍ସବ ପଡ଼ିଆ, ତିର୍ତ୍ତୋଲ, ସମୟ: ସକାଳ ୮ଟା।
- ମା' ଶାରଳା ଫାଉଣ୍ଡେଶନ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କୁମାର ଉତ୍ସବ ପଡ଼ିଆ, ତିର୍ତ୍ତୋଲ, ସମୟ: ସକାଳ ୯ ଟା୩୦।
- ପାରାଦୀପ ପୋର୍ଟ ଲେଡିଜ କ୍ଲବ ପକ୍ଷରୁ ଘାଣ୍ଟ ରୋଷେଇ ପ୍ରତିଯୋଗିତା, ସ୍ଥାନ: ପୋର୍ଟ କ୍ଲବ, ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମଦନା ଜରା ନିବାସ, ନୈନ୍ଦିପୁର, ଗରଦପୁର, ସମୟ: ସକାଳ ୧୦ଟା।

## ଯାଜପୁର

- ବ୍ୟାସ ପ୍ରିଣ୍ଟ୍ ମିଡିଆ ଆସୋସିଏଶନର ୭ମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଦୁର୍ଗାଦେବୀଙ୍କ ଉତ୍‌ଥାନ ପର୍ବ, ସ୍ଥାନ: ନୟାଗଡ଼ ପୁରୁଣା ରାଜବାଟୀ ନିକଟସ୍ଥ ଦୁର୍ଗାଦେବୀ ମନ୍ଦିର, ସମୟ: ସକାଳ ୫ଟା।
- ଘଞ୍ଚ ଜଙ୍ଗଲରୁ ରାଆଁଳା ଖିଲାମୁଣ୍ଡା ରଣପୁର ରାଜବାଟୀକୁ ଆଗମନ ପର୍ବ, ସ୍ଥାନ: ରଣପୁର ରାଜବାଟୀ, ସମୟ: ସକାଳ ୬ଟା
- ବିମଳାଙ୍କ ଷୋଡଶ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ହନୁମାନଙ୍କ କାଠି ପୂଜା ପର୍ବ, ସ୍ଥାନ: ଖଣ୍ଡପଡ଼ା ରାଜବାଟୀ, ସମୟ: ରାତ୍ର ୧୦ଟା।
- ନିଖିଳ ଉତ୍କଳ କଂସାରୀ ସମାଜର ବୈଠକ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗର କଂସାରୀ କଲ୍ୟାଣ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱୀତି ବାହନ ପର୍ବ, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସୁରକ୍ଷା ଏବଂ ସାଇବର ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୦୮ ପ୍ରହର ନାମ ସଙ୍କୀର୍ତ୍ତନ ଓ ଗୋଶାଳା ପ୍ରତିଷ୍ଠା ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ବାଘୁଆ ମନ୍ଦିର, ଗୁଣୁପୁର, ସମୟ: ଅପରାହ୍ନ ୫ଟା।
- ମା' ମାଣିକେଶ୍ୱରୀଙ୍କ ବାଲିଯାତ୍ରା, ସ୍ଥାନ: ବାଲିଯାତ୍ରା ପଡିଆ, ଗୁଡାରି, ସମୟ: ଅପରାହ୍ନ ୫ଟା।
- ମା' ମାଣିକେଶରୀଙ୍କ ଝାମୁ ଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ସମୟ: ରାତି ୯ ଟା।

## କୋରାପୁଟ

- ଆରକ୍ଷୀ ଉପଖଣ୍ଡସ୍ତରୀୟ ସାଧାରଣ ବୈଠକ, ସ୍ଥାନ: ସିମାଦ୍ରୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଇଁ ଆଜ୍ଞାମାଳ, ସ୍ଥାନ: ଭଗବତୀ ମନ୍ଦିର, ଜୟପୁର, ସମୟ: ରାତି ୮ଟା।

## ସମ୍ବଲପୁର

- ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆସ ସ୍କୁଲ ଯିବା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ରିଜର୍ଭ ପୋଲିସ ଲାଇନ, ସମୟ : ସକାଳ ୭ଟା।
- ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସୁନ୍ଦର ସବୁଜ ସମ୍ବଲପୁର କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର, ସମୟ : ସକାଳ ୮ଟା ୩୦।
- ବନ୍ଦନା ଆର୍ଟ କର୍ନର ଓ ଆରକେ ଟ୍ୟୁଟୋରିଆର ପକ୍ଷରୁ ଚିତ୍ରକଳା ଓ ହସ୍ତକଳା ପ୍ରତିଯୋଗୀତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆର୍ଟ ଗ୍ୟାଲେରି, ସମୟ : ସକାଳ ୮ଟା ୩୦।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ଗୀତା ଶ୍ଲୋକ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ : ପବ୍ଲିକ ଲାଇବ୍ରେରି ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ କନ୍ୟାକୁମାରୀ ସମ୍ବଲପୁର ଶାଖା ପକ୍ଷରୁ ବିଶ୍ୱ ଭାତୃତ୍ୱ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା୧୫।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା

## ରାଉରକେଲା

- ଅହୋରାତ୍ର ୮ମ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜଗଦା ବାଟମା ମଙ୍ଗଳା ଶକ୍ତିପୀଠ, ସମୟ: ସକାଳ ୬ଟା।
- ପାନୀୟ ଜଳ ପ୍ରକଳ୍ପ ମୈତ୍ରୀ ଧାରା ଉଦଘାଟନ, ସ୍ଥାନ: ସେକ୍ଟର-୧୭ , ସମୟ: ପୂର୍ବାହ୍ନ ୧୨ଟା।
- ପୁତ୍ରଜୀବିତ୍ସା ପର୍ବ ପାଳନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ପାତ ସାହିତ୍ୟ ସଂସଦ ସାହିତ୍ୟ ସମ୍ମିଳନୀ, ସ୍ଥାନ:ସେକ୍ଟର-୭, ଅନୁଷ୍ଠାନ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପାତଞ୍ଜଳୀ ଯୋଗ କେନ୍ଦ୍ର ପକ୍ଷରୁ ଭାଗବତ ଉପରେ ଆଲୋଚନା ଚକ୍ର, ସ୍ଥାନ:ସେକ୍ଟର-୨୦,ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ପ୍ରତ୍ୟୁଷଯାତ୍ରାରେ ସଫଳତା ସାଙ୍ଗକୁ ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରହେବ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗିପାରନ୍ତି। ଆକସ୍ମିକ ସମସ୍ୟା ଉପୁଜିବାରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** — ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ଘର ସଦସ୍ୟ ବିରକ୍ତି ପ୍ରକାଶ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ବନ୍ଧୁଙ୍କ ପ୍ରଶଂସାଭାଜନ ହେବେ। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବାର ସୂଚନା ରହିଛି।

**ମିଥୁନ** — ଆଜି ଅର୍ଥ, ସମ୍ମାନ ଓ କଳା, ସଙ୍ଗୀତାଦିରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟା ବଢ଼ାଇଦେବେ। ପୂର୍ବ ଯୋଜନା ଅନୁଯାୟୀ କର୍ମ କଲେ ସଫଳତା ପାଇବା ଆଶା କରାଯାଇପାରେ। ଶିଳ୍ପ, ପରିବହନ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** — ବନ୍ଧୁଙ୍କ ଅସହଯୋଗରୁ କର୍ମକ୍ଷେତ୍ରରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ପଡ଼ୋଶୀଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରିୟବନ୍ଧୁଟି ନିଜର ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି ।

**ସିଂହ** — ଆଜିର ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାକ୍ଷାତ୍ କାମକୁ ଆସିବ। ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯାଇପାରେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ପ୍ରଶାସନିକ କିମ୍ବା ରାଜନୀତିରେ ସଙ୍ଗଠନ ଓ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** — ମତାନ୍ତରଜନିତ ପାରିବାରିକ ଅଶାନ୍ତିରୁ ମନ ଅସ୍ଥିର ରହିବ। ଆଜିର ଯାତ୍ରାରେ ହଇରାଣ ହରକତ ହେବାକୁ ପଡ଼ିପାରେ। ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିପାରନ୍ତି। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇ ଦେଇପାରେ।

**ତୁଳା** — ସୁବିଧା ଓ ସହଯୋଗ ଅଭାବରୁ ଆରମ୍ଭ କରିଥିବା କାମ ସମ୍ପନ୍ନରେ ସମସ୍ୟାର ସମ୍ମୁଖୀନ ହେବେ। କେତେକ ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବାରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ରହିଥିବା ବନ୍ଧୁ ଅନ୍ୟର କାନକୁହା କଥା ଶୁଣି ଦୂରେଇ ରହିପାରନ୍ତି। ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବିଛା** — ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ନୂତନ ବସ୍ତ୍ର ଓ ଆଭୂଷଣ ଲାଭ ସହ ବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ରହିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** — ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଆଦାୟ କରିବାରେ ଅନ୍ୟମାନଙ୍କର ସହାୟତା ନେବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** — ଆଜି କର୍ମାରମ୍ଭ, ବନ୍ଧୁଙ୍କ ଆଲୋଚନା ତଥା ବ୍ୟବସାୟ ଓ ବାଣିଜ୍ୟରେ ଆଶାନୁରୂପ ଲାଭ ହେବ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଭଲ କଥା କହିଲେ ମଧ୍ୟ ପରିବାର ସଦସ୍ୟମାନେ ଭୁଲ୍‌ବୁଝି ଓଲଟି ଦୋଷାରୋପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କୁମ୍ଭ** — ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାମ ସମ୍ପନ୍ନ ହେତୁ ଖୁସି ମିଳିବ। ଋଣ ପରିଶୋଧ ସକାଶେ ବନ୍ଧୁ କିମ୍ବା ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆଜିର ଯାତ୍ରା ଓ ଗତାନୁଗତିକ କାମରେ କୌଣସି ବାଧା ଉପୁଜିବ ନାହିଁ।

**ମୀନ** — ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ମାତ୍ର କୌଣସି କାମ ସମ୍ପନ୍ନ କରିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼ିବ ନାହିଁ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା କାରଣରୁ ସାମୟିକ ବିଚଳିତ ଅନୁଭବ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୪ ତାରିଖ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ରବିବାର, ଦ୍ୱିତୀବାହନ ଓଷା, ଦେବ୍ୟୁତ୍‌ଥାପନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ, ବିମଳା ଦେବୀଙ୍କର ମହାପୂଜା ଆରମ୍ଭ, ଦୁର୍ଗାମାଧବ ବିଜେ, ରାଶିନକ୍ଷତ୍ର-ଦିବା ଘ.୦୮।୪୧ ପର୍ଯ୍ୟନ୍ତ ରୋହିଣୀ/ବୃଷ, ଅଷ୍ଟମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫।୩୭ ଗତେ ଘ.୦୨।୪୦ ମଧ୍ୟେ, ଘ.୦୧।୧୩ ଗତେ ଘ.୦୧।୪୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୧୫ ଗତେ ଘ.୦୫।୪୬ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ନୂଆପଡ଼ା ଉପନିର୍ବାଚନ ...

ଅକ୍ଟୋବର ୭ ତାରିଖରେ ସବୁ ଦାବି ଏବଂ ଆପତ୍ତିର ସମାଧାନ କରାଯିବ। ଅକ୍ଟୋବର ୯ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ନୂଆପଡ଼ା ବିଧାନସଭା କ୍ଷେତ୍ର(୭୧)ରୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଥିଲେ। ଗତ ୮ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି। ଢୋଲକିଆଙ୍କ ଦେହାନ୍ତ ପରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀର ଆସନ ଖାଲି ନେଇ ଗତ ୧୧ ତାରିଖରେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇସାରିଛି। ନିୟମାନୁଯାୟୀ କୌଣସି ଆସନ ଖାଲି ହେବାର ୬ ମାସ ମଧ୍ୟରେ ସେଠାରେ ଉପନିର୍ବାଚନ କରାଯିବ। ସେହି କ୍ରମରେ ଏବେଠାରୁ ନୂଆପଡ଼ା ଉପନିର୍ବାଚନ ଲାଗି ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଆଗକୁ ବିହାର ନିର୍ବାଚନ ହେବାକୁ ଯାଉଛି। ତେଣୁ ବିହାର ନିର୍ବାଚନ ନେଇ ଘୋଷଣା ହେବାବେଳେ ନୂଆପଡ଼ା ଆସନର ଉପନିର୍ବାଚନ ତାରିଖ ମଧ୍ୟ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାସିଲା ପଥର ବୁଡ଼ିଲା ଶୋଲ,**
**ହରିବୋଲ ଭାଇ ଗୋବିନ୍ଦ ବୋଲ।**

ଯେଉଁଠି ବିପର୍ଯ୍ୟୟ ଦେଖା ନ ଯିବା କଥା ସେଠି ଯଦି ସେହିଭଳି ଅବସ୍ଥା ସୃଷ୍ଟି ହୁଏ, ତେବେ ସେଥିରୁ ବର୍ତ୍ତିବା ମଣିଷଙ୍କ ପକ୍ଷେ ଦୁରୂହବ୍ୟାପାର ହୋଇଯାଏ। ଏପରିସ୍ଥଳେ ସେଥିରୁ ରକ୍ଷା ପାଇବାଲାଗି କେବଳ ହରି ହିଁ ଭରସା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିତରେ ଭିତରେ ମୂଷା**
**କାଟି ଦେଇଗଲା ଖୋଷା**
**ନହର ଯାକ ଖୋଜା ପଡ଼ିଛି**
**ରଙ୍କକୁ ପଡ଼ିଛି ଦଶା!**

ଧୂର୍ତ୍ତ ପ୍ରକୃତି ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏମିତି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଏପରି ବ୍ୟକ୍ତି ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନେଇ ସରଳ ନିରୀହ ବ୍ୟକ୍ତି ମୁଣ୍ଡରେ ସବୁ ଦୋଷ ଲଦି ଦେଇଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତି କିଛି ନ କରି ମଧ୍ୟ ସମାଜ ଆଖିରେ ନିନ୍ଦନୀୟ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଏସିଆ କପ୍: ଆଜି ...

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ସମସ୍ତେ ପୁରୁଷ ଥିଲେ। ଜବାବରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର କରାଯାଇଥିଲା। ଏହି ଘଟଣାକୁ ୫ ମାସ ପୂରି ନଥିବା ବେଳେ ଦୁଇ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ପ୍ରବଳ ବିରୋଧ କରାଯାଉଛି। ମୃତକଙ୍କ ପରିବାରବର୍ଗଙ୍କ ପକ୍ଷରୁ ମ୍ୟାଚ୍‌କୁ ବର୍ଜନ କରିବାକୁ ଦାବି କରାଯାଉଛି। ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଶୁଭମ ଦ୍ୱିବେଦୀଙ୍କ ସ୍ତ୍ରୀ ଐଶାନ୍ୟା ଦ୍ୱିବେଦୀ କହିଛନ୍ତି ଯେ, ପାକିସ୍ତାନ ସହ ଭାରତ ମ୍ୟାଚ୍ ଖେଳିବା ଉଚିତ ନୁହେଁ। ପହଲଗାମରେ ପ୍ରାଣ ହରାଇଥିବା ୨୬ ଜଣଙ୍କ ପ୍ରତି ବିସିସିଆଇର କୌଣସି ସକାରାତ୍ମକ ମନୋଭାବ ନଥିଲା ଭଳି ମନେହେଉଛି। ସେମାନଙ୍କ ପରିବାରର କେହି ପ୍ରାଣ ହରାଇ ନ ଥିବାରୁ ସେମାନଙ୍କ ଲାଗି ଏହା ମୂଲ୍ୟହୀନ। କ୍ରିକେଟରମାନେ କାହିଁକି ପାକିସ୍ତାନ ସହ ଖେଳୁଛନ୍ତି। ଖେଳାଳିମାନେ ମଧ୍ୟ ନିଜ ପକ୍ଷ ରଖିପାରିବେ। ଏପରିକି ମ୍ୟାଚ୍ ବାତିଲ ପାଇଁ ସୁପ୍ରିମକୋର୍ଟରେ ମଧ୍ୟ ଏକ ଆବେଦନ ଦାଖଲ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, କ୍ରିକେଟ୍ ଦୁଇ ଦେଶ ମଧ୍ୟରେ ବନ୍ଧୁତା ଓ ସମନ୍ୱୟକୁ ଦର୍ଶାଏ। କିନ୍ତୁ ଆମ ସୈନ୍ୟମାନେ ବଳିଦାନ ଦେଉଥିବା ବେଳେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଦେଶ ସହ ମ୍ୟାଚ୍ ଖେଳିବା ଭୁଲ ବାର୍ତ୍ତା ଦେବ ଏବଂ ସଶସ୍ତ୍ର ବାହିନୀର ମନୋବଳକୁ ଦୁର୍ବଳ କରିବ। କିନ୍ତୁ ସୁପ୍ରିମକୋର୍ଟ ଆବେଦନକୁ ଖାରଜ କରିଥିଲେ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ମ୍ୟାଚ୍‌କୁ ବିରୋଧ କରାଯାଉଛି। ଶିବ ସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ, ଯୁଦ୍ଧ ଓ କ୍ରିକେଟ୍ ଏକା ସମୟରେ କେମିତି ଚାଲିପାରିବ। ସେମାନେ ଦେଶଭକ୍ତିକୁ ଏକ ବ୍ୟାପାର କରିଦେଇଛନ୍ତି। ସେମାନଙ୍କୁ କେବଳ ଟଙ୍କା ଦରକାର। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ପ୍ରକାଶ କରିଛନ୍ତି ଯେ, ଏସିସି ଓ ଆଇସିସି ଦ୍ୱାରା ଯେତେବେଳେ ବହୁଦେଶୀୟ ଟୁର୍ନାମେଣ୍ଟ ଆୟୋଜନ କରାଯାଏ, ସେତେବେଳେ ମ୍ୟାଚ୍ ଖେଳିବା ବାଧ୍ୟବାଧକତା ହୋଇଯାଏ। ଯଦି ସେମାନେ ମ୍ୟାଚ୍ ଖେଳିବେ ନାହିଁ, ତେବେ ସେମାନଙ୍କୁ ଟୁର୍ନାମେଣ୍ଟରୁ ବିଦାୟ ନେବାକୁ ପଡ଼ିବ। ସେମାନଙ୍କୁ ମ୍ୟାଚ୍‌ରୁ ଓହରିବାକୁ ପଡ଼ିବ ଓ ପ୍ରତିପକ୍ଷ ଦଳକୁ ପଏଣ୍ଟ ମିଳିବ। କିନ୍ତୁ ପାକିସ୍ତାନ ସହ ଭାରତ କୌଣସି ଦ୍ୱିପାକ୍ଷିକ ଟୁର୍ନାମେଣ୍ଟ ଖେଳେ ନାହିଁ। ତେବେ ଉଭୟ ଭାରତ ଓ ପାକିସ୍ତାନ ଏସିଆ କପ୍ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇ ଦଳ ଯଥାକ୍ରମେ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ୟୁଏଇ ଓ ଓମାନକୁ ହରାଇଛନ୍ତି। ଦୁଇ ଦଳ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୩ ଥର ପରସ୍ପରକୁ ଭେଟିପାରନ୍ତି।

## ୨୭ରେ ଓଡ଼ିଶା ଆସିବେ ...

ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ମୋଦି ତାଙ୍କ ଗତ ଜନ୍ମଦିନ ସମୟରେ ଓଡ଼ିଶା ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ୮ମ ଥର ପାଇଁ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ହେବ। ଅନ୍ୟପକ୍ଷରେ ଭାଜପା କ୍ଷମତାକୁ ଆସିବା ପରଠାରୁ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ପୂରଣ ଏବଂ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରାଯାଇପାରିନାହିଁ। ଏହି ପ୍ରସଙ୍ଗରେ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଦଳର ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି, ଏହି

- **ଏହି ମାସରେ ବହୁ କିଛି ହେବାକୁ ଯାଉଛି: ତୋମାର**
- **ପ୍ରଭାରୀଙ୍କ ମନ୍ତବ୍ୟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା**

ମାସରେ ବହୁ କିଛି ହେବାକୁ ଯାଉଛି। ମୋଦି ଯେତେବେଳେ ଓଡ଼ିଶା ଆସନ୍ତି କିଛି ଦେଇକରି ଯାଇଥାଆନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ସବୁବେଳେ ଯୁବବର୍ଗ, ଏହା ତାଙ୍କର ପ୍ରାଥମିକତା ବୋଲି ତୋମାର କହିଛନ୍ତି।

ମନ୍ତ୍ରୀ ତଥା ଭାଜପା ନେତା ବିଭୂତି ଭୂଷଣ ଜେନା କହିଛନ୍ତି, ୨୭ରେ ପ୍ରଧାନମନ୍ତ୍ରୀ ଆସିବା ଏକ ପ୍ରକାର ନିଶ୍ଚିତ। ଏଥିଲାଗି ଦୁଇରୁ ୩ଟା ଜାଗା ଦେଖାଯାଇସାରିଛି। ବର୍ଷା ଯୋଗୁ ଯେଉଁ ସ୍ଥାନ ଉପଯୁକ୍ତ ହେବ ସେହି ଅନୁଯାୟୀ ଦେଖାଚାଲିଛି, ଯାହା ଦୁଇ ଦିନ ଭିତରେ ସ୍ଥିର ହୋଇଯିବ। କାର୍ଯ୍ୟକ୍ରମରେ ୩ ଲକ୍ଷ ଲୋକଙ୍କ ସମାଗମ ହେବ। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ଅବସରରେ କିଛି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଅନ୍ୟପଟେ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଯେତେବେଳ ପର୍ଯ୍ୟନ୍ତ ଓଡ଼ିଶାର ସବୁ ଖଣି ତାଙ୍କ ବନ୍ଧୁମାନଙ୍କୁ ଲିଜ୍‌ରେ ଦିଆଯାଇ ନାହିଁ ସେତେଦିନ ପର୍ଯ୍ୟନ୍ତ ସେ ଆସୁଥିବେ। ମଣିପୁରରେ ଦୀର୍ଘଦିନ ହେଲା ପ୍ରତିବାଦ ଚାଲିଛି, ଏତେଦିନ ପରେ ତାଙ୍କର ଚେତିଲା ପଶିଲା ବୋଲି ଭକ୍ତ କହିଛନ୍ତି।

## ସାତକୋଶିଆ ବିସ୍ଥାପିତଙ୍କ..

ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବାଘସଂଖ୍ୟା ବୃଦ୍ଧି କରିବା ନିମନ୍ତେ କିଛିବର୍ଷ ତଳେ ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏହା ପୂର୍ବରୁ ଜଙ୍ଗଲର କୋର୍ ଅଞ୍ଚଳରେ ରହିଥିବା ଜନବସତିଗୁଡ଼ିକୁ ବିସ୍ଥାପନ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ନିୟମାବଳୀ ରହିଥିଲା। ଏଥିପାଇଁ ୨୦୧୭ ମସିହାରେ ପ୍ରଥମେ ରାଇଗୁଡ଼ା ରାଜସ୍ୱ ଗ୍ରାମକୁ ଜଙ୍ଗଲ ମଧ୍ୟରୁ ନୂଆଖେତା ଗାଁ ମୁଣ୍ଡକୁ ବିସ୍ଥାପନ କରାଯାଇଥିଲା। ପରେ ଟୁଲୁକା, କଟରଙ୍ଗ ଆଦି ଗାଁ ମଧ୍ୟ ବିସ୍ଥାପିତ ହୋଇଥିଲା। ଗୋପାଳପୁର ଏବଂ ଟିକରପଡ଼ା ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ସ୍ୱେଚ୍ଛାକୃତ ବିସ୍ଥାପନ ପ୍ରକ୍ରିୟା ବନ ବିଭାଗ ପକ୍ଷରୁ ଜାରି ରଖାଯାଇଛି। କିନ୍ତୁ ରାଇଗୁଡ଼ାଠାରୁ ଆରମ୍ଭ କରି କଟରଙ୍ଗ ପର୍ଯ୍ୟନ୍ତ ଯେତେ ରାଜସ୍ୱ ଗ୍ରାମ ବିସ୍ଥାପିତ ହୋଇଛି, ଅଦ୍ୟାବଧି ସେଠାକାର ଲୋକଙ୍କ ନାମରେ ଜମିପଟ୍ଟା ପୂର୍ବପରି ରହିଛି। ବିସ୍ଥାପନ ପରେ ଗାଁ ରାଜସ୍ୱ ଜମି ଜଙ୍ଗଲ କିସମରେ ପରିବର୍ତ୍ତନ ସହ ବନ ବିଭାଗ ନାମରେ ପଟ୍ଟା ହେବା କଥା। କିନ୍ତୁ ୨୦୧୭ ମସିହାରୁ ରାଇଗୁଡ଼ା ବିସ୍ଥାପିତ ହୋଇଥିଲେ ହେଁ ୮ ବର୍ଷ ପରେ ମଧ୍ୟ ଲୋକଙ୍କ ନାମରେ ପଟ୍ଟା ରହିଛି। ଫଳରେ ରାଇଗୁଡ଼ା ଲୋକଙ୍କ ନାମରେ ଜମି ବାବଦ ଖଜଣା ଗଡୁଥିବା ଜଣାପଡ଼ିଛି। ବର୍ଷାଧିକ ସମୟ ହେବ ଲୋକେ ଗାଁ ଛାଡ଼ି ଯାଇଥିବା ବେଳେ ସେମାନଙ୍କ ନାମରେ ସରକାରୀ ଖାତାରେ ଗଡୁଥିବା ଏହି ଖଜଣା କିଏ ଭରଣା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ଏ ନେଇ ତହସିଲଦାରଙ୍କ ସହ ଆଲୋଚନା ହୋଇଛି। ସବିଶେଷ ବିବରଣୀ ଦେବାକୁ କୁହାଯାଇଛି। ଯଥାଶୀଘ୍ର କିସମ ପରିବର୍ତ୍ତନ କରାଯିବ।

## ଭୁଶୁଡ଼ିଲା ମାର୍କେଟ...

ରାଜପଥ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଲୋକନାଥ କେତେଜଣ ଶ୍ରମିକଙ୍କୁ ନେଇ ଦଶହରା ପୂର୍ବରୁ ଦୋକାନ ସଫା କରୁଥିଲେ। ଏହି ସମୟରେ ଶ୍ରମିକମାନେ ଡ୍ରିଲିଂ କାର୍ଯ୍ୟ କରୁଥିବା ବେଳେ ଗୋଟିଏ କୋଠାର ଦୁଇଟି ଦୋକାନ ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଦୋକାନରେ ଥିବା ଲୋକନାଥଙ୍କ ଭାଇ ଓ ୨ ଶ୍ରମିକ ଭାଙ୍ଗିବା ଶବ୍ଦ ଶୁଣି ବାହାରକୁ ବାହାରି ଆସିଥିଲେ। କିନ୍ତୁ ଲୋକନାଥ ଦୋକାନ ଭିତରେ ରହିଯାଇଥିବାରୁ ସେ ଛାତ ତଳେ ଚାପିହୋଇଯାଇଥିଲେ। ଏହା ଦେଖି ତାଙ୍କ ଭାଇ ଶ୍ରୀଧର ପାତ୍ର ବାହାରେ ଅଚେତ୍ ହୋଇପଡ଼ିଥିଲେ। କୋରାପୁଟ ଜିଲା ଏସ୍‌ପି ରୋହିତ ବର୍ମା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଇଥିଲେ। ଏହା ପରେ ଓଏସ୍‌ଏପି ତୃତୀୟ ବାଟାଲିଆନ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଓ କୋରାପୁଟ ଟାଉନ ପୋଲିସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାର ଏକ ଘଣ୍ଟା ପରେ ଲୋକନାଥଙ୍କୁ ଗୁରୁତର ଅବସ୍ଥାରେ ଛାତ ତଳୁ ଉଦ୍ଧାର କରାଯାଇଥିଲା। ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କୋରାପୁଟ ବିଧାୟକ ରଘୁରାମ ମାଛ, ପ୍ରୋବେସନାରି ଆଇଏଏସ୍ ଅଫିସର ସନ୍ତୋଷ ପାତ୍ର, ଉପଜିଲାପାଳ ପ୍ରେମଲାଲ ହିଆଲ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୋଲିସ ଏସ୍‌ଡିପିଓ ଏବଂ ଟାଉନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଏହି ମାର୍କେଟ କମ୍ପ୍ଲେକ୍ସର ଅନ୍ୟ ଦୋକାନ ଗୃହଗୁଡ଼ିକ ଯାଞ୍ଚ କରାଯାଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବର୍ମା ଓ ଉପଜିଲାପାଳ ହିଆଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଲୋକନାଥଙ୍କ ପରିବାର ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ଏସ୍. ସବୀର ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

# ସୁରକ୍ଷା ପ୍ରତିଟି ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

## ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଦୁର୍ଘଟଣା ଶୂନ୍ୟ ରାଜ୍ୟ ଗଢ଼ିବା ପାଇଁ ଆହ୍ୱାନ
- ୧୩ ବ୍ଲକ୍‌ରେ ଗଡ଼ିଲା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥ

କେନ୍ଦୁଝର, ୧୩।୯ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ମାନିତ କରୁଛନ୍ତି।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିରୋ ଆକ୍ସିଡେଣ୍ଟ ଡେ ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶନିବାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯାନର ଶୁଭାରମ୍ଭକରି ସୁରକ୍ଷା କେବଳ ସରକାରଙ୍କ କାମ ନୁହେଁ। ଏଥିପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ଓଡ଼ିଶାକୁ ଏକ ଦୁର୍ଘଟଣା ଶୂନ୍ୟ ରାଜ୍ୟ ଭାବେ ଗଢ଼ିବା ପାଇଁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ।

ଗଣମାଧ୍ୟମକୁ ବିବୃତି ଦେଇ ସେ କହିଥିଲେ, ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ସଫଳତା ପରେ କେନ୍ଦୁଝରରେ ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶା ପ୍ରଥମ ଜିଲା ହୋଇଛି। ଆମର ଲକ୍ଷ୍ୟ ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ସହ ଅନ୍ୟଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚାଇପାରିବ। କେନ୍ଦୁଝର ଏକ ଖଣିବହୁଳ ଅଞ୍ଚଳ ହୋଇଥିବାରୁ ଦିନରାତି ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ହୋଇଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ପ୍ରତ୍ୟେକ ନାଗରିକଙ୍କୁ ଯାତାୟାତ ସମୟରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ସହ ସତର୍କତା ଅବଲମ୍ବନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ସହଯୋଗ ବିନା ଏହା ସଫଳ ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିସହ ଖଣି ଓ ଶିଳ୍ପ କ୍ଷେତ୍ର ସହ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର, କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ଭାରିଯାନଗୁଡ଼ିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟ, ଦସ୍ତଖତ ଅଭିଯାନକୁ ଉଦ୍‌ଘାଟନକରିବା ସହ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଚାରକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାର ସମସ୍ତ ୧୩ ବ୍ଲକ୍‌ରେ ସଡ଼କ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଏସ୍‌ଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇଆଇଟି ମାଡ୍ରାସ୍ ସହାୟତାରେ କେନ୍ଦୁଝରରେ ଏଥିନିମନ୍ତେ ଏକ ୧୪ ଦିନିଆ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ଆଇଆଇଟି ମାଡ୍ରାସ୍‌ର ଏକ ଟିମ୍ ମାର୍ଗଦର୍ଶନ କରିବେ।




# ମାଡ଼ ଭୟରେ ବନ୍ଦ ବାକ୍ସରେ ଛାତ୍ର

ବଣାଇଁ, ୧୩।୯ (ପ୍ରଦୀପ ତ୍ରିପାଠୀ)

- ଅଚେତ ଅବସ୍ଥାରେ ଉଦ୍ଧାର
- ସହପାଠୀଙ୍କୁ ଦାୟୀକଲେ ପରିବାର ଲୋକେ

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡାର ଏକ ବିଦ୍ୟାଳୟର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ବ୍ରାହ୍ମଣଡିହି ଗ୍ରାମରେ ହୋଇଥିବାବେଳେ ସେ ତୃତୀୟ ଶ୍ରେଣୀରେ ପଢ଼ନ୍ତି। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ର ଜଣଙ୍କ ସୁସ୍ଥ ଥିବାବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ଘରକୁ ନେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଛାତ୍ରାବାସରେ କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନଂ. ପଡିବା ସମୟରେ ଛାତ୍ର ଜଣଙ୍କ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ। ଝଗଡ଼ା ଲାଗିଥିବା ସହପାଠୀ ବାକ୍ସ ଭିତରେ ପୂରାଇ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ସହପାଠୀ ଏହାକୁ ମିଛ କଥା କହି ମାଡ଼ ଭୟରେ ନିଜେ ସେ ବାକ୍ସ ଭିତରେ ଲୁଚିଥିବା କହିଛନ୍ତି। ଏହି ଘଟଣା ଅଭିଭାବକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରାବାସରେ ଏଭଳି ଘଟଣା ଘଟୁଥିବାରୁ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ତୁରନ୍ତ ଏନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଡ଼ଚଣାର ପୂର୍ବତନ ଥାନା ଅଧିକାରୀ ନିଲମ୍ବିତ

ଚଣ୍ଡିଖୋଲ, ୧୩।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

## କର୍ତ୍ତବ୍ୟରେ ଅବହେଳା, ପୋଲିସ ଆଇନ ଉଲ୍ଲଂଘନ


ମଧୁସ୍ମିତା ବେହେରା

ଯାଜପୁର ଜିଲା ବଡ଼ଚଣା ଥାନାର ପୂର୍ବତନ ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କୁ ଶନିବାର ନିଲମ୍ବିତ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଓ ପୋଲିସ ଆଇନ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୩୨୧୫ରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ସେ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ନିର୍ଦ୍ଦେଶ ରହିଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଏକ ଔଷଧ ଦୋକାନରେ ରୋଗୀ ଦେଖୁଥିବା ଡାକ୍ତରଙ୍କ ପାଖକୁ ବଡ଼ଚଣା ଥାନା ଅଞ୍ଚଳର ଜଣେ ମହିଳା ଚିକିତ୍ସା ପାଇଁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ଡାକ୍ତର ନକଲି ବୋଲି ମହିଳା ଜଣକ ଜାଣି ବଡ଼ଚଣା ଥାନରେ ଅଭିଯୋଗ କରିଥିଲେ। ୨୪।୦୬।୨୦୨୫ରେ ବଡ଼ଚଣା ଥାନା ଅଧିକାରୀ ଥିବା ମଧୁସ୍ମିତା ଘଟଣାର ତଦନ୍ତ କରିବାକୁ କଟିକଟା ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ପାଇ ନ ଥିଲେ। ଏହାପରେ ସମ୍ପୃକ୍ତ ଡାକ୍ତର ରୋଗୀ ଦେଖୁଥିବା ଔଷଧ ଦୋକାନର ମାଲିକ ପ୍ରଫୁଲ୍ଲ ସାହୁଙ୍କୁ ମଧୁସ୍ମିତା ଉଠାଇ ଆଣି ୩ ଦିନ ଥାନାରେ ଅଟକ ରଖିଥିଲେ। ଏଥିସହିତ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ପରେ ତାଙ୍କୁ ଛାଡ଼ିବାକୁ ମଧ୍ୟସ୍ଥଙ୍କ ଜରିଆରେ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ପୁଅ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଡିଜିପି ଓ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଅଭିଯୋଗର ତଦନ୍ତ କରିଥିଲେ। ଏଥିସହିତ ମଧୁସ୍ମିତାଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ରହିଥିଲା। ଗତ ୫ ଦିନ ତଳେ ଯାଜପୁର ଏସ୍‌ପି ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ମଧୁସ୍ମିତାଙ୍କୁ ବଡ଼ଚଣା ଥାନାରୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିଲେ।

## କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର, ୧୩।୯ (ସୁନିତ୍ ମିଶ୍ର)

୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ୫ ବର୍ଷିଆ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। କେନ୍ଦ୍ର ସରକାରଙ୍କ ଅର୍ଥସେବା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ଯେବେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ ସେବେଠାରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ପଣ୍ଡିତଙ୍କ କେନ୍ଦ୍ରୀୟ ଡେପୁଟେଶନ ନେଇ ଶନିବାର କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ଶାଳିନୀଙ୍କ ସମେତ ବିଭିନ୍ନ ରାଜ୍ୟର ୩୫ ଜଣ ଅଫିସର ଡେପୁଟେଶନରେ ଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଶାଳିନୀ ପଣ୍ଡିତ ଏବେ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ଦାୟିତ୍ୱରେ ଅଛନ୍ତି।

# ସଡ଼କ ଦୁର୍ଘଟଣା: ବାପା ଆଗରେ ଝିଅ ମୃତ

ଆଠଗଡ, ୧୩।୯ (ସତ୍ୟ ପ୍ରସାଦ ରଥ)

ସଡ଼କ ଦୁର୍ଘଟଣାରେ ବାପା ଆଗରେ ଝିଅର ଜୀବନ ଯାଇଛି। କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ନଡୁଆପଡା ନିକଟସ୍ଥ ସାପୁଆ ବ୍ରିଜ୍ ନିକଟରେ ଅପରାହ୍ନରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ହେଲେ ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ମୈତ୍ରୀନଗରର ବିମଳ ଲୋଚନ ସାହୁଙ୍କ ସ୍ତ୍ରୀ ରଶ୍ମିତା (୩୨)। ସେ ଆଠଗଡ଼ ଥାନା ଅନ୍ତର୍ଗତ ଅରଖପାଟଣାସ୍ଥିତ ବାପଘରକୁ ଆସିଥିଲେ। ଅପରାହ୍ନରେ ବାପା ରବୀନ୍ଦ୍ରନାଥ ସାହୁଙ୍କ ସହ ଏକ ସ୍କୁଟିରେ ଶ୍ୱଶୁର ଘରକୁ ଫେରୁଥିବା ବେଳେ ସାପୁଆ ବ୍ରିଜର ହମ୍ପସ୍ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସମ୍ମୁଖପଟୁ ଆସୁଥିବା ଏକ ହାଇୱା (ନଂ.ଓଡି -୦୫- ବିଏନ୍ -୪୦୮୧) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ରଶ୍ମିତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏଥିସହ ହାଇୱା ଚାଳକ ସମୀର କୁମାର ସିଂହକୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଭୁବନେଶ୍ୱରରୁ ମହିଳା ଟ୍ରାଫିକ୍ କନଷ୍ଟେବଲ ନିଖୋଜ

ଭୁବନେଶ୍ୱର, ୧୩।୯ (ସତ୍ୟଜିତ୍ ରାଉତ)

ରାଜଧାନୀରେ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଶୁଭମିତ୍ରା ସାହୁ (୨୫)। ତାଙ୍କ ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପିତୁକୁଲିରେ ହୋଇଥିବା ବେଳେ ସେ ଭୁବନେଶ୍ୱର ସୂର୍ଯ୍ୟନଗରରେ ରହୁଥିଲେ। ଡ୍ୟୁଟିକୁ ଯାଇ ସପ୍ତାହେ ହେବ ଶୁଭମିତ୍ରା ନିଖୋଜ ଥିବାବେଳେ ପୋଲିସ ତାଙ୍କ ପତ୍ତା ପାଇପାରିନାହିଁ। ଏନେଇ ଏତଲାକ୍ରମେ କ୍ୟାପିଟାଲ ଥାନା ପୋଲିସ ଏକ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକୃତକରି ତଦନ୍ତ କରୁଛି। ତେବେ ପୋଲିସ



କମିଶନରେଟ୍ ପୋଲିସ ପକ୍ଷରୁ ସୋସିଆଲ ମିଡିଆରେ ଛଡ଼ାଯାଇଥିବା ଡିଜିଟାଲ ପୋଷ୍ଟର।

## ପୋଷ୍ଟର ଜାରିକଲା କମିଶନରେଟ୍ ପୋଲିସ

ଶୁଭମିତ୍ରାଙ୍କ ପରିଚୟ ପାଇବା ପାଇଁ ସୋସିଆଲ ମିଡିଆର ସାହାଯ୍ୟ ନେଇଛି। ଶୁକ୍ରବାର ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଏନେଇ ପୋଷ୍ଟର ଛଡାଯାଇଛି। ସୂଚନା ଦେବା ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ଶୁଭମିତ୍ରାଙ୍କ ସମ୍ପର୍କରେ କୌଣସି ଖବର ପାଇଲେ ମୋବାଇଲ୍ ନଂ.୭୦୦୮୨୬୪୧୯କୁ କଲ୍ କିମ୍ବା ନଂ.୮୨୮୦୩୩୮୩୦୨କୁ ହ୍ୱାଟ୍ସଆପ୍ ମେସେଜ ଦେଇ ସୂଚନା ଦେବାକୁ କୁହାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ଉଲ୍ଲେଖ କରାଯାଇଛି। ଶୁଭମିତ୍ରାଙ୍କ ପିତାଙ୍କ ନାମ ଦୁର୍ଯ୍ୟୋଧନ ସାହୁ। ତାଙ୍କ ଉଚ୍ଚତା ୫ ଫୁଟ ୫ ଇଞ୍ଚ। ସେପ୍ଟେମ୍ବର ୬ ସକାଳ ପ୍ରାୟ ୧୦ଟାରେ ଶୁଭମିତ୍ରା ସୂର୍ଯ୍ୟନଗରସ୍ଥିତ ଘରୁ ଡ୍ୟୁଟିକୁ ବାହାରି ଯାଇଥିଲେ। ଶୁଭମିତ୍ରାଙ୍କ ଡ୍ୟୁଟି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଥିଲା। କିନ୍ତୁ ଡ୍ୟୁଟି ପରେ ସେ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇବାରୁ ପରିବାର ଲୋକେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ।

## ପ୍ରଶାନ୍ତ ପାଣିଗ୍ରାହୀ ପାଇବେ ଇନ୍‌ସା ଫେଲୋ ସମ୍ମାନ

ଭୁବନେଶ୍ୱର, ୧୩।୯ (ସୁଚିସ୍ମିତା ସାହୁ)

ବିଶିଷ୍ଟ ଓଡିଆ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନୀ ତଥା ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଚଳିତ ବର୍ଷ ଇନ୍‌ସା ଫେଲୋ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଭାରତର ବିଜ୍ଞାନ ଓ ବୈଜ୍ଞାନିକଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ପାଇଁ ୧୯୩୫ ମସିହାରେ ପ୍ରତିଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଇନ୍ ଇଣ୍ଡିଆ (ନିସ) ୧୯୭୦ ମସିହାରୁ ଇଣ୍ଡିଆନ ନ୍ୟାଶନାଲ ସାଇନ୍ସ ଏକାଡେମୀ (ଇନ୍‌ସା) ନାମରେ କାର୍ଯ୍ୟ କରୁଛି। ତେବେ ଇନ୍‌ସାର ଫେଲୋ ହେବା ଏକ ମର୍ଯ୍ୟାଦାଜନକ ଉପଲବ୍ଧି।

# ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ


ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ୨ ଯୁବକଙ୍କ ସହ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼





ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପରକୀୟା ପ୍ରୀତି ସନ୍ଦେହ କରି ଏକ ଅମାନବୀୟ ଘଟଣା ଘଟିଛି। ଗ୍ରାମବାସୀ ୨ ଯୁବକଙ୍କ ସହ ମହିଳାଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି କଙ୍ଗାରୁକୋର୍ଟରେ ନିସ୍ଥୁକ ମାଡ଼ ମାରିଛନ୍ତି। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ପଞ୍ଚାୟତ ଅଧୀନ ଦୁରଦୁରା ଗ୍ରାମର ଜାଙ୍ଗେ ହୋ(୨୨), ଘନଶ୍ୟାମ ହୋ(୨୫), ଅନିଲ ହୋ(୨୫), ପଦ୍ମାବତୀ ହୋ(୩୪), ସୁରୁବାଲି ହୋ(୫୨), ବୁଦୁନୀ ହୋ(୪୮) ଓ ମାଟା ହୋ(୪୫)। ଶୁକ୍ରବାର ଅପରାହ୍ନରେ ଜଣେ ବିଧବା ନିକଟସ୍ଥ ହାଟକୁ ଯାଇ ଘରକୁ ଫେରୁଥିଲେ। ସନ୍ଧ୍ୟା ସମୟରେ ୨ଯୁବକଙ୍କ ସହ କଥା ହୋଇ ଆସୁଥିବାରୁ ଗ୍ରାମର ଲୋକମାନେ ଦେଖି ସନ୍ଦେହ କରିଥିଲେ, ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବାରୁ ଗ୍ରାମବାସୀ ମହିଳାଙ୍କ ସହ ୨ଯୁବକଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫଟୋ ଓ ଭିଡିଓକୁ ଦେଖି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାରେ ଜଡ଼ିତ ଅନ୍ୟ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରିଣୀ ସଂଯୁକ୍ତା ମହାଳିକ କହିଛନ୍ତି।



# ଦୋଷ ଦେବା କାହାକୁ



**ଆକାର ପଟେଲ**

ନିକଟରେ ଚାଇନାର ଉତ୍ଥାନ ସମ୍ପର୍କରେ ବ୍ୟାଖ୍ୟା କରି ଆମେରିକୀୟ ଶିକ୍ଷାବିତ୍ ଡାନ୍ ୱାଙ୍ଗ ଏକ ପୁସ୍ତକ ଲେଖିଛନ୍ତି। ସେ ତାଙ୍କ ସିଦ୍ଧାନ୍ତରେ ଦର୍ଶାଇଛନ୍ତି, ଚାଇନା ହେଉଛି ଏକ ଇଞ୍ଜିନିୟରଙ୍କ ସମାଜ ଏବଂ ସେଠାକାର ସରକାର ଇଞ୍ଜିନିୟରଙ୍କ ଦ୍ୱାରା ଚାଲିଛି। ଅନ୍ୟ ପକ୍ଷରେ ଆମେରିକା ଏକ ଆଇନଜୀବୀ ସମାଜ। ମାନୁଫାକ୍ଚରିଂ ଓ ନିର୍ମାଣରେ ଚାଇନା ଆଗୁଆ ହୋଇଥିବାବେଳେ ଆମେରିକା ସେସବୁ କ୍ଷେତ୍ରରେ ପଛୁଆ ବୋଲି ସେ କହିଛନ୍ତି। ଚାଇନା ବିଶେଷକରି ୨୦୧୫ରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନା ଚୟନ କରିବା ଯୋଗୁ ତାହାର ଅଗ୍ରଗତି ହୋଇପାରିଛି। ତେବେ ଅନେକ ସମୟରେ ଏଭଳି ସବୁ ଚୟନ ବା ବିକଳ୍ପ କାମ କରେନାହିଁ ବୋଲି ୱାଙ୍ଗ ସୂଚିତ କରିଛନ୍ତି। ଏକ ଇଞ୍ଜିନିୟରିଂ ନେତୃତ୍ୱସମ୍ପନ୍ନ ମାନସିକତା ଯୋଗୁ ସାଂଘାଇରେ ଘାତକ ଲକ୍ଡାଉନ ସୃଷ୍ଟି ହୋଇଥିଲା କିମ୍ବା ଏକକ ସନ୍ତାନ ନୀତି ଅଗ୍ରହଣୀୟ ହେବା ସାମ୍ନାକୁ ଆସିଛି। କିନ୍ତୁ ଦ୍ରୁତତମ ଟ୍ରେନ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ପାଣିଜାହାଜ ଓ ରକେଟ ନିର୍ମାଣ, ବିମାନ ଚଳାଚଳ, ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ଶିଳ୍ପ ନୀତିରେ ଚାଇନା ସଫଳ ହୋଇଛି। ଏହିସବୁ କ୍ଷେତ୍ରରେ ଚାଇନା ଯାହା ଚାହିଁଛି ତାହା ହାସଲ କରିଛି। ଆଜି ଆମକୁ ସମାନ ପ୍ରଶ୍ନ ପଚାରିବାକୁ ମୁଁ ଚାହେଁ- ଭାରତ ସରକାର କ'ଣ ହାସଲ କରିବାକୁ ଚାହିଁଛନ୍ତି ଏବଂ ଏହା ପାଇବାକୁ ସଫଳ ହୋଇଛନ୍ତି କି ? ଏହାର ଉତ୍ତର ଅର୍ଥ ବ୍ୟବସ୍ଥା, ନିଯୁକ୍ତି ଏବଂ ବିଶେଷକରି ବୈଦେଶିକ ନୀତିରୁ ମିଳେ। କାହାକୁ ଆମେ ଦୋଷ ଦେବା। ଏସବୁ ବିଷୟକୁ ନେଇ ଆମେ ଚିନ୍ତିତ ନୋହୁଁ। ତେବେ ଭାରତ ସରକାର କେଉଁସବୁ ବିଷୟକୁ ଚୟନ କରି ସେଥିରେ ସଫଳ ହୋଇଛନ୍ତି ତାହା ଦେଖିବା। ଚଳିତ ମାସରେ ରାଜସ୍ଥାନ ପ୍ରୋହିବିଶନ ଅଫ୍ ଅନ୍‌ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ବିଲ୍, ୨୦୨୫ ପାସ୍ ହୋଇଛି। ଏହାର ଗୋଟିଏ ଲକ୍ଷ୍ୟ ହେଉଛି ହିନ୍ଦୁ ଓ ମୁସଲମାନ ମଧ୍ୟରେ ଆନ୍ତଃଧର୍ମୀୟ ବିବାହର ଆପରାଧୀକରଣ ଏବଂ ଦ୍ୱିତୀୟଟି ହେଉଛି ସୁବିଧାସୁଯୋଗରୁ ବଞ୍ଚିତ ସମ୍ପ୍ରଦାୟଗୁଡ଼ିକର ଖ୍ରୀଷ୍ଟଧର୍ମ ଗ୍ରହଣ ପ୍ରକ୍ରିୟାକୁ ବନ୍ଦ କରିବା। ଅନ୍ୟ ଆଇନଗୁଡ଼ିକ ଭଳି ରାଜସ୍ଥାନର ଏହି ଆଇନରେ ଧର୍ମାନ୍ତରୀକରଣ ଉପରେ ଦଣ୍ଡବିଧାନର ପ୍ରାବଧାନ ରହିଛି, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ। ଏଥିରେ କୁହାଯାଇଛି, ଯଦି କୌଣସି ବ୍ୟକ୍ତି ତାଙ୍କ ମୂଳ ବା ପୈତୃକ ଧର୍ମକୁ ଫେରିଆସନ୍ତି, ତେବେ ତାହାକୁ ଧର୍ମାନ୍ତରୀକରଣ ବୋଲି ଗଣାଯିବ ନାହିଁ। ଏହାସହ ପୈତୃକ ଧର୍ମ କହିଲେ, ପୂର୍ବଜଙ୍କ ଧର୍ମ, ବିଶ୍ୱାସ ଓ ପରମ୍ପରା ବୋଲି ଏଥିରେ ସୂଚିତ କରାଯାଇଛି। ଏଭଳି ବିଷୟ ପ୍ରଥମ ଆଇନ ଉତ୍ତରାଖଣ୍ଡ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ରେ ଆରମ୍ଭ କରାଯାଇଥିଲା। ଏହାପରେ ହିମାଚଳପ୍ରଦେଶ (୨୦୧୯), ଉତ୍ତରପ୍ରଦେଶ (୨୦୨୦), ମଧ୍ୟପ୍ରଦେଶ (୨୦୨୧), ଗୁଜରାଟ (୨୦୨୧), ହରିୟାଣା (୨୦୨୨) ଏବଂ କର୍ଣ୍ଣାଟକ (୨୦୨୨) ପ୍ରଣୟନ କରାଯାଇଥିବା ଆଇନରେ ଏଭଳି ସମାନ କଥା ବି କୁହାଯାଇଥିଲା।

ଏହିସବୁ ଆଇନ ଭାଜପା ଶାସନ ସମୟରେ ରାଜ୍ୟଗୁଡ଼ିକରେ ପ୍ରଣୟନ ହୋଇଥିଲା। କିନ୍ତୁ ରାଜସ୍ଥାନ ଆଇନ କିଛି ନୂଆ କଥା ଯୋଡ଼ିଛି। ଏଥିରେ କୁହାଯାଇଛି, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଏବଂ ମେସେଜ ମାଧ୍ୟମରେ ସୂଚନା, ବିଚାରଧାରା କିମ୍ବା ବିଶ୍ୱାସର ପ୍ରଚାରକୁ ଯଦି ଧର୍ମାନ୍ତରୀକରଣ ଉଦ୍ଦେଶ୍ୟରେ କରାଯାଇଥାଏ ତେବେ ତାହାକୁ ଧର୍ମୀୟ ପ୍ରଚାର ଭାବେ ଗଣାଯିବ ଓ ତାହା ବେଆଇନ। ଏଥିରେ ଜେଲ୍‌ଦଣ୍ଡ ଅବଧିକୁ ବୃଦ୍ଧି କରି ୧୪ ବର୍ଷ ରଖାଯାଇଛି ଏବଂ ଆଦିବାସୀ ଓ ଦଳିତ ଯଦି ଧର୍ମାନ୍ତରୀକରଣ କରିଥାନ୍ତି ତେବେ ସେମାନଙ୍କ କ୍ଷେତ୍ରରେ ଜେଲଦଣ୍ଡ ୨୦ ବର୍ଷ ରଖାଯାଇଛି। ଭାଜପା ଦ୍ୱାରା ପ୍ରଣୀତ ଏହିସବୁ ଆଇନ ସମସ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଆମ ସମାଜରେ ସେସବୁ ଗ୍ରହଣୀୟ ହୋଇଛି। ଏହା ଗ୍ରହଣୀୟ ଯେ, ଏହି ରାଜ୍ୟ ଯାହା କରିବାକୁ ସ୍ଥିର କରିଥିଲା ତାହା କରିବାରେ ସଫଳ ହେଲା। ତେବେ ରାଜନୈତିକ ଦୃଷ୍ଟିରୁ ଆଇନଗୁଡ଼ିକୁ ବଦଳାଇବା କଷ୍ଟକର, କାରଣ ସାମାଜିକ ସ୍ତରରେ ସେଗୁଡ଼ିକୁ ଗ୍ରହଣୀୟ କରିଦିଆଯାଇଛି। ଏହିସବୁ ଆଇନ ସପକ୍ଷରେ ଅନେକ ଲୋକ ଅଛନ୍ତି କିମ୍ବା ଏହାକୁ ଅନେକେ ବି ଚାହୁଁନାହାନ୍ତି। ହେଲେ ଏଭଳି ଲୋକଙ୍କ ସଂଖ୍ୟା ତୁଳନାରେ ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ଚାହୁଁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍।

କର୍ଣ୍ଣାଟକରେ ୧୭ ମେ ୨୦୨୨ରେ ଲାଗୁ କରାଯାଇଥିବା ଆଇନରେ ଦର୍ଶାଯାଇଛି, ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ଲୋକମାନେ ୩୦ଦିନ ପୂର୍ବରୁ ଜିଲା ମାଜିଷ୍ଟ୍ରେଟଙ୍କୁ ଏ ସମ୍ପର୍କରେ ଜଣାଇବାକୁ ପଡ଼ିବ। ପରେ ଏହା ବିରୋଧରେ ଥିବା ଅଭିଯୋଗ ସଂଗ୍ରହ କରିବା ସକାଶେ ସମ୍ପୃକ୍ତ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ଏବଂ ତହସିଲ ଅଫିସର ନୋଟିସ ବୋର୍ଡରେ ସେହି ଆବେଦନପତ୍ରକୁ ଲଗାଇବେ। ମେ ୨୦୨୩ରେ କଂଗ୍ରେସ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏହି ଆଇନକୁ ରଦ୍ଦ କରିବ ବୋଲି କହିଥିଲା। ତା' ପର ମାସ ଅର୍ଥାତ୍ ଜୁନ ୧୫ରେ, ''ସିଦ୍ଧ ରମେୟା ନେତୃତ୍ୱାଧୀନ କର୍ଣ୍ଣାଟକ ସରକାର ଧର୍ମାନ୍ତରୀକରଣ ନିରୋଧୀ ଆଇନକୁ ପ୍ରତ୍ୟାହାର କରିନେଇଛନ୍ତି'' ଶୀର୍ଷକ ଖବର ପ୍ରକାଶ ପାଇଥିଲା। କିନ୍ତୁ ତାହା ହୋଇ ନ ଥିଲା। ପରେ ୮ ସେପ୍ଟେମ୍ବରରେ ପ୍ରକାଶ ପାଇଥିଲା, ଧର୍ମାନ୍ତରୀକରଣ ନିରୋଧୀ ଆଇନ ଭାବେ ଜଣାଶୁଣା କର୍ଣ୍ଣାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ସମ୍ପର୍କରେ ସରକାର ବୈଧ ମତ ଲୋଡ଼ିଛନ୍ତି ଏବଂ ସେହି ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ଏଥିରୁ ବୁଝାପଡୁଛି, ସେହି ଆଇନ ଏଯାବତ୍ ବଳବତ୍ତର ରହିଛି। ଦେଖିବାକୁ ଗଲେ ୨୦୧୪ରୁ ଭାଜପା ଶାସିତ ରାଜ୍ୟଗୁଡ଼ିକ କିଛି କରିବାକୁ ଚାହିଁଥିଲେ। ଫଳରେ ୨୦୧୫ରେ ବିଫ୍‌କୁ ନେଇ ଆଇନ, ୨୦୧୮ରେ ଧର୍ମୀୟ ସ୍ୱାଧୀନତା, ୨୦୧୯ରେ ନାଗରିକତ୍ୱକୁ ନେଇ ଆଇନଗୁଡ଼ିକ ଆରମ୍ଭ କରାଯାଇଥିଲା। ଏହାସହ ସର୍ବଧର୍ମ ସହାବସ୍ଥାନକୁ ଶେଷ କରିବା ଏବଂ ସଂଖ୍ୟାଲଘୁଙ୍କୁ ଲକ୍ଷ୍ୟ କରି ଆଇନ ଗଢ଼ାଯାଇଥିଲା। ଏଠାରେ ସରକାର ଯାହା ହାସଲ କରିବାକୁ ଚାହିଁଛନ୍ତି ତାହା ପାଇଛନ୍ତି। ଆମ ସାମ୍ନାରେ 'ମେଡ୍ ଇନ୍ ଚାଇନା ୨୦୨୫' ଯୋଜନାର ଅର୍ଥ କିଛି ରହି ନ ପାରେ, କିନ୍ତୁ ଆମେ ଏହାକୁ ଏବଂ ଅନ୍ୟସବୁ କ୍ଷେତ୍ରକୁ ଗମ୍ଭୀରତାର ସହ ବିଚାର କରି ନ ଥିବାରୁ ବିଫଳ ହୋଇଛୁ। କିନ୍ତୁ 'ରିମେକ୍ ଇଣ୍ଡିଆ ୨୦୨୫' ଯୋଜନାର ସଫଳତାକୁ ଗ୍ରହଣ କରିବା କଷ୍ଟକର ଏବଂ ଏହାର ପରିଣାମ ଆମେ ଏହି ସବୁ ଆଇନ, ଗଣମାଧ୍ୟମ ଏବଂ ଆମ ଚାରିପାଖ ସମାଜରେ ଦେଖିପାରିବା।

Email:aakar.patel@gmail.com

# ଶତାୟୁ ଓଡ଼ିଶା



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଆଉ ଗୋଟିଏ ଦଶନ୍ଧି ପରେ ଓଡ଼ିଶା ପାଳନ କରିବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ହୀରକ ଜୟନ୍ତୀ। ଏବେଠାରୁ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ୨୦୩୬ ମସିହା ସୁଦ୍ଧା ଶତାୟୁ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହେବା ସହିତ ତିଆରି ହେଲାଣି ନକ୍ସା। ସରକାରଙ୍କ ଘୋଷଣା ଅନୁସାରେ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶା ହେବ ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ଅନ୍ୟତମ। ଓଡ଼ିଶାର ସମ୍ବଳ ଓ ଦକ୍ଷତାକୁ ବିଚାରକୁ ନେଲେ ଏହା କିଛି ଅସମ୍ଭବ ନୁହେଁ, ମାତ୍ର ଏଥିପାଇଁ ଆବଶ୍ୟକ ଦୃଢ଼ ନେତୃତ୍ୱ ଓ ନିଷ୍ଠାପର ପ୍ରୟାସ।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା। ସମ୍ଭାବନାକୁ ସାକାର କରିବା ପାଇଁ ଆବଶ୍ୟକ ଯୋଜନାବଦ୍ଧ ବିକାଶ। ବିକଶିତ ଓଡ଼ିଶା ପାଇଁ ଗଲା ୯୦ବର୍ଷ ମଧ୍ୟରେ ରାଜ୍ୟ କେତେ ଆଗକୁ ବଢ଼ିଛି ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେତେ ବାଟ ବାକି ଅଛି - ତାକୁ ଦୃଷ୍ଟିରେ ରଖି ଗତି ସ୍ଥିର କରିବା ଉଚିତ। ବିକଶିତ ଓଡ଼ିଶାର ପ୍ରଥମ ସୋପାନ ହେଉଛି ମୁଣ୍ଡପିଛା ଆୟବୃଦ୍ଧି। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ (୨୦୨୩-୨୪) ଓଡ଼ିଶାରେ ମୁଣ୍ଡପିଛା ଆୟ ୧,୮୩,୭୬୭ ଟଙ୍କା, ଯାହା ଜାତୀୟ ହାର (୨,୧୧,୭୨୫) ଠାରୁ ଯଥେଷ୍ଟ କମ୍। ମୁଣ୍ଡପିଛା ଆୟ କ୍ଷେତ୍ରରେ ଛୋଟ ରାଜ୍ୟ ସିକିମ୍ (୭,୦୭,୧୮୧) ସବା ଆଗରେ ଥିବାବେଳେ ୧୫ ତମ ସ୍ଥାନରେ ରହିଛି ଓଡ଼ିଶା। ଓଡ଼ିଶାରେ ଯଦି ମୁଣ୍ଡପିଛା ଆୟ ନ ବଢ଼ିବ ତେବେ ୨୦୩୬ ମସିହା ସୁଦ୍ଧା କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା ଗଠନ?

ଓଡ଼ିଶାରେ ପ୍ରତି ହଜାରେ ଗ୍ରାମୀଣ ପରିବାର ମଧ୍ୟରୁ ୧୧୩ଟି ପରିବାର ବାସ କରନ୍ତି କଚ୍ଚାଘରେ। ଏ କ୍ଷେତ୍ରରେ ଛତିଶଗଡ଼, ଅରୁଣାଚଳ ପ୍ରଦେଶ ଓ ବିହାର ପରେ ଦେଶର ସବୁଠାରୁ ପଛୁଆ ରାଜ୍ୟ ଓଡ଼ିଶା। ଆଗାମୀ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ଥିବା ପ୍ରତ୍ୟେକ ପରିବାର ଯଦି ପକ୍କା ଘରେ ବାସକରନ୍ତି, ତାହା ହେବ ସମୃଦ୍ଧ ଓଡ଼ିଶାର ଉଲ୍ଲେଖନୀୟ ଉପଲବ୍ଧି।

ଆମ ରାଜ୍ୟରେ ପାଞ୍ଚବର୍ଷରୁ କମ୍ ବୟସର ପ୍ରତି ହଜାରେ ପିଲାଙ୍କ ଭିତରୁ ୨୯୭ ଜଣଙ୍କର ଶାରୀରିକ ଓଜନ କମ୍। ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ମଧ୍ୟରୁ ୩୧୦ଜଣ ବର୍ତ୍ତମାନ କ୍ଷୁଦ୍ରକାୟ। ୧୫ ରୁ ୪୯ ବର୍ଷ ବୟସ୍କ ପ୍ରତି ହଜାରେ ମହିଳାଙ୍କ ମଧ୍ୟରୁ ୨୧୮ଜଣ ରକ୍ତହୀନତା ରୋଗରେ ଆକ୍ରାନ୍ତ। ଏବେ ରାଜ୍ୟରେ ଲକ୍ଷେ ଜୀବିତ ଶିଶୁ ଜନ୍ମ କରୁଥିବା ମା'ମାନଙ୍କ ମଧ୍ୟରୁ ୧୧୯ ଜଣ ମୃତ୍ୟୁବରଣ କରୁଛନ୍ତି ଏବଂ ଜନ୍ମଗ୍ରହଣ କରୁଥିବା ପ୍ରତି ହଜାରେ ଜୀବିତ ଶିଶୁଙ୍କ ମଧ୍ୟରୁ ୩୯ ଜଣ ମୃତ୍ୟୁମୁଖରେ ପଡୁଛନ୍ତି ଜନ୍ମର ପାଞ୍ଚ ବର୍ଷ ମଧ୍ୟରେ। ଏହି ମୃତ୍ୟୁହାରକୁ ସଂକୁଚିତ ନକଲେ କେମିତି ସମ୍ଭବ ହେବ ସମୃଦ୍ଧ ଓଡ଼ିଶା।

ଗୋଟିଏ ଜାତିର ପ୍ରଗତିର ପରିଚାୟକ ହେଉଛି ଶିକ୍ଷା। ସେଥିପାଇଁ କୁହାଯାଏ ଯେଉଁ ରାଜ୍ୟର ଅଧିବାସୀ ଯେତେ ଅଧିକ ଶିକ୍ଷିତ, ସେ ରାଜ୍ୟ ସେତେ ବିକଶିତ। ମାତ୍ର ବିଡ଼ମ୍ବନାର ବିଷୟ ସମୃଦ୍ଧିର ଶିଖର ଆରୋହଣ କରିବାକୁ ଚାହୁଁଥିବା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବହୁ ପଛରେ। କୌଣସିମତେ କାମ ଚଳେଇ ନେବାର ପ୍ରବଣତା ଭିତରେ ପଛକୁ ଠେଲି ହୋଇ ଯାଉଛି ତା'ର ମାନବୃଦ୍ଧିର ଲକ୍ଷ୍ୟ। ଆମ ରାଜ୍ୟରେ ନବମ-ଦଶମ ଶ୍ରେଣୀରୁ ପ୍ରତି ରାଜ୍ୟରେ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୭୩୭ଜଣ ପାଠପଢ଼ା ଛାଡୁଛନ୍ତି, ଯାହା ଦେଶର ସର୍ବାଧିକ ସଂଖ୍ୟା। ସବୁ ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ବି ଏବେ ସୁଦ୍ଧା ସେଥିରୁ ୩୦ ଭାଗ ବିଦ୍ୟାଳୟ ବଞ୍ଚିତ। ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଜଳଜଳ କରି ଦିଶୁଛି ବ୍ୟବସ୍ଥାର ବିକଳ ଚିତ୍ର। ପୂର୍ବାପେକ୍ଷା ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି ସତ, କିନ୍ତୁ ସବୁଠି ଲାଗି ରହିଛି ଶିକ୍ଷକ ମରୁଡ଼ି।



ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ତା'ର ଶ୍ରମ ଶକ୍ତିର ୪୯ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ। ଅଥଚ ରାଜ୍ୟର ଅର୍ଥନୀତିରେ କୃଷିର ଯୋଗଦାନ ମାତ୍ର ୧୯ ପ୍ରତିଶତ। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ୭୦ ପ୍ରତିଶତ ଜମି ଜଳସେଚନରୁ ବଞ୍ଚିତ। ଗୋଟାଏ କୃଷିପ୍ରଧାନ ରାଜ୍ୟରେ କୃଷି ଓ କୃଷକର ଭାଗ୍ୟ ଯଦି ପାଣିପାଗ ଉପରେ ନିର୍ଭର କରେ, ତେବେ କେମିତି ବଦଳିବ ରାଜ୍ୟର ଭାଗ୍ୟ? ଏକଦା ମଧୁବାବୁ ଉତ୍କଳ ସମ୍ମିଳନୀ ମଣ୍ଡପରୁ କହିଥିଲେ ଓଡ଼ିଆ ଜାତିରେ କୃଷକଙ୍କ ସଂଖ୍ୟା ବେଶି। ସେମାନଙ୍କ ଉନ୍ନତି ନ ହେଲେ କେବେବି ସମ୍ଭବ ହେବନି ଜାତିର ଉନ୍ନତି।

୨୦୧୧ ଜନଗଣନା ତଥ୍ୟ ଅନୁସାରେ ସେତେବେଳେ ଓଡ଼ିଶାର ମୋଟ ଜନସଂଖ୍ୟା ୪କୋଟି ୧୯ଲକ୍ଷ ୪୭ ହଜାର ୩୫୮ ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ଥିଲା ୯୭ଲକ୍ଷ ୯୯ହଜାର। ଅର୍ଥାତ ସାକ୍ଷରତା ହାର ଥିଲା ପାଖାପାଖି ୭୬ ପ୍ରତିଶତ। ଇତିମଧ୍ୟରେ ସାକ୍ଷରତା ହାର ଯେ ବଢ଼ିଛି ଏହା ସତ୍ୟ, କିନ୍ତୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ କମ୍। ସ୍ୱତନ୍ତ୍ର ପ୍ରଦେଶ ହେବାର ୯୦ବର୍ଷ ପରେ ବି ୯୦ ପ୍ରତିଶତ ଲୋକଙ୍କୁ ସାକ୍ଷର କରିବାରେ ବିଫଳ ହୋଇଛି ଓଡ଼ିଶା। ନିରକ୍ଷରତା କାରଣରୁ ଓଡ଼ିଶାକୁ ଜାବୁଡ଼ି ଧରିଛି ଦାରିଦ୍ର୍ୟ। ତେଣୁ ସମୃଦ୍ଧ ରାଜ୍ୟ ଗଠନ କରିବାକୁ ହେଲେ ନିରକ୍ଷରତାର ମୂଳୋତ୍ପାଟନ ହେବା ଆବଶ୍ୟକ।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ସ୍ଥିତି ଅତ୍ୟନ୍ତ ଦୁର୍ବଳ। ବିଶେଷକରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବଡ଼ ସମସ୍ୟା ହେଉଛି ଡାକ୍ତରଙ୍କ ଅନୁପସ୍ଥିତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମାପକାଠି ଅନୁସାରେ ଏକ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ରହିବା ଜରୁରୀ। ମାତ୍ର ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ରାଜ୍ୟରେ ଏବେ ସୁଦ୍ଧା ଏମିତି କିଛି ଗାଁ ଅଛି, ଯେଉଁଠିକି ଆବଶ୍ୟକ ବେଳେ ପଶିପାରେନି ୧୦୮ ଆମ୍ବୁଲାନ୍ସ। ତେଣୁ ଦୁର୍ଗମ ଅଞ୍ଚଳର ରାସ୍ତା, ସେତୁ, ନଳାପୋଲ, ଆଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା ଓ ଆନ୍ତଃ ଗ୍ରାମ ସଡ଼କର ଉନ୍ନତୀକରଣ ତଥା ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯିବା ଆବଶ୍ୟକ।

ଓଡ଼ିଶାରେ ଅଛି ସୁବିସ୍ତୃତ ବେଳାଭୂମି। ନଡ଼ିଆଚାଷ ପାଇଁ ଏହା ଉପଯୁକ୍ତ। ଓଡ଼ିଶାରେ ପ୍ରତି ଗାଁରେ ରହିଛି ଦେବଦେବୀ ମନ୍ଦିର। ମନ୍ଦିରର ପ୍ରଧାନ ଫସଲ ହେଲା ନଡ଼ିଆ। ଓଡ଼ିଶାବାସୀ ସବୁଦିନେ ନଡ଼ିଆ ତେଲ ଲଗେଇ ସ୍ନାନ କରନ୍ତି ସତ, କିନ୍ତୁ ଓଡ଼ିଶାରେ ଉତ୍ପାଦନ ହୁଏନି ନଡ଼ିଆତେଲ। ୪୮୦ କି.ମି. ବେଳାଭୂମି ଥିବା ସତ୍ତ୍ୱେ ଆମେ ଆମର ଆବଶ୍ୟକତା ପାଇଁ ବାହାରୁ ଆମଦାନୀ କରୁଛୁ ବାର୍ଷିକ ୬.୭ଲକ୍ଷ ଟନ୍ ଲୁଣ। ଅଥଚ ଆମ ଲୁଣ ଶ୍ରମିକ ବେକାର। ଓଡ଼ିଶାରେ କପା ଉତ୍ପାଦନର ପରିମାଣ ବାର୍ଷିକ ପାଖାପାଖି ୭ଲକ୍ଷ ଟନ୍। କିନ୍ତୁ ସୂତାକଳ ଅଚଳ। ବାହାରୁ ଆମଦାନୀ କରୁଛୁ ବାର୍ଷିକ ହାରାହାରି ୨୫ କୋଟି ଟଙ୍କାର କପଡ଼ା।

ପର୍ଯ୍ୟାପ୍ତ ଜଳସଂପଦ ସାଙ୍ଗକୁ ରାଜ୍ୟରେ ରହିଛି ବିପୁଳ ଅରଣ୍ୟସମ୍ପଦ। କେବଳ ଖଣିଜ ପଦାର୍ଥକୁ ଉତ୍ତୋଳନ କରି ବିକ୍ରି ବାବଦରେ ରୟାଲଟିରୁ ମିଳୁଥିବା ରାଜସ୍ୱ ବ୍ୟତୀତ ଏସବୁକୁ ଏପର୍ଯ୍ୟନ୍ତ ଆମ ମୁଖ୍ୟ ଆୟର ସ୍ରୋତ ଭାବରେ ଗ୍ରହଣ କରି ପାରିନି ରାଜ୍ୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଆମ ରାଜ୍ୟରେ ବିସ୍ତୀର୍ଣ୍ଣ ବେଳାଭୂମି ସହିତ ରହିଛି ବିଶାଳ ଚିଲିକା ହ୍ରଦ, ପୂର୍ବଘାଟ ପର୍ବତମାଳାର ମନୋରମ ମାଳଅଞ୍ଚଳ, ବିଶ୍ୱବିଖ୍ୟାତ ମନ୍ଦିର ଓ ଅନେକ ଐତିହାସିକ ସ୍ଥଳ। ମାତ୍ର ଆଦୌ ସନ୍ତୋଷ ଜନକ ନୁହେଁ ପର୍ଯ୍ୟଟନ ଶିଳ୍ପର ବିକାଶ। ଏଥିରେ ଆୟ ଓ ନିଯୁକ୍ତି ସମ୍ଭାବନା ଥିଲେ ବି ଏ ଦିଗରେ ସରକାର ଉଦାସୀନ।

ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଔଦ୍ୟୋଗିକ ବିକାଶର ନକ୍ସା ପ୍ରସ୍ତୁତ କରିବା ଦରକାର। ଏହି ପ୍ରେକ୍ଷାପଟରେ ୨୦୨୫ ବର୍ଷ ଆରମ୍ଭରେ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା 'ଉତ୍କର୍ଷ ଓଡ଼ିଆ' ଶୀର୍ଷକ ଏକ ଆଡ଼ମ୍ବରପୂର୍ଣ୍ଣ ଓ ବ୍ୟୟବହୁଳ କାର୍ଯ୍ୟକ୍ରମ। ସରକାରଙ୍କ ଘୋଷଣା ଅନୁସାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ସୃଷ୍ଟି ହୋଇଛି ୧୨୮୮ଲକ୍ଷ ନିଯୁକ୍ତି ସମ୍ଭାବନା। ସମୟ କହିବ ପୁଞ୍ଜିନିବେଶ, ପ୍ରକଳ୍ପ ପ୍ରତିଷ୍ଠା ଓ ନିଯୁକ୍ତିର ପରିମାଣ। କିନ୍ତୁ ବିକଶିତ ଓଡ଼ିଶା ପାଇଁ କେବଳ ଶିଳ୍ପ କରିଡ଼ର ପ୍ରତିଷ୍ଠା ଯଥେଷ୍ଟ ନୁହେଁ, ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଲୋଡ଼ା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନେପାଳ ନେତ୍ରୀ

ହିମାଳୟ ଦେଶ ନେପାଳ ରାଜତନ୍ତ୍ରରୁ ମୁକ୍ତି ପାଇବା ପରେ ୨୦୦୮ରେ ଗଣତନ୍ତ୍ରରେ ପାଦ ଦେଇଥିଲା। ରାଜତନ୍ତ୍ର ଉଚ୍ଛେଦ ପରେ ଆଶା କରାଯାଉଥିଲା ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ 'ନ୍ୟାୟ ନେପାଳ' ଗଢ଼ି ଉଠିବ। ହେଲେ ଦୁଇ ଦଶନ୍ଧି ପୂରିବା ପୂର୍ବରୁ ଏହି ଛୋଟିଆ ଦେଶ ଦେଖିଲା ବୃହତ୍ ବିକ୍ଷୋଭ। ଏହାର ନେତୃତ୍ୱ ନେଇଥିବା ବର୍ଗ 'ଜେନ୍ ଜେଡ୍'କୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଲାଗି ରହିଛି। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ତରୁଣ ପିଢ଼ି ଦେଶର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା, ଅସମ୍ଭାଳ ରୂପ ଧାରଣ କରିଥିବା ଦୁର୍ନୀତି ଓ ବେକାର ସମସ୍ୟାରେ ଅତିଷ୍ଠ ହୋଇପଡ଼ିବାରୁ ରାସ୍ତାକୁ ଓହ୍ଲାଇଲେ। ସରକାର ନିଜ ଅପାରଗତା ଲୁଚାଇବା ପାଇଁ ଫେସ୍‌ବୁକ୍, ଟୁଇଟର, ହ୍ୱାଟ୍ସଆପ୍, ୟୁଟ୍ୟୁବ୍ ଭଳି ସୋସିଆଲ ମିଡିଆର ୨୬ଟି ସାଇଟ୍‌କୁ ବନ୍ଦ କରିଦେବା ପରେ ଯୁବପିଢ଼ିଙ୍କ କ୍ରୋଧ ପଞ୍ଚମକୁ ଚାଲିଯାଇଥିଲା। ଅତୀତର ଶ୍ରୀଲଙ୍କା ଓ ବାଂଲାଦେଶରେ ସଂଘଟିତ ହିଂସାତ୍ମକ ବିକ୍ଷୋଭର ପ୍ରତିରୂପ ଯେଭଳି ନେପାଳରେ ପ୍ରତିଫଳିତ ହୋଇଛି। ବିକ୍ଷୋଭକାରୀ ପାର୍ଲାମେଣ୍ଟ, ସୁପ୍ରିମକୋର୍ଟ, ରାଜନୈତିକ ବ୍ୟକ୍ତିଙ୍କ ବାସଭବନରେ ନିଆଁ ଲଗାଇ ଦେବାଠାରୁ ଆରମ୍ଭ କରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେବା ଭଳି କ୍ରୋଧ ପ୍ରକଟ କଲେ। ଏହାର ପରିଣତି ୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିବା ବେଳେ ଅନେକ ଶହ ଆହତ ହୋଇଛନ୍ତି। ଜଳୁଥିବା ନେପାଳକୁ ଦେଖି ପ୍ରଧାନମନ୍ତ୍ରୀ ଥିବା କେ.ପି. ଶର୍ମା ଓଲି ଇସ୍ତଫା ଦେବା ପରେ କେତେକାଂଶରେ ସ୍ଥିତି ସ୍ୱାଭାବିକ ଆଡ଼କୁ ଆସିଛି। ଗଣତନ୍ତ୍ରର ମୁରବୀବିହୀନ ଏହି ଭୂଖଣ୍ଡର ତତ୍କ୍ଷଣାତ୍ ନେତୃତ୍ୱ ନେବା ଲାଗି କିଏ ଯୋଗ୍ୟ ହେବେ ବୋଲି ଖୋଜା ଚାଲୁଥିବା ବେଳେ ସେହି ଦାୟିତ୍ୱ ଏବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କ ଉପରେ ନ୍ୟସ୍ତ କରାଯାଇଛି। ଫଳରେ ସେ ପ୍ରଥମ ମହିଳା ଭାବେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୨୬ ମାର୍ଚ୍ଚରେ ସେଠାରେ ନିର୍ବାଚନ ହେବା ପରେ ଦେଶର ଗଣତାନ୍ତ୍ରିକ ଗତି କିଭଳି ରୂପ ନେବ ଜଣାପଡ଼ିବ। ତେବେ ଯୁବପିଢ଼ି ଯେଉଁ ମହିଳାଙ୍କ ଉପରେ ପ୍ରଚଣ୍ଡ ଭରସା କରି ତାଙ୍କୁ ଏହି ଦାୟିତ୍ୱ ସଅଁପି ଦେଇଛନ୍ତି, ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବ ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ସୁଶୀଳା ୭ ଜୁନ୍ ୧୯୫୨ରେ ନେପାଳର ସାର୍‌ଲାହି ଜିଲା ସାଙ୍କାରପୁରଠାରେ ଛେତ୍ରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପରିବାରର ୭ ସନ୍ତାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠା ଥିଲେ। ସେ

**ବ୍ୟକ୍ତିତ୍ୱ**



ସୁଶୀଳା କାର୍କି

ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଅଧୀନ ମହେନ୍ଦ୍ର ମୋରାଙ୍ଗ କଲେଜରୁ ୧୯୭୨ରେ କଳାରେ ସ୍ନାତକ କରିଥିଲେ। ୧୯୭୫ରେ ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିବା ପରେ ସ୍ୱଦେଶ ଫେରିଥିଲେ। ୧୯୭୮ରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟରୁ ସୁଶୀଳା ଆଇନରେ ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ପରେ ଧରନ୍‌ସ୍ଥିତ ମହେନ୍ଦ୍ର ମଲ୍ଟିପୁଲ କ୍ୟାମ୍ପସରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତେବେ ୧୯୯୦ରେ ସେ ରାଜନୀତିରେ ସ୍ୱଚ୍ଛତା ଆଣିବା ଲାଗି କରାଯାଇଥିବା 'ପିପୁଲ୍ସ ମୁଭମେଣ୍ଟ'ରେ ନିଜକୁ ସାମିଲ କରିଥିଲେ। ସେତିକି ବେଳେ ତାଙ୍କ ନେତୃତ୍ୱ ନେବାର ଆଭାସ ମିଳିଥିଲା। ସେହି ସମୟରେ ସେ ମଧ୍ୟ ବିରାଟନଗର ଜେଲରେ ବନ୍ଦୀ ଜୀବନ କଟାଇଥିଲେ। ଏଭଳି ଅଭିଜ୍ଞତାକୁ ନେଇ ସେ 'କାରା' ନାମରେ ଏକ ଉପନ୍ୟାସ ରଚନା କରିଥିଲେ। ୨୦୦୮ ସେ ଆଇନ ବ୍ୟବସାୟ କରିବାକୁ ଯାଇ ନେପାଳ ବାର୍ ଆସୋସିଏଶନରେ ସିନିୟର ଆଡ୍‌ଭୋକେଟ ହୋଇଥିଲେ। ଆଇନଗତ ବିଦ୍‌ବତ୍ତା ପ୍ରଦର୍ଶନ ପରେ ସେ ୨୦୦୯ ଜାନୁଆରୀରେ ନେପାଳ ସୁପ୍ରିମକୋର୍ଟର ଆଡ୍‌ହକ ଜଷ୍ଟିସ୍ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ। ପରେ ସେ ସ୍ଥାୟୀ ବିଚାରପତି ହୋଇଥିଲେ। ଏପ୍ରିଲ ୨୦୧୬ରେ କଲ୍ୟାଣ ଶ୍ରେଷ୍ଠା ପ୍ରଧାନ ବିଚାରପତି ପଦବୀରୁ ଅବସର ଗ୍ରହଣ କରିବା ପରେ ସାମ୍ବିଧାନିକ ପରିଷଦ ସୁଶୀଳାଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବା ଲାଗି ସୁପାରିସ କରିଥିଲା। ପରବର୍ତ୍ତୀ ସମୟରେ ସେ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ହୋଇଥିଲେ। ଅବଶ୍ୟ ତାଙ୍କ ନିଯୁକ୍ତିକୁ ନେଇ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଏଭଳି କି ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା। ନ୍ୟାୟିକ ଅଡୁଆରେ ଧନ୍ଦି ହୋଇଥିଲେ ହେଁ ୨୦୧୭ ଜୁନ୍ ୬ରେ ସେ ୬୫ ବର୍ଷରେ ପହଞ୍ଚିବା ପରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

ଅବସର ଗ୍ରହଣ କରିବା ପରେ ସୁଶୀଳା ନିଜ ବାଲ୍ୟଜୀବନଠାରୁ ଆରମ୍ଭ କରି ବିଚାରପତି କ୍ୟାରିୟର ଯାଏ ଘଟଣାବଳୀକୁ ନେଇ ଆତ୍ମଜୀବନୀ 'ନ୍ୟାୟ' ଲେଖିଛନ୍ତି। ବିଭିନ୍ନ ମାମଲାରେ ସେ ଐତିହାସିକ ନିଷ୍ପତ୍ତି ନେଇ ଜନପ୍ରିୟତା ହାସଲ କରିଥିବାରୁ ସେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ତେବେ କେ.ପି. ଶର୍ମା ଓଲି ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ବିକ୍ଷୋଭକାରୀମାନେ ଅନ୍‌ଲାଇନ୍ ପ୍ଲାଟଫର୍ମ 'ଡିସ୍‌କର୍ଡ' ମାଧ୍ୟମରେ ଏକ ସର୍ଭେ କରିଥିଲେ, ଯେଉଁଥିରେ ସମ୍ଭାବ୍ୟ ପାଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ସୁଶୀଳାଙ୍କୁ ଚୟନ କରାଯାଇଥିଲା।।

ସ୍ୱାମୀ ଦୁର୍ଗା ପ୍ରସାଦ ସୁବେଦି ଓ ଝିଅକୁ ନେଇ ସୁଶୀଳାଙ୍କ ସଂସାର। ଏକଦା ନେପାଳୀ କଂଗ୍ରେସର ଯୁବ ଶାଖାର ନେତା ଭାବେ ଦୁର୍ଗା ଦେଶରେ ପରିଚିତ ଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ଦୁର୍ଗାଙ୍କ ସହ ସୁଶୀଳାଙ୍କ ସାକ୍ଷାତ୍ ହୋଇଥିଲା।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ପଶ୍ଚିମବଙ୍ଗ ମୁର୍ସିଦାବାଦରେ ମୁକ୍ତାକାଶ ସ୍କୁଲ ଆରମ୍ଭ କରିଛନ୍ତି ପ୍ରଫେସର ଅଂଶୁମାନ ଠାକୁର। ବିଶେଷକରି ଆଦିବାସୀ ପିଲାଙ୍କ ପାଇଁ ସେ ଏହି ସ୍କୁଲ ଖୋଲିଛନ୍ତି ଏବଂ ଏହାର ନାମ ହେଉଛି 'ଅନିର୍ବାଣ ଗଛେର ଇସ୍କୁଲ'। ଅଧାରୁ ପାଠପଢା ଛାଡ଼ିଦେଇଥିବା ପିଲାଙ୍କୁ ପଢ଼ାଇ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତକୁ ସେମାନଙ୍କୁ ଫେରାଇ ଆଣୁଛନ୍ତି। ଅଂଶୁମାନ ମୁର୍ସିଦାବାଦସ୍ଥିତ ପ୍ରଫେସର ସୟଦ ନୁରୁଲ ହାସନ କଲେଜରେ ବେଙ୍ଗଲୀ ସାହିତ୍ୟର ପ୍ରାଧ୍ୟାପକ ଭାବେ କାମ କରୁଛନ୍ତି। ରବୀନ୍ଦ୍ରନାଥ ଠାକୁରଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ସେ ଏଭଳି ଶିକ୍ଷାଦାନ ପଦ୍ଧତିକୁ ଆପଣାଇଛନ୍ତି ଏବଂ ନିମ୍ବ ଓ ଆମ୍ବ ଗଛ ତଳେ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ସେ ପିଲାମାନଙ୍କୁ ଶିକ୍ଷା ମାଧ୍ୟମରେ ପରିବେଶ ସହ ଯୋଡ଼ିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଅଂଶୁମାନ ପ୍ରଥମେ ୫ ଜଣଙ୍କୁ ନେଇ୨୦୨୧ରେ ଏହି ସ୍କୁଲ ଆରମ୍ଭ କରିଥିଲେ। ଏବେ ସେଠାରେ ୧୦୫ ଜଣ ପିଲା ପଢୁଛନ୍ତି। ଏହାକୁ ନିଜସ୍ୱ ରୋଜଗାରରେ ଚଳାଉଛନ୍ତି। ଏହି ସ୍କୁଲ ପାଇଁ ପ୍ରତିମାସରେ ମାତ୍ର ୩୦୦ଟଙ୍କା ହିସାବରେ ବର୍ଷକୁ ୩,୬୦୦ ଟଙ୍କା ଖର୍ଚ୍ଚ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୭୬**

- ଆମେରିକାନ ଏୟାର ଲାଇନ୍‌ସର ବିମାନକୁ ଅପହରଣ କରି ପ୍ୟାରିସ ନେଇଯାଇଥିବା ଅପହରଣକାରୀମାନେ ପଣବନ୍ଦୀମାନଙ୍କୁ ମୁକ୍ତ କରିଦେବା ଫ୍ରାନ୍ସ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।
- ଜାପାନରେ ସାମ୍ପ୍ରତିକ ବାତ୍ୟା ଓ ବର୍ଷା ଫଳରେ ୧୨୦ଜଣ ବ୍ୟକ୍ତିଙ୍କ ପ୍ରାଣହାନି।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 3 | | 7 | |
| 5 | | | | | | | | 1 |
| | | | | 9 | | 8 | | |
| | | 9 | | | | | 4 | |
| | | | | | | 6 | | |
| 3 | 6 | | 4 | | | | | 2 |
| | 8 | 4 | 7 | | | | | |
| 7 | | 6 | | 1 | | | | 5 |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 2 | 5 | 8 | 9 | 1 | 6 |
| 2 | 1 | 8 | 9 | 6 | 4 | 5 | 7 | 3 |
| 9 | 5 | 6 | 7 | 1 | 3 | 8 | 4 | 2 |
| 1 | 6 | 5 | 8 | 7 | 2 | 4 | 3 | 9 |
| 8 | 3 | 9 | 5 | 4 | 6 | 7 | 2 | 1 |
| 4 | 7 | 2 | 3 | 9 | 1 | 6 | 5 | 8 |
| 5 | 9 | 3 | 6 | 2 | 7 | 1 | 8 | 4 |
| 7 | 2 | 1 | 4 | 8 | 9 | 3 | 6 | 5 |
| 6 | 8 | 4 | 1 | 3 | 5 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସା ବିଜ୍ଞାନ ପାଇଁ ଉପହାର

ମହାଶୟ,

ଅନ୍ତର୍ଜାତୀୟ କ୍ୟାନସର ଗବେଷଣା ସଂସ୍ଥା ୨୦୨୨ ମସିହାରେ ଦେଇଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପ୍ରାୟ ୯.୭ ମିଲିୟନ ଲୋକ କ୍ୟାନସରରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏହିପରି ଏକ ଜଟିଳ ରୋଗ ବିରୋଧରେ ରୁଷିଆ ଏକ ଟିକା ପ୍ରସ୍ତୁତ କରିଛି। ଏହି ଟିକାର ନାମ 'ଏଣ୍ଟେରୋମିକ୍ସ'। ଏହାକୁ ରୁଷିଆର ସଂଘୀୟ ଜୀବବିଜ୍ଞାନ ଚିକିତ୍ସା ସଂସ୍ଥାର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏହି ଟିକାକୁ ଦୁଇଟି ବୈଜ୍ଞାନିକ ଉପାୟରେ ବିଭକ୍ତ କରାଯାଇଛି ଯଥା କ୍ୟାନସର କୋଷକୁ ନଷ୍ଟ କରୁଥିବା ଭୂତାଣୁ ଟିକା ଏବଂ ଅନ୍ୟଟି ହେଲା ଏମ୍‌ଆର୍‌ଏନ୍‌ଏ ଟିକା। ଉଭୟ ଉପାୟକୁ ବୈଜ୍ଞାନିକମାନେ ପ୍ରାଥମିକ ସ୍ତରରେ ବ୍ୟବହାର କରି ସଫଳତା ପାଇଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ ଏହି ଟିକା ନେବା ପରେ ଟ୍ୟୁମରର ବୃଦ୍ଧି କ୍ଷମତା କମିଯିବା ସହ ଏହାର ଆକାର ୭୦ ରୁ ୮୦ ପ୍ରତିଶତ ହ୍ରାସ ପାଉଛି। ରୁଷିଆ ସରକାର ଦାବି କରିଛନ୍ତି ଯେ ଏହି ଟିକା ଶରୀର ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଶହେ ପ୍ରତିଶତ ପ୍ରଭାବଶାଳୀ। ପ୍ରାଥମିକ ସ୍ତରୀୟ ପରୀକ୍ଷା ସଫଳ ହେବା ପରେ ଏହାକୁ ରୁଷିଆର ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁମତି ମିଳିଲେ ଟିକା ବଜାରରେ ଉପଲବ୍ଧ ହେବ। ଆଗାମୀ ଭବିଷ୍ୟତରେ ଯଦି ଏହି ଟିକା ସଫଳତାର ସହ ସମସ୍ତ କ୍ୟାନସର ବିରୋଧରେ କାର୍ଯ୍ୟକରେ ତେବେ ଚିକିତ୍ସା ବିଜ୍ଞାନ ପାଇଁ ଏହା ଏକ ସଞ୍ଜୀବନୀ ଭାବେ ନିଶ୍ଚୟ ଉଭାହେବ।

**- ଅଧ୍ୟାପକ ରାଜେଶ ରାୟ, ଉଦ୍ଭିଦ ବିଜ୍ଞାନ ବିଭାଗ, ବିଦ୍ୱାନ ମହାବିଦ୍ୟାଳୟ, ଜୟପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି !
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !

-(ଚକ୍ରବାକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ଏମ୍ସ ଭୁବନେଶ୍ୱର ଦେଶର ୧୪ତମ ଶ୍ରେଷ୍ଠ ମେଡିକାଲ କଲେଜ



ଏନ୍ଆଇଆର୍ଏଫ୍ ର୍‍ୟାଙ୍କିଙ୍ଗ୍ ପ୍ରମାଣପତ୍ର ସହ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା.ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୩।୯(ବନ୍ଦନା ସେଠୀ)**

ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣି ଗୌରବ ଆଣିଛି ଏମ୍ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା (ଏନ୍ଆଇଆର୍ଏଫ୍ ମେଡିକାଲ)ରେ ଏମ୍ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୧୪ତମ ସ୍ଥାନ ମିଳିଛି। ୨୦୨୪ରେ ଏହି ପ୍ରତିଷ୍ଠାନ ଏନ୍ଆଇଆର୍ଏଫ୍ ର୍‍ୟାଙ୍କିଙ୍ଗ୍‌ର ୧୫ତମ ସ୍ଥାନରେ ଥିଲା। ସେହିପରି ସାମଗ୍ରିକ କ୍ଷେତ୍ରରେ ମଧ୍ୟ ଏମ୍ସ ଭୁବନେଶ୍ୱର ଶ୍ରେଷ୍ଠ ଶହେ ଡାକ୍ତରୀ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ରହିଛି। ଶିକ୍ଷାଦାନ, ଶିକ୍ଷା ଏବଂ ସମ୍ବଳ (ଟିଏଲ୍ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆର୍‌ପି), ସ୍ନାତକୋତ୍ତର ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଇନକ୍ଲୁସିଭିଟି (ଓଆଇ) ଏବଂ ପିଅର ପର୍ସେପ୍ସନ (ପିପି) ଭଳି ୫ଟି ମାନଦଣ୍ଡକୁ ଭିତ୍ତିକରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏକାଡେମିକ୍ ଓ ବୃତ୍ତିଗତ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏମ୍ସ ଭୁବନେଶ୍ୱର ଚଳିତବର୍ଷ ୧୦୦ ରୁ ୬୪.୩୧ ସ୍କୋର୍ କରିଛି, ଯାହା ଏହାର ସର୍ବାଙ୍ଗୀନ ପ୍ରଦର୍ଶନ ତଥା ବର୍ଦ୍ଧିତ ଜାତୀୟ ଖ୍ୟାତିର ପ୍ରତିଫଳନ। ଏହି ସଫଳତାକୁ ନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ତଥା ଏମ୍ସର ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ରୋଗୀ ସେବା, ଗବେଷଣା ଏବଂ ଶିକ୍ଷାର ସାମଗ୍ରିକ ବିକାଶରେ ଏହି ପ୍ରତିଷ୍ଠାନ ଉତ୍କର୍ଷର ନିରନ୍ତର ଅନୁସରଣ ଜାରି ରଖିବ ବୋଲି ସେ କହିଛନ୍ତି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍ସର ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ଡିଡିଏ ଲେଫ୍ଟନାଣ୍ଟ କର୍ନେଲ ଅଭିଜିତ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ଡା. ବିନୋଦ କୁମାର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

# ‘କନ୍ୟାଙ୍କ ସୁରକ୍ଷା ପାଇଁ ଦୃଢ଼ ବ୍ୟବସ୍ଥା ଲୋଡ଼ା’

**କଟକ,୧୩।୯(କାର୍ତ୍ତିକ ସାହୁ)**



କନ୍ୟାସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ ପରାମର୍ଶ କର୍ମଶାଳାରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

ଓଡ଼ିଶା ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ କନ୍ୟା ସନ୍ତାନ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ଶୀର୍ଷକ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରି ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଲୋଡ଼ା ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ହାଇକୋର୍ଟର କିଶୋର ନ୍ୟାୟ କମିଟି ଅଧ୍ୟକ୍ଷା ତଥା ବିଚାରପତି ସାବିତ୍ରୀ ରଥ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ସୁଯୋଗ ଅଧିକାରକୁ ସୁନିଶ୍ଚିତ କରିବା ଆମର ମୌଳିକ କର୍ତ୍ତବ୍ୟ ବୋଲି ସେ କହିଥିଲେ। ନ୍ୟୁଜ୍‌ଲେଟରର ମୁଖ୍ୟ ସମ୍ପାଦକ ତଥା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ୍ କମିଟି ସଦସ୍ୟ ବିଚାରପତି ଏ. କେ. ମହାପାତ୍ର ୨୦୧୭ରେ ଆରମ୍ଭ ହୋଇଥିବା

## କନ୍ୟା ସନ୍ତାନ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ପରାମର୍ଶ କର୍ମଶାଳା

ନ୍ୟୁଜ୍‌ଲେଟରର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ମୁଖ୍ୟ ବିଚାରପତି ଟଣ୍ଡନ ଜୁଭେନାଇଲ ଜଷ୍ଟିସ କମିଟିର ନ୍ୟୁଜଲେଟରର ୨୦୨୫ ବର୍ଷ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ କହିଲେ, କନ୍ୟାସନ୍ତାନଙ୍କୁ ସୁରକ୍ଷା, ନ୍ୟାୟ, ମର୍ଯ୍ୟାଦା ଦେବା ବିକାଶର ମୂଳମନ୍ତ୍ର। ପ୍ରତ୍ୟେକ ଶିଶୁକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ସରକାରୀ, ବେସରକାରୀ ଅନୁଷ୍ଠାନ, ଆମର ଢାଞ୍ଚା ବିଷୟରେ ଆମ ସମାଜକୁ ତତ୍ପର ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଥିଲେ।

ୟୁନିସେଫ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ ହାନଲନ ଜୁନିୟର କହିଲେ, ଶିଶୁମାନଙ୍କ ବିରୋଧରେ ହିଂସା କେବଳ ମୌଳିକ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ଏକ ଜରୁରୀ ଜନସ୍ୱାସ୍ଥ୍ୟ ସଙ୍କଟ। କନ୍ୟା ସନ୍ତାନ ଓ ସମସ୍ତ ଶିଶୁଙ୍କ ବିରୋଧରେ ହିଂସା ସମାପ୍ତ କରିବା ପାଇଁ ଆମର ଆଇନକୁ ସୁଦୃଢ଼ କରିବା ସହ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ହାଇକୋର୍ଟ କିଶୋର ନ୍ୟାୟ କମିଟି ସଦସ୍ୟ ବିଚାରପତି ଏମ୍. ଏସ୍. ରମଣ ଧନ୍ୟବାଦ ଦେଇଥିଲେ।

# ‘ଭିସୁଟ୍ ଉତ୍କର୍ଷ ଦେଶ ବିଦେଶରେ ବିସ୍ତାରିତ’




ମଞ୍ଚାସୀନ ଅତିଥିମାନଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଜଣେ ମେଧାବୀ ଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରୁଛନ୍ତି।

## ୧୬ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

**ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)**

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ପିଢ଼ି ପରେ ପିଢ଼ି ପ୍ରଖ୍ୟାତ ଯାନ୍ତ୍ରିକ, ବୈଜ୍ଞାନିକ, ଉଦ୍ଭାବକ ସହ ନେତୃତ୍ୱ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଏଭଳି ଏକ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ କୁଳାଧିପତିଭାବେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବା ମୋ ପାଇଁ ଗୌରବର ବିଷୟ। ଭିସୁଟ୍ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହାର ୧୬ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବା ଅବସରରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି। ସର୍ବପ୍ରଥମେ ଏହି ମାଟିର ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଯାହାଙ୍କ ନାମରେ ଶିକ୍ଷାନୁଷ୍ଠାନ ନାମିତ ହୋଇଛି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଉପନିବେଶବାଦର ଅତ୍ୟାଚାର ବିରୋଧରେ ସୁରେନ୍ଦ୍ର ସାଏଙ୍କ ଅଦମ୍ୟ ସାହସ, ସଂଘର୍ଷ, ତ୍ୟାଗ ଓ ବଳିଦାନରେ ଅନୁପ୍ରାଣିତ ପଦକ ବିଜେତାଙ୍କ ସହ ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶ ବିଦେଶରେ ବିସ୍ତାରିତ। ସେମାନଙ୍କର ଶିକ୍ଷାଭିତ୍ତିକ ଉତ୍କର୍ଷ ଏହି ପ୍ରତିଷ୍ଠାନକୁ ଗୌରବାନ୍ୱିତ କରିଛି। ଏହାର ଗଭୀର ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ନବସୃଜନୀୟ ଶକ୍ତି ଓ ମହାକାଶ ଅନୁସନ୍ଧାନ ଦ୍ୱାରା ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁଳାଧିପତି ଡ. କମ୍ଭମପାଟି କହିଥିଲେ। ତେବେ ଭିସୁଟ୍‌ରୁ ସୃଷ୍ଟ ମାନବ ସମ୍ବଳ ଦକ୍ଷ ବୃତ୍ତିଗତ ମନୋଭାବାପନ୍ନ ନ ହୋଇ ବରଂ ନିଯୁକ୍ତି ସୃଷ୍ଟିକାରୀ, ଉଦ୍ଭାବକ ଏବଂ ଉଦ୍ୟୋଗୀ ଗଠନର ନେତୃତ୍ୱ ନେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ଦଶନ୍ଧି ଦଶନ୍ଧି ଧରି ଭିସୁଟ୍ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ପରିବାରର ପିଲା ଏଠାରେ ଅଧ୍ୟୟନକରି ଦେଶର ବୈଜ୍ଞାନିକ ଓ ଯାନ୍ତ୍ରିକ ଶକ୍ତିର ପ୍ରତୀକ ହେବାରେ ସକ୍ଷମ ହୋଇଛନ୍ତି। ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ପାଇଁ ବିଶ୍ୱ ମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନକରି ଭିସୁଟ୍ ଆଗାମୀ ଦିନରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ବହନ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଚାକିରି ଖୋଜିବା ବଦଳରେ ଚାକିରିଦାତା ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଭିସୁଟ୍‌କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ।

ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭଟଲି ବିଧାୟକ ତଥା ଭିସୁଟ୍ ପରିଚାଳନା ବୋର୍ଡ ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଭିସୁଟ୍‌ର ୧୨୨୦ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାରେ ଉତ୍କୃଷ୍ଟତା ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ ଜଣଙ୍କୁ ଡୋନୋର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ମେଧା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପିଏଚ୍.ଡି. କାର୍ଯ୍ୟକ୍ରମରେ ୭୪ ଜଣ, ଏମ୍‌ଟେକ୍‌ରେ ୧୦୪, ଏମ୍‌ସିଏରେ ୩୯, ଏମ୍ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ୍ ଏମ୍ଏସ୍‌ସିରେ ୪୭, ବିଟେକ୍‌ରେ ୮୭୬, ବି.ଆର୍କ (ସ୍ଥାପତ୍ୟ)ରେ ୧୭ ତଥା ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ ପାଇଁ ୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହାସହ ୪ ଶ୍ରେଷ୍ଠ ଆଲୁମ୍‌ନିଙ୍କୁ ସମ୍ମାନିତ କରାଯାଇଥିଲା।

# ରାଜ୍ୟରେ ୩,୦୬,୬୯୫ ମାମଲା ଫଇସଲା

**କଟକ,୧୩।୯(କାର୍ତ୍ତିକ ସାହୁ)**

## ୨୬୫,୨୬,୯୫,୭୩୯ ଜରିମାନା, କ୍ଷତିପୂରଣ ରାଶି ସ୍ଥିରୀକୃତ

ନ୍ୟାଶନାଲ ଲିଗାଲ ସର୍ଭିସ ଅଥୋରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ



### ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହିଥିବା ମୋଟ ୨୨,୯୩୬ଟି ମାମଲା, ରାଜସ୍ୱ ମାମଲା ୨,୭୬,୦୯୩ଟି ଏବଂ ପ୍ରି-ଲିଟିଗେଶନ ମାମଲା ୭,୬୬୪ଟି ମିଶି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୨୬୫,୨୬,୯୫,୭୩୯ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୩୭୦, ଏନ୍ଆଇ ଆକ୍ଟ ୨୨୦୦, ମନି ରିକଭରି ୬୮୨, ମୋଟରଯାନ ଦୁର୍ଘଟଣାଜନିତ ୧୩୦୯, ଶ୍ରମ ବିବାଦ ୩୯, ବିଦ୍ୟୁତ୍ ଓ ପାଣି ବିଲ ବିବାଦ ୩୫, ବୈବାହିକ ତଥା ପାରିବାରିକ ବିବାଦ ୬୬୦, ଜମି ଅଧିଗ୍ରହଣ ୦୨, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୭୬,୦୯୩, ଖାଉଟି ବିବାଦ ଆଦି ୩୨, ଅନ୍ୟାନ୍ୟ ସିଭିଲ ବିବାଦ ୨,୨୨୮, ଅନ୍ୟାନ୍ୟ ଫୌଜଦାରି ୧୫,୩୭୯, ଋଣ ଆଦାୟ ଟ୍ରିବ୍ୟୁନାଲ ୮, ରାଜ୍ୟ ଖାଉଟି ଅଦାଲତରେ ୨ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୮ଟି, ଭୁବନେଶ୍ୱର ଶ୍ରମ ଅଦାଲତରେ ୨ ଓ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୨ଟି ମାମଲା ଫଇସଲା ହୋଇଛି।

# ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହୃତ ଭାଷା

**ଭୁବନେଶ୍ୱର,୧୩।୯(ବନ୍ଦନା ସେଠୀ)**

## ଆଜି ବିଶ୍ୱ ହିନ୍ଦୀ ଦିବସ




ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ବୈଶିଷ୍ଟ୍ୟ। ଦେଶ ସ୍ୱାଧୀନ ହେବା ପରେ ଭାଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ଶେଷରେ ହିନ୍ଦୀ ଭାଷାକୁ ରାଷ୍ଟ୍ରଭାଷା ବା ରାଜଭାଷାର ମାନ୍ୟତା ମିଳିଥିଲା। ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲେଖାଯାଇଥିବା ହିନ୍ଦୀ ଭାଷାକୁ ରାଷ୍ଟ୍ରର ଭାଷା ରୂପେ ସ୍ୱୀକାର କରିଥିଲେ। ସମ୍ବିଧାନ ସଭାରେ ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ତେଣୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ସେପ୍ଟେମ୍ବର ୧୪କୁ ହିନ୍ଦୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଦୈନନ୍ଦିନ ଜୀବନରେ ହିନ୍ଦୀର ବହୁଳ ବ୍ୟବହାର, ହିନ୍ଦୀ ସାହିତ୍ୟର ପ୍ରସାର କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡିକ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା। ହିନ୍ଦୀ ଏହାର ନାମ ପାର୍ସୀ ଶବ୍ଦ ହିନ୍ଦ୍‌ରୁ ପାଇଛି, ଯାହାର ଅର୍ଥ ହେଉଛି ‘ଇନ୍ଦସ ନଦୀର ଭୂମି।’ ହିନ୍ଦୀ ପୃଥିବୀର ତୃତୀୟ ସର୍ବାଧିକ ବ୍ୟବହାର ହେଉଥିବା ଭାଷା ଭାବରେ ପରିଗଣିତ ହୁଏ। ଭାରତ ବ୍ୟତୀତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଅନ୍ୟ ପଡ଼ୋଶୀ ଦେଶରେ ହିନ୍ଦୀ ଭାଷାରେ ଅନେକ ଲୋକ କଥାବାର୍ତ୍ତା କରିଥାନ୍ତି। ହିନ୍ଦୀ ହଜାର ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଭାଷା।


**OHPC**
**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No.CAD-1739
**No. HHEP/Tech-WK-104, Vol-IV/6161 Date : 10.09.2025**
**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website **www.ohpcltd.com.**

OIPR-04007/11/0072/2526 Sd/- C&P Head, HHEP, Burla



**DISTRICT EDUCATION OFFICE, SAMAGRA SIKHYA, ANGUL**
No.2896, Dated 13.09.2025
**NOTIFICATION**

It is hereby informed to all concerned that the **Draft Provisional List of Applicants** who has applied for various vacancies under **Kasturba Gandhi Balika Vidyalaya (KGBV) Hostels of Angul District** has been published in the **OSEPA website (https://osepa.odisha.gov.in)** and the **District Website (https://angul.odisha.gov.in).**

Applicants are hereby invited to submit their **objections, if any,** against the draft provisional list/draft Reject list in the prescribed objection form. The objection form must be submitted **on or before 23.09.2025** during office hours on working days only, at the Office of the District Education Officer, Samagra Sikhya, Angul.

No Objections will be entertained after the stipulated date.

**Sd./- District Education Officer cum DPC, Angul**



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email : rd_bgh@yahoo.co.in, Gmail : rwd.bgh@gmail.com
**No.O-738 e-Procurement Notice No. ONLINE-BGH-07 of 2025-26**

| | | | |
|---|---|---|---|
| 1 | Name of the Work | : | Building work during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-07 OF 2025-26 | 15.09.2025 at 11.00 A.M. | 25.09.2025 upto 5.00 P.M. | 25.09.2025 upto 4.00 P.M. | 26.09.2025 at 11.00 A.M. |

Further details can be seen from the website **www.tendersorissa.gov.in**.

**Sd./- Executive Engineer**
**R.W. Division, Bargarh**
OIPR-25062/11/0033/2526



**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 12/2025-26**
**No. 3293 / Date : 03.09.2025**

**No.B-490** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.09.2025 at 05.00 P.M. to dt.29.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.03.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer**
**Electrical Circle (R&B), Odisha, BBSR**
OIPR-34006/11/0046/2526



**Government of Jharkhand**
**Directorate of Food & Consumer Affairs**
**3rd Floor, JSFC Bhawan, Kadru, Ranchi -834002**
**Reverse e-Auction Procurement Notice through GeM Portal**
Letter No.-kha.up.ni.01-namak-11/2025- **1506** Date : **12-09-2025**

**Selection Of Bidder For Supply Of Free Flow Refined Iodized Edible Salt (As Per FSSAI Norms) For 2nd Quarter (July 2025 to September 2025) Of Financial Year 2025-26 By e-Tender Through E-Bid Followed By Reverse Auction on GeM Platform.**

| Bid Details | |
|---|---|
| GeM Bid No. | GEM/2025/B/6677183 Dated: 12-09-2025 |
| Earnest Money Deposit (EMD)/Bid Security | Rs. 42,90,000.00 as EMD (margin money) in the form of Demand Draft issued from any scheduled commercial bank in the name of "Director, Directorate of Food and Consumer Affairs, Jharkhand Ranchi" in the office of Directorate of Food and Consumer Affairs, Jharkhand, Ranchi, 3rd JSFC Bhawan, Kadru, Ranchi – 834002 before last date of submission of bid documents. |
| Document Sale Date & Timing i.e Last Date & time for downloading RFP from website http://jharkhand.gov.in/food & GeM portal | From 12-09-2025 to 03-10-2025 |
| Online Bid Submission Period | From 12-09-2025 to 03-10-2025 (1600 hrs.) |
| Pre-Bid Meeting | 19-09-2025 at 12:00 pm through google meet (https://meet.google.com/jxf-paxh-ovq) |
| Date of Auction | Will be published after technical evaluation |
| Nameand concerned person for Correspondence | Mr. Dilip Tirkey Mobile no.- 9470520458 , email- directorfood18@gmail.com |

Sd/-
Director
(Directorate of Food & Consumer Affairs)
PR 361819 (Directorate of Food and Consumer Affairs) 25-26 (D)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H.DIVISION, CUTTACK**
e-mail ID- eephctcii@gmail.com, sephdctc521@gmail.com
**No.C-1057: e-Procurement Notice for**
**Bid Identification No.SEPH-DIVISION, CTC-22 of 2025-26**

1. Name of the Work : 1 No. P.H. Work
2. Estimated Cost : Rs.668.90 Lakh
3. Tender Paper Cost : Rs.10,000.00
4. Period of Completion : 2 Months
5. Date & Time of availability of bid document in the portal : 16.09.2025 from 11.00 A.M. to 03.10.2025 upto 5.00 P.M.
6. Last date & time of seeking clarification : 22.10.2025 upto 5.00 P.M.
7. Last date/time of receipt of bids in the portal : 03.10.2025 upto 5.00 P.M.
8. Date & Time of opening of bids: 04.10.2025 at 11.00 A.M.
9. Name and address of the Officer Inviting Bid : I/C Superintending Engineer P.H. Division, Cuttack- 753004 Odisha, Ph.(0671) 2441063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in. **Sd./- I/C Superintending Engineer P.H. Division, Cuttack**
OIPR-13225/11/0034/2526

## ସଂକ୍ଷେପରେ

### ୧୮ ପ୍ରକଳ୍ପ ପ୍ରଦର୍ଶିତ

ପବିତ୍ରନଗର, ୧୩।୯ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପିଏମ୍ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ପୂର୍ବତନ ଶିକ୍ଷକ କୁଳମଣି ସାମଲ, ଦିଲୀପ କୁମାର ପ୍ରଧାନ ଓ ଏସ୍‌ଏମ୍‌ସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସିଦ୍ଧି ପ୍ରସାଦ ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ୧୮ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ଏଥିରୁ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ବରିଷ୍ଠ ଓ କନିଷ୍ଠ ବିଭାଗରୁ ଗୋଟିଏ ଲେଖାଏ ପ୍ରକଳ୍ପ ମନୋନୀତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଶିଶୁ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ତାଳଚେର, ୧୩।୯ (ମନୋଜ ନନ୍ଦ)

ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ଏବଂ ଡି.ଏ.ଭି ଗାର୍ଲସ ସ୍କୁଲ ଜଗନ୍ନାଥ ତାଳଚେର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିଖିତ ପରବିନ ସୁରକ୍ଷିତ ଶୈଶବ ଉପରେ ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ମମତାରାଣୀ ବିଶିମାଝୀ ଯୌନଗତ ହିଂସା ସମ୍ପର୍କିତ ଅଭିଯୋଗ କିପରି ଏବଂ କାହା ପାଖରେ କରିବାକୁ ହେବ ତାହା ପିଲାମାନଙ୍କୁ ବୁଝାଇଥିଲେ। ଅନୁଷ୍ଠାନ ସମ୍ପାଦକ ବୁଦ୍ଧଦେବ ଦାସ ଶିଶୁ ଅଧିକାର ଅଧିନିୟମ-୨୦୧୨ ଉପରେ ମତାମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାଦେବ ଦାସଙ୍କ ସହିତ ସ୍କୁଲର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ବୈଠକ

ସନ୍ନିଛକ, ୧୩।୯ (ସନ୍ତୋଷ ପରିଡ଼ା)

ବଣ୍ଡାଁରପାଳ ବ୍ଲକ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ଦଶମ ବୋର୍ଡ ପରୀକ୍ଷାରେ କିପରି ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ କୃତକାର୍ଯ୍ୟ ହେବେ ସେଥିପାଇଁ ଦଶମ ଶ୍ରେଣୀ ପିଲାଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପଞ୍ଚ ଶିକ୍ଷା ସେତୁ କମିଟି ସଭାପତି ସତ୍ୟବାନ ବରାହ, ପରିଚାଳନା କମିଟି ସଭାପତି କୁମର ନାଏକ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ବିକ୍ରମ ସାଇଁ, ଅରୋଶ୍ରୀ ପ୍ରଧାନ, ଅଭିଲିପ୍ସା ପତି, ସଂଗ୍ରାମ କେଶରୀ ମହାନ୍ତି, ସୋନାଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନାଳରେ ବୁଡ଼ି ବୃଦ୍ଧ ମୃତ

ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖମାର ଅଞ୍ଚଳରେ ଥିବା ବିଲେଇଖାଇ ନାଳରେ ବୁଡ଼ି ଖମାର ଅଞ୍ଚଳର ରାଜ କିଶୋର ଭୋଇଙ୍କ ଶନିବାର ମୃତ୍ୟୁ ହୋଇଛି। ଠାକୁରଗଡ଼ ପୋଲିସ ରାଜକିଶୋରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ପୋଲିସ କହିଛି, ରାଜକିଶୋର ବିଲେଇଖାଇ ନାଳକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏ ସଂକ୍ରାନ୍ତରେ ନଂ. ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ପୋଲିସ ହାତ ଫାଙ୍କା, କଂଗ୍ରେସର ଆନ୍ଦୋଳନ ଚେତାବନୀ

## ନାବାଳିକା ହତ୍ୟା ମାମଲାକୁ ୭ ଦିନ ବିତିଲା



ତହସିଲ ଅଫିସ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ କଂଗ୍ରେସ ନେତାମାନେ।

ଅନୁଗୋଳ, ୧୩।୯ (ମାନସ ବିଶ୍ୱାଳ)

ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ହତ୍ୟା ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଏହାର ପ୍ରତିବାଦ କରି ଅନୁଗୋଳ କଂଗ୍ରେସ ପକ୍ଷରୁ ଶନିବାର ଜିଲା ସଂଯୋଜକ ଅମ୍ବିକା ଭଞ୍ଜ, ଜିଲା ପ୍ରଭାରୀ, ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ଯୁବନେତା ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ତହସିଲ ଅଫିସ ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଂଗ୍ରେସ ନେତୃବୃନ୍ଦ କହିଥିଲେ, ଗତ ୭ ତାରିଖରେ ଏକ ନାଳରୁ ସମ୍ପୃକ୍ତା ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଥିଲା। ବଳାତ୍କାର ପରେ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ଭାବରେ ପୋଲିସ ଗ୍ରହଣ ନ କରିବାରୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଲୋକମାନଙ୍କୁ ସମର୍ଥନ କରିଥିଲେ। ଏହାପରେ ଏସ୍‌ପି ରାହୁଲ ଜୈନ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମାଧ୍ୟମରେ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତରେ କିଛି ଲାଗି ନାହିଁ। ଜିଲା ପ୍ରଭାରୀ ମହାପାତ୍ର କହିଥିଲେ, ନାବାଳିକା ହତ୍ୟାକାରୀଙ୍କ କୌଣସି ସୂଚନା ଆଜିଯାଏ ନ ମିଳିବା ପୋଲିସ ଓ ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ରାଜ୍ୟରେ ଏପରି ମାମଲା ବଢ଼ି ଚାଲିଛି। ଏଣୁ ଯଥାଶୀଘ୍ର ଘଟଣା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ ସହ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ବାଧହୋଇ ଜିଲା କଂଗ୍ରେସ ରାସ୍ତାକୁ ଓହ୍ଲାଇବ। ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ମୁଖପାତ୍ର ରୂପାଦୀପ୍ତା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ, ଜିତେନ୍ଦ୍ର କୁମାର ସାହୁ, ନୀଳକଣ୍ଠ ନାଏକ, ଉମେଶ ଚନ୍ଦ୍ର ସାହୁ, ତପନ ପ୍ରଧାନ, ବିଜୟାନନ୍ଦ ଚାଉଳିଆ, ବଲବୀର ସିଂ, ମାଣିକ୍ୟ ପ୍ରଭା, ଚିତ୍ତରଞ୍ଜନ ନାଏକ, ସରୋଜ ପ୍ରଧାନ, ସନତ ପ୍ରଧାନ, ଭଜମନ ଦାସ, କ୍ଷୀରୋଦ ପଟ୍ଟନାୟକ, ବନ ବିହାରୀ ପ୍ରଧାନ, ଗଗନ ପ୍ରଧାନ, ଲୋକନାଥ ସାହୁ, ସହଦେବ ବେହେରା, ପିଣ୍ଟୁ ପ୍ରଧାନ, ବାସୁଦେବ ସାମଲ, ବନ୍ଦେଶ ମହାରଣା, ସୌମେନ୍ଦ୍ର ଦେହୁରୀ, ରାକେଶ ସାହୁ, ଯଦୁନାଥ ବେହେରା, ସରୋଜ ପ୍ରଧାନ, ପାର୍ଥବୀର ବେହେରା, ଅରୂପ ସାମଲ, କଣ୍ଡୁନାଥ ଦେହୁରୀ, କସିଦା ଖାନ, ଶାନ୍ତୀ ବେହେରା, ହିମାଂଶୁ ଧଳ, କେଶବ ଭୂତିଆ, ପ୍ରବୋଧ ସାଇଁ, ଆଲୋକ ଦେହୁରୀ ଓ ଶିଶିର ପାଳ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲା।

# ଅପରାଧୀଙ୍କୁ ଗିରଫ, କଠୋର ଦଣ୍ଡ ଦାବି



ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ଅନୁଗୋଳ, ୧୩।୯ (ମାନସ ବିଶ୍ୱାଳ)

ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ହତ୍ୟା ଘଟଣା ଅଞ୍ଚଳବାସୀଙ୍କ ସମେତ ଜିଲାର ସଚେତନଶୀଳ ଜନସାଧାରଣଙ୍କ ହୃଦୟକୁ ଦୋହଲାଇ ଦେଇଛି। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ ପାଇଁ ସବୁ ମହଲରୁ ଦାବି ହେଉଛି। ଏ ନେଇ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଶନିବାର ଆବାହକ ମଣ୍ଡଳୀ ସଦସ୍ୟ ଆଡଭୋକେଟ ବସନ୍ତ କୁମାର ଦାସ, ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଏସ୍‌ପି ରାହୁଲ ଜୈନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ହରିମହୁରି ଛକ-ମିଶ୍ରପଡ଼ା ରାସ୍ତା ସାମୟିକ ବନ୍ଦ

ଅନୁଗୋଳ, ୧୩।୯ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ନିକଟସ୍ଥ ପୋଖରୀରୁ ପାଣି ଉଚ୍ଛୁଳି ରାସ୍ତାରେ ଯିବା ଦ୍ୱାରା ରାସ୍ତା ଖରାପ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଣୁ ଉକ୍ତ ସ୍ଥାନରେ ୨ଟି ହ୍ୟୁମ୍ ପାଇପ ପକାଇ କଲଭର୍ଟ ନିର୍ମାଣ ପାଇଁ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବାରୁ ହରିମହୁରୀ ଛକ - ମିଶ୍ରପଡ଼ା ରାସ୍ତାକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

# ଡ୍ରେନ୍ ନାହିଁ, ରାସ୍ତାରେ ଜମୁଛି ବର୍ଷାପାଣି



ବନ୍ତଳା, ୧୩।୯ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଶାସନସାହି ଗ୍ରାମ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଡ୍ରେନ୍ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ସରପଞ୍ଚଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଶନିବାର ଏହି ସମସ୍ୟା ନେଇ ଗ୍ରାମର ମାନସ ଆମନ୍ତ, କାଳିଆ ବେହେରା, ସୁବାସ ଆମନ୍ତ, ସୁଶୀଲ ପୃଷ୍ଟି, ପ୍ରତାପ ସାହୁ, ସନ୍ତୋଷିନୀ ପୃଷ୍ଟି ପ୍ରମୁଖ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ରାସ୍ତା ନିର୍ମାଣ ସମୟରେ ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ସ୍ଥାନ ଥାଇ ମଧ୍ୟ ଡ୍ରେନ୍ ନିର୍ମାଣ ହୋଇନାହିଁ। ଫଳରେ ବର୍ଷା ପାଣି ଜମି ରହିବା ଯୋଗୁ ବିଭିନ୍ନ ସଂକ୍ରାମକ ରୋଗର ସମ୍ଭାବନା ରହିଛି। ଏଥିପାଇଁ ମଶାଙ୍କ ବଂଶ ବୃଦ୍ଧି ସହ ଡେଙ୍ଗୁ ଓ ମ୍ୟାଲେରିଆ ସହ ଚର୍ମ ରୋଗର ଆଶଙ୍କା ବୃଦ୍ଧି ପାଇଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୦୮ ମାମଲାର ବିଚାର



ଆଠମଲ୍ଲିକ, ୧୩।୯ (ଉଦିପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ସବଜଜ୍ ଲିଙ୍କି ପ୍ରିୟା ସାହୁ, ଏସ୍‌ଡିଜେଏମ୍ ସିଙ୍କୁନ ରୟ ପ୍ରମୁଖ ଯୋଗଦେଇ ମାମଲାଗୁଡିକର ବିଚାର କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୨୦୮ଟି ମାମଲା ବିଚାର ପାଇଁ ଗ୍ରହଣ ହୋଇଥିଲାବେଳେ ସେଥିରୁ ୭୯ ଟି ମୋଟର ଦୁର୍ଘଟଣା ମାମଲାର ବିଚାର କରାଯାଇ ୨୭ ଲକ୍ଷ ୫ ହଜାର ଟଙ୍କା ଇନ୍ସୁରାନ୍ସ କମ୍ପାନୀଙ୍କ ଦ୍ୱାରା ଦୁର୍ଘଟଣା ଜନିତ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ବ୍ୟାଙ୍କ ପ୍ରତିଷ୍ଠାନର ୧୪୯ଟି ମାମଲାରୁ ୪ ଟି ସମାଧାନ କରାଯାଇ ୪୩ ହଜାର ଟଙ୍କା ଅସୁଲ କରାଯାଇଥିଲା। କ୍ରିମିନାଲ ଓ ସିଭିଲ ମାମଲା ମଧ୍ୟ ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ଷ୍ଟେଟ୍ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ୟୁକୋ ବ୍ୟାଙ୍କର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କୋର୍ଟ କର୍ମଚାରୀ ଅମିତ କୁମାର ନାୟକ, ସିଦ୍ଧାର୍ଥ ମହାନ୍ତି, ଶୁଭେନ୍ଦୁ ମୋହନ ସେଠୀ, ଦୁଷ୍ମନ୍ତ ନାୟକ, ଶିବାନନ୍ଦ ସେଠୀଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଇନଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଡ୍ରପ୍‌ଆଉଟ୍ ରୋକିବାକୁ ସଚେତନତା

ଆଠମଲ୍ଲିକ, ୧୩।୯ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ଆସ ଆମେ ସ୍କୁଲ ଯିବା ଓ ଡ୍ରପ୍‌ଆଉଟ ରୋକିବା ବାର୍ତ୍ତାଦେଇ ସହରବାସୀଙ୍କୁ ସଚେତନ କରିଛନ୍ତି। ଏ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ଅନିତା ବାରିକ, ଶିକ୍ଷକ ସତ୍ୟରଞ୍ଜନ ଜେନା, ସୌମ୍ୟରଞ୍ଜନ ମହାକୁଡ଼, ମହେନ୍ଦ୍ର ସିଠ, ଆଦିତ୍ୟ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବଡ଼କେରାରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ



ବନ୍ତଳା, ୧୩।୯ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡକେରା ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବଡକେରା ପ୍ରାଥମିକ ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର ଏକ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ବଡକେରା ପିଏମଶ୍ରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଶାସନ ବଜାର ଆଦିମାତା ମନ୍ଦିର ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଅନୁଗୋଳ ସହକାରୀ ବ୍ଲକ ଶିକ୍ଷାଧିକାରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବଡକେରା ସରପଞ୍ଚ ହାଡିବନ୍ଧୁ ବେହେରା, ବଡକେରା ସିଆର୍‌ସିସି ଲକ୍ଷ୍ମୀଧର ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଓ ପଞ୍ଚସଖା ଶିକ୍ଷା ସେତୁ ସଭ୍ୟ ସନ୍ତୋଷ କୁମାର ପୃଷ୍ଟି, ସଭ୍ୟ ରମେଶ ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବିଶ୍ୱାଳ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ତଥା ଅଭିଭାବକ ବୃନ୍ଦ ଯୋଗଦେଇ ପଦଯାତ୍ରାକୁ ସଫଳ କରିଥିଲେ।

# ରାସ୍ତା, ପୋଲ ନିର୍ମାଣ ହେଉନି

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଞ୍ଚଳବାସୀ



ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳକୁ ଯାଇଥିବା ରାସ୍ତାର ଉନ୍ନତୀକରଣ କରାଯାଉ ନାହିଁ। ଉକ୍ତ ରାସ୍ତାରେ ପଡୁଥିବା ଏକ ନାଳ ଉପରେ ପୋଲ ମଧ୍ୟ ନିର୍ମାଣ ହେଉନାହିଁ। ଫଳରେ ଦୀର୍ଘବର୍ଷ ଧରି ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମଇମୁରା ପଞ୍ଚାୟତ ପୀତାବଳିବାହାଲ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ପୀତାବଳିବାହାଲ ଗ୍ରାମରୁ ଆଦିବାସୀ ସାହିକୁ ଯାଇଥିବା ମାଟି ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅରେ ଭରିଯାଉଛି। ଉକ୍ତ ରାସ୍ତା ମରାମତି କରାଯାଉ ନ ଥିବାବେଳେ ପଡୁଥିବା ନାଳ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ନାଳ ଉପରେ ପୋଲ କରାଯାଉ ନ ଥିବାରୁ ଯାତାୟାତ କଷ୍ଟକର ହୋଇପଡୁଛି। ଏପରି କି ବର୍ଷା ବେଳେ ନାଳରେ ପାଣିର ସ୍ରୋତ ରହୁଥିବାରୁ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଛି। ଏ ନେଇ ଅଞ୍ଚଳବାସୀ ବହୁବାର ପ୍ରଶାସନଠାରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ରବୀନ୍ଦ୍ର ନାୟକ, ଭଜମନ ନାୟକ, ସୁଶାନ୍ତ ପ୍ରଧାନ, ଅଭିମନ୍ୟୁ ନାୟକ, ସବିତା ନାୟକ, ହେମନ୍ତ ଖିଲାରୀ, ପ୍ରଫୁଲ୍ଲ ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

# କାର୍ ଓଲଟି ୩ ଗୁରୁତର



ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ସୁସବ ନିକଟରେ ଶନିବାର ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗାଡ଼ିରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ଜଣାପଡିନାହିଁ। ସେମାନଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କଟକରୁ ସମ୍ବଲପୁର ଅଭିମୁଖେ କାର୍‌ଟି ଯାଉଥିବାବେଳେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା ପୋଲିସ ପ୍ରକାଶ କରିଛି।

# ଡାକ୍ତରଖାନା ନିର୍ମାଣ ନେଇ ବିବାଦ, ଗାଁରେ ବୈଠକ



ବନ୍ତଳା, ୧୩।୯ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ସୁସୁଡ଼ା ପଞ୍ଚାୟତ ଆଙ୍କୁଲା ଗ୍ରାମର ଏକ ସରକାରୀ ଜମିରେ ଡାକ୍ତରଖାନା ନିର୍ମାଣ ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଗ୍ରାମର ଗୋଟିଏ ପରିବାର ବିରୋଧ କରିବାରୁ ବିବାଦ ଦେଖାଦେଇଛି। ଏ ନେଇ ଶୁକ୍ରବାର ଗାଁରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ସୂଚନା ଅନୁଯାୟୀ, ଆଙ୍କୁଲା ଗ୍ରାମର ସରକାରୀ ଖାତା ନଂ. ୧ ପ୍ଲଟ ନମ୍ବର ୩୧୬ ଏବଂ ୩୧୭ ଉପରେ ଜିଲା ଖଣିଜ ପାଣ୍ଠି ଅନୁଦାନରେ ଏକ ସରକାରୀ ଡାକ୍ତରଖାନା ନିର୍ମାଣ ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଡାକ୍ତରଖାନା ନିର୍ମାଣ ହେଲେ ଗ୍ରାମବାସୀଙ୍କ ସମେତ ଆଖପାଖ ୧୦ ଖଣ୍ଡ ମୌଜାର ଲୋକେ ଏଥିରେ ଉପକୃତ ହେବେ। ହେଲେ ଗ୍ରାମର ଗୋଟିଏ ପରିବାର ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୯ ତାରିଖରେ ଅନୁଗୋଳ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହିପରି ବିରୋଧ କରୁଥିବା ଉକ୍ତ ପରିବାର ପକ୍ଷରୁ ମଧ୍ୟ ଗ୍ରାମବାସୀଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଥିଲା। ଗ୍ରାମରେ ଏକ ମିଳିତ ବୈଠକ ଦ୍ୱାରା ଏହାର ନିଷ୍ପତ୍ତି ନେବାକୁ ଥାନା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତଦନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମରେ ବୈଠକ ବସିଥିଲା। ଏଥିରେ ଉଭୟ ପକ୍ଷ ଯୋଗ ଦେଇଥିଲେ ହେଁ ଡାକ୍ତରଖାନା ନିର୍ମାଣକୁ ବିରୋଧ କରୁଥିବା ପରିବାର କୌଣସି ମତାମତ ଦେଇ ନ ଥିଲେ। ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଗ୍ରାମବାସୀ ନିଷ୍ପତ୍ତି ନେବା ସହ ଥାନାକୁ ଜଣାଇ ଦିଆଯିବ ବୋଲି କହିଥିଲେ। ଶନିବାର ଗ୍ରାମବାସୀଙ୍କ ପକ୍ଷରୁ ବୈଠକ ସମ୍ପର୍କରେ ଥାନାକୁ ଜଣାଇ ଦିଆଯାଇଥିବା ସୂଚନା ମିଳିଛି।

# ହାତୀ ଗତିପଥ ପରିବର୍ତ୍ତେ ବନ୍ଧ ହୁଡ଼ାରେ ହାଇମାଷ୍ଟ ଲାଇଟ୍

## ସାହି ବାସିନ୍ଦାଙ୍କ ଗୁରୁତର ଅଭିଯୋଗ




ଅଭିଯୋଗକାରୀ ଧୋକୁଟା ପଞ୍ଚାୟତ ହରିଜନ ସାହି ବାସିନ୍ଦା। ବନ୍ଧହୁଡ଼ାରେ ଲଗାଯାଇଥିବା ଲାଇଟ୍।

ବନ୍ତଳା, ୧୩।୯ (ସୁଶିତ ସାହୁ)

ହାତୀ ଉପଦ୍ରବ ଓ ଜୀବନହାନି ପରେ ଅନୁଗୋଳ ବ୍ଲକ ଧୋକୁଟା ପଞ୍ଚାୟତ ହରିଜନ ସାହି ବାସିନ୍ଦାଙ୍କ ଦାବି ଅନୁଯାୟୀ ୨ଟି ହାଇମାଷ୍ଟ ଲାଇଟ୍ ପ୍ରଦାନ କରାଯାଇଥିଲା। ହେଲେ ସେଥିରୁ ଗୋଟିଏ ଲାଇଟ୍ ହାତୀ ଗତିପଥରେ ଲଗାଯାଇଥିବା ବେଳେ ଅନ୍ୟଟି କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ବନ୍ଧ ହୁଡ଼ାରେ ଲଗାଯାଇଥିବା ସାହି ବସିନ୍ଦା ଅଭିଯୋଗ କରିଛନ୍ତି। ସାହିବାସୀଙ୍କ ପକ୍ଷରୁ ରୋହିତ କୁମାର ନାଏକ ଏ ନେଇ ଗତ ମେ ୬ ତାରିଖରେ ଅନୁଗୋଳ ଡିଏଫ୍‌ଓଙ୍କୁ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗରେ ରୋହିତ ଦର୍ଶାଇଛନ୍ତି, ଗତ ମାର୍ଚ୍ଚ ମାସରେ ସାହିର ପୂର୍ବ ଓ ପଶ୍ଚିମ କେନାଲ ବନ୍ଧ ହାତୀ ଗତିପଥରେ ୨ଟି ଲାଇଟ ଲଗାଯିବାକୁ ଦାବି କରାଯାଇଥିଲା। ଦାବି ମୁତାବକ ୧ ମାସ ପରେ ବନବିଭାଗ ପକ୍ଷରୁ ୨ଟି ଲାଇଟ ପ୍ରଦାନ କରାଯାଇଥିଲା। ହେଲେ ଠିକାଦାର ଓ ବନ କର୍ମଚାରୀ ସାହିବାସିନ୍ଦାଙ୍କ ଦାବି ସ୍ଥାନରେ ଗୋଟିଏ ଲାଇଟ ଲଗାଇ ଅନ୍ୟଟି ମାଛ ଚାଷ ନିଲାମ ନେଇଥିବା କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବନ୍ଧ ହୁଡ଼ାରେ ଲଗାଇ ଦେଇଛନ୍ତି। ଉକ୍ତ ବନ୍ଧ ହୁଡ଼ାରେ କେବଳ ମାଛ ସୁରକ୍ଷା ପାଇଁ ଲାଇଟ ଲଗାଯାଇଛି, ସେଠାରେ ଆଦୌ ହାତୀ ଗତିବିଧି ନାହିଁ। ସେହିପରି ପଞ୍ଚାୟତର କହ୍ନେଇନଗର, ପାଣ ଗୋବିନ୍ଦପୁର ଗାଁର ମଞ୍ଜୁନା ନାଏକ, ଲଳିନୀ ନାଏକ, ସୁଫଳା ନାଏକ, ଅଞ୍ଜନା ବେହେରା, ଅଜୟ ନାଏକ, ଟିଙ୍କୁଲୁ ନାଏକ, ବାସୁଦେବ ନାଏକ, ରମେଶ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି, ବାରମ୍ବାର ହାତୀ ଉପଦ୍ରବର ଶିକାର ହେଉଥିଲେ ହେଁ ଗ୍ରାମ ଦେଇ ଯାଇଥିବା ହାତୀ ଚଲାପଥରେ ଗୋଟିଏ ବି ଲାଇଟ ଲାଗିନି। ଗାଁକୁ ଆସିଥିବା ହାଇମାଷ୍ଟ ଲାଇଟ ଅନ୍ୟ ଗାଁର ଛକ, ମନ୍ଦିର, କ୍ଲବ ଘର ଆଦି ସ୍ଥାନରେ ଲଗାଯାଉଛି। ଏ ନେଇ ବହୁବାର ଅଭିଯୋଗ କରିବା ସତ୍ତ୍ୱେ ବନବିଭାଗ ପଦକ୍ଷେପ ନେଉନାହିଁ। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି, ଅଭିଯୋଗ ନେଇ ଅବଗତ ରହିଛି। କର୍ମଚାରୀଙ୍କୁ ତାଗିଦ କରାଯାଇଛି। ପରବର୍ତ୍ତୀ ଆଲର୍ଟମେଣ୍ଟ ଆସିଲେ ଉପରୋକ୍ତ ହାତୀ ଗତିପଥ ସ୍ଥାନଗୁଡିକରେ ଲାଇଟ ଲଗାଯିବ।

# ପ୍ରସ୍ତାବିତ ବ୍ଲକସ୍ତରୀୟ ଷ୍ଟାଡିୟମର ସମୀକ୍ଷା


ନିର୍ମାଣାଧୀନ ଜିଲା ଷ୍ଟାଡିୟମ ବୁଲି ଦେଖୁଛନ୍ତି କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ସଚିବ।

**ଅନୁଗୋଳ, ୧୩।୯ (ଦିବ୍ୟଶାନ୍ତନୁ ନାଥ)**

### କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବଙ୍କ ଅନୁଗୋଳ ଗସ୍ତ

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଶନିବାର ଦିନିକିଆ ଅନୁଗୋଳ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ଜିଲାର କ୍ରୀଡ଼ା ଭିତ୍ତିଭୂମିଗୁଡିକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଉପସଚିବ ସ୍ୱରୂପାନନ୍ଦ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଂ, ଇନ୍‌ଫ୍ରାଷ୍ଟ୍ରକଚର ମ୍ୟାନେଜର ହିମାଂଶୁ ବେହେରା, ତହସିଲଦାର ଆଲୋକ କୁମାର ଦେହୁରୀ, ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ।

ଅତିରିକ୍ତ ସଚିବ ପ୍ରଥମେ ସହର ମଧ୍ୟରେ ନିର୍ମାଣାଧୀନ ଜିଲା ଷ୍ଟାଡିୟମ, ଇନ୍‌ଡୋର ଷ୍ଟାଡିୟମ ଏବଂ ସନ୍ତରଣାଗାର ଆଦି ବୁଲି ଦେଖିଥିଲେ। କାର୍ଯ୍ୟ ପ୍ରାୟତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶୀଘ୍ର ଏହାକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଦମ ପଡ଼ିଆଠାରେ ଫ୍ଲଡ୍ ଲାଇଟ ଲାଗିବାର ଯୋଜନା ରହିଥିବା ବେଳେ ଏହାର ମଧ ସମୀକ୍ଷା କରିଥିଲେ। ଅନୁଗୋଳ ଏବଂ ବଅଁରପାଳ ବ୍ଲକରେ ପ୍ରସ୍ତାବିତ ଦୁଇଟି ବ୍ଲକସ୍ତରୀୟ ଷ୍ଟାଡିୟମର ଜମି ଚିହ୍ନଟ ହୋଇଥିବା ବେଳେ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଅନୁଗୋଳ ବ୍ଲକର ବନ୍ତଳା ନିକଟବର୍ତ୍ତୀ ଖାଲଗାଁ ଠାରେ ଏକ ଜମି ଚିହ୍ନଟ ହୋଇଥିବା ବେଳେ ବଅଁରପାଳ ବ୍ଲକର ବଉଳିଗଡ଼ ଠାରେ ଜମି ଚିହ୍ନଟ ହୋଇଛି। ୨ଟି ସ୍ଥାନ ଅତିରିକ୍ତ ସଚିବ ବୁଲି ଦେଖିବା ପରେ ଏହା ଉପଯୁକ୍ତ ଥିବା ମତ ଦେଇଥିଲେ। ଏପରିକି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନେଇ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## କାଣ୍ଡବିନ୍ଧା ପୋକ ନିରାକରଣ ପାଇଁ ପଦକ୍ଷେପ

**ଆଠମଲ୍ଲିକ, ୧୩।୯ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଧାନ ଫସଲରେ କାଣ୍ଡବିନ୍ଧା ଓ ପତ୍ରପୋଡ଼ା ପୋକ ଦେଖିବାକୁ ମିଳୁଥିବା ବେଳେ ଏହାର ନିରାକରଣ ପାଇଁ କୃଷି ବିଭାଗ ତରଫରୁ ଶୁକ୍ରବାର ଟ୍ରାଇକୋ କାର୍ଡ ଲଗାଯାଇଥିବା ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଟ୍ରାଇକୋ କାର୍ଡରେ ଥିବା ଟ୍ରାଇକୋ ଗାମାର ଅଣ୍ଡାରୁ ପ୍ରଜାପତି ବାହାରି କାଣ୍ଡବିନ୍ଧା ଓ ପତ୍ରପୋଡା ପୋକର ଅଣ୍ଡାକୁ ଖାଇଯିବେ। ଫଳରେ ଫସଲରେ ଏହି ପୋକ ବୃଦ୍ଧି ପାଇପାରିବ ନାହିଁ। ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ ପ୍ରଥମଥର ପାଇଁ ଟ୍ରାଇକୋ କାର୍ଡର ବ୍ୟବହାର କରାଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ଦେଉଳବେଡା ଗ୍ରାମର ୩୦ ହେକ୍ଟର ଚାଷଜମିରେ ଧାନ ଫସଲ କରାଯାଇଛି। ନଅଗାଁ ଓ କମ୍ପଲା ପଞ୍ଚାୟତରେ ନିରାପତ୍ତା ମିଶନ ଯୋଜନାରେ ମାଗଣାରେ ବିହନ ଯୋଗାଇ ଦିଆଯାଇଥିବା କୃଷି ଅଧିକାରୀ ବାରିକ ସୂଚନା ଦେଇଛନ୍ତି।


# ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କର




**ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର 'ଆସ ଆମେ ସ୍କୁଲ ଯିବା' ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ଧଉରାପାଲି ଗ୍ରାମ ପରିକ୍ରମା କରି ନାମ ଲେଖାଇବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଦେହୁରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ବିରଳି ବଡ଼ମାଳୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ବିନାୟକ ଦେହୁରୀ, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ଦୀପ, ଜାଗ୍ରତ ସ୍ୱାଇଁ, ସୁଧୀର କୁମାରଦାର, ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ପ୍ରମୋଦିନୀ ପ୍ରଧାନ, ସନ୍ତୋଷିନୀ ମାଝୀ, ପଙ୍କଜିନୀ ସାହୁ, ମଞ୍ଜୁ କଅଁର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ବଇଣ୍ଡା ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତି ମଞ୍ଜରୀ ଚତମ୍ୱାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରଣତି ବେହେରା, ସିସ୍ୱାଲିନ ନାୟକ, ବିଶିକେସନ ସେଠୀ, ଅନାଦି ବିଶୀ, ବିଶ୍ୱନାଥ ଦେହୁରୀ, ଭବାନୀ ଶଙ୍କର ପ୍ରଧାନ, କଳ୍ପନା ସାହୁ, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କମ୍ପୁଲେଇ ଗ୍ରାମରେ ଘର ଭାଙ୍ଗିଲା ହାତୀ



### ଭୟରେ ଲୋକେ ଆଟୁ ଉପରେ, ଖଟତଳେ ଲୁଚିଲେ

**ଢେଙ୍କାନାଳ, ୧୩।୯ (ରତନ ନାୟାର):** ଢେଙ୍କାନାଳ ଜିଲା ଆଦିବାସୀ ବହୁଳ କଙ୍କଡାହାଡ ବ୍ଲକ ମରୁଆବିଲି ଗ୍ରାମପଞ୍ଚାୟତ କମ୍ପୁଲେଇ ଗ୍ରାମରେ ଶନିବାର ୧୧ ହାତୀଙ୍କ ଉପଦ୍ରବ ଚିନ୍ତାଜନକ ହୋଇଛି। ଭୋର ସମୟରେ ହାତୀପଲ ଗ୍ରାମର ବିଭୁ ସାହୁ ଓ ତାଙ୍କ ବଡଭାଇ ପ୍ରସନ୍ନ ସାହୁଙ୍କର ଘରକୁ ଭାଙ୍ଗିଦେବା ସହ ଘର ଭିତରେ ପଶି ଆସବାବ ପତ୍ରକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ହାତୀକୁ ଦେଖି ପ୍ରସନ୍ନ ଘର ଆଟୁ ଉପରେ ଚଢି ଯାଇଥିବା ବେଳେ ଅନ୍ୟମାନେ ଖଟତଳେ ପାଟି ବନ୍ଦ କରି ଲୁଚି ରହିଥିଲେ। ଫଳରେ ଅଳ୍ପକେ ପରିବାର ସଦସ୍ୟଙ୍କ ଜୀବନ ବଞ୍ଚିଯାଇଥିଲା। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସାଇରନ ବଜାଇ ହାତୀ ପଲଙ୍କୁ ଘଉଡାଇଥିଲେ।

# ମା' ବାୟାଣୀ ପୀଠରେ ଚାରାରୋପଣ


ପୀଠ ପରିସରରେ ଚାରା ରୋପଣ କରାଯାଉଛି।

**ଛେଣ୍ଡିପଦା, ୧୩।୯ (ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ୍ ପାତ୍ରପଡ଼ା ଗାଁର ମା' ବାୟାଣୀ କ୍ଲବ ପକ୍ଷରୁ ମା'ଙ୍କ ପୀଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଛିଦିନ ତଳେ ଲଗାଣ ବର୍ଷାରେ ଦେବୀନଗର ପାହାଡ଼ରୁ ମାଟି ଅତଡ଼ା ଖସି ବାୟାଣୀ ପୀଠଠାରୁ ହଣ୍ଡପା ଯାଇଥିବା ରାସ୍ତା ଅବରୋଧ ହୋଇଥିଲା। ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ଉକ୍ତ ରାସ୍ତାରୁ ମାଟି ଉଠାଯାଇ ଯାତାୟାତ ସୁବିଧା କରାଯାଇଥିଲା। ଏ ନେଇ ଯୁବ ଗୋଷ୍ଠୀଙ୍କ ଦ୍ୱାରା ଦେବୀନଗର ପାହାଡ଼ ପଦଦେଶରେ ମଙ୍ଗଳବାର ଶତାଧିକ ଆମ୍ବ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାପୁଜୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ଯୁବଗୋଷ୍ଠୀ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବାରୁ ପ୍ରଶଂସା କରିଥିଲେ। ବାୟାଣୀ କ୍ଲବ ସଭାପତି ଘନଶ୍ୟାମ ସାହୁ, ସତ୍ୟବ୍ରତ ବାରିକ, ରଞ୍ଜିତ ବେହେରା, ରାଜେଶ ବେହେରା, ଲୁଲୁ ସାହୁ, ରାହୁଲ ସେଠୀ, ରାଜା ସେଠୀ, ରକି ବେହେରା, ଶୁଭ ସେଠୀ, ଓମ ବେହେରା, ବସନ୍ତ ବେହେରା, ନୀତୀଶ ସାହୁ, ମାନସ ନାଏକ, ମନୋଜ ନାଏକ, କାହ୍ନା ସାହୁ, ସୁବ୍ରତ ବେହେରା, ରଜତ ବାରିକ, ଶାନ୍ତନୁ ସାହୁ, ବୁଲୁ ସାହୁ, ରାଜୁ ପେଣ୍ଟେଇ, ସିଦ୍ଧାନ୍ତ ସାହୁ, ସୁମନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଅନୁଗୋଳ, ୧୩।୯ (ଜ୍ୟୋତିରଞ୍ଜନ ସାହୁ)**


ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

ଅନୁଗୋଳ ସଦର ପୋଲିସ ଏବଂ ପ୍ରହାର ଟିମ୍ ପକ୍ଷରୁ ଶନିବାର କୁମଣ୍ଡ ରେଳ ଲାଇନ ନିକଟରେ ଚଢ଼ାଉ କରାଯାଇ ୫.୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହ ରାଜକିଶୋରଗଡ଼ାର ପ୍ରକାଶ ବେହେରା (୨୯)ଙ୍କୁ ଗିରଫ କରାଯାଇଛି। ତାଙ୍କ ମୋଟରସାଇକେଲ (ନଂ. ଓଡି ୦୪ଏସ ୮୧୬୯)କୁ ମଧ୍ୟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୫୮୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବେଆଇନ ନିଶାଦ୍ରବ୍ୟ କାରବାର ଧରପଗଡ଼ ପାଇଁ 'ପ୍ରହାର' ନାମକ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଚାଲିଥିବା ବେଳେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସ୍ଥାନୀୟ ପୋଲିସ ଷ୍ଟେଶନ ସହିତ ମିଳିତ ଭାବରେ ଏହି ଟିମ୍ ଜିଲାରେ ସକ୍ରିୟ ଭାବରେ ଚଢାଉ କରୁଛି।

# ଜୟନ୍ତୀ ପାତ୍ର, ନବୀନ ଦାସଙ୍କୁ ଭାଜପାର ଅଭିନନ୍ଦନ

**ଢେଙ୍କାନାଳ, ୧୩।୯ (ରତନ ନାୟାର)**


ଜୟନ୍ତୀ ପାତ୍ର


ନବୀନଚନ୍ଦ୍ର ନାରାୟଣ ଦାସ

ଅମିତ ସାହା ଯୁବ ଭାରତ ବ୍ରିଗେଡ୍ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ରାଜ୍ୟ ବରିଷ୍ଠ ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ନିଯୁକ୍ତି ପାଇଥିବାରୁ ଶନିବାର ଉଭୟଙ୍କୁ ଢେଙ୍କାନାଳ ଭାଜପା ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟୀକା ସୀମାରାଣୀ ନାୟକ, ଜିଲା ସଭାପତି ରାସ ବିହାରୀ ବେହେରା, ରଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଲିକଙ୍କ ସମେତ ନରେଶଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ପବିତ୍ର କୁମାର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ସନାତନ ବେହେରା, ଶିବ ପ୍ରସାଦ ସାହୁ, ଇତିଶ୍ରୀ ସାହୁ, ସୁନିଲ ଶର୍ମା, ରତିକାନ୍ତ ସାହୁ, ମମତା ସ୍ୱାଇଁ, ମହାଦୀପ ଯଶୋବନ୍ତ ମହିମା, ପ୍ରଶାନ୍ତ ପ୍ରଧାନ, ସହଦେବ ପୃଷ୍ଟି, ଲକ୍ଷ୍ମୀଧର ଦଳେଇ, ଭାରତୀ ସ୍ୱାଇଁ, ସତ୍ୟ ରଞ୍ଜନ ଭୂୟାଁ, ବିକାଶ ସାହୁ, ଧ୍ରୁବଚରଣ ସ୍ୱାଇଁ, ରୁଦ୍ର ନାରାୟଣ ତ୍ରିପାଠୀ, ନିରୋଦ କୁମାର ସାହୁ, ସନ୍ତୋଷ ରାଉତ, ଜ୍ଞାନ ରଞ୍ଜନ ନାୟକଙ୍କ ସମେତ ଭାଜପାର କାଉନସିଲର ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ

**ତାଳଚେର, ୧୩।୯ (ମନୋଜ ନନ୍ଦ)**

ଆଗାମୀ ୧୬ ତାରିଖରେ ଆର୍‌ପିଡିଏସି ଏବଂ ଡିଏମ୍‌ଏଫ୍ ପାଣ୍ଠି ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏ ନେଇ କିଛି ମାସ ପୂର୍ବରୁ ପୂର୍ବତନ ଏମ୍‌ପି ମହେଶ ସାହୁ ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଚିଠି ମାଧ୍ୟମରେ ଅବଗତ କରିଥିଲେ। ହେବାକୁ ଥିବା ଉନ୍ନୟନ ପ୍ରକଳ୍ପଗୁଡ଼ିକ କିପରି କାର୍ଯ୍ୟକାରୀ ହେବ ସେ ନେଇ ଉପଜିଲାପାଳଙ୍କ ସହ ଆଲୋଚନ କରିବା ସହିତ ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ କରାଇଥିଲେ। ଏହି କ୍ରମରେ ଆଉ କିଛି ପ୍ରକଳ୍ପକୁ ଯୋଡ଼ିବା ପାଇଁ ପୂର୍ବତନ ଏମ୍‌ପି ସାହୁ ଉପଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ପୁନଶ୍ଚ ପ୍ରସ୍ତାବିତ ପ୍ରକଳ୍ପ ବୁଲି ଦେଖାଇଥିଲେ। ଉପଜିଲାପାଳଙ୍କ ଏହି ପରିଦର୍ଶନ ବେଳେ ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ପ୍ରକଳ୍ପ ପରିଦର୍ଶନ କରାଉଛନ୍ତି ପୂର୍ବତନ ଏମ୍‌ପି ମହେଶ ସାହୁ।

# ଅବକାରୀ ବିଭାଗ ଦ୍ୱାରା ଗିରଫ ଯୁବକଙ୍କ ମୃତ୍ୟୁ



**ଓଡ଼ାପଡ଼ା, ୧୩।୯ (ରଞ୍ଜିତ ନାୟକ):** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ଦ୍ୱାରା ୧୧ ତାରିଖ ଦିନ ଗିରଫ ହୋଇଥିବା ମୋଟଙ୍ଗା ଥାନା ଅଞ୍ଚଳର ବେଣୁଧର ସେନାପତିଙ୍କ ମୃତ୍ୟୁ ଘଟିଛି। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ମୃତଦେହ ରଖି ଗଉଡକାଟେଣି ଛକ ନିକଟରେ ଜାତୀୟ ରାଜପଥ ଅବରୋଧ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

### ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ

ଘଟଣାରୁ ଜଣାପଡ଼ିଛି ଯେ, ୧୧ ତାରିଖ ଦିନ ଢେଙ୍କାନାଳ ଜିଲା ଅବକାରୀ ବିଭାଗ ବେଣୁଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେ ଜାମିନରେ ଆସିଥିଲେ। ୧୨ ତାରିଖ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଢେଙ୍କାନାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲା। ପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ୫୫ନଂ. ଜାତୀୟ ରାଜପଥର ଗଉଡକାଟେଣି ଛକ ନିକଟରେ ମୃତଦେହ ରଖି ଘଟଣାର ନ୍ୟାୟ ବିଚାର କରିବା ସହ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ମୋଟଙ୍ଗା ଆଇଆଇସି ଦୀପକ କୁମାର ଲେଙ୍କା ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ।

# କ୍ଲିନିକାଲ ଥର୍ମୋମିଟର ଉପରେ ଶିକ୍ଷା ପ୍ରଦାନ


ପଦାର୍ଥ ବିଜ୍ଞାନ ବିଭାଗର ପକ୍ଷରୁ ଅନୁଷ୍ଠିତ ପାଠଚକ୍ରରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ତାଳଚେର, ୧୩।୯ (ମନୋଜ ନନ୍ଦ)**

ତାଳଚେରସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ଼. କେ.କେ. ନନ୍ଦ ଓ ଜ୍ୟୋତ୍ସ୍ନାମୟୀ ନନ୍ଦ ଯୋଗଦେଇ କ୍ଲିନିକାଲ ଥର୍ମୋମିଟର ଉପରେ ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଇଣ୍ଟିଫିକ ଅଫିସର ଡ. କେ.ସି. ପାତ୍ର ଏବଂ ଡ. ଏସ.ଏନ. ଷଡ଼ଙ୍ଗୀ, ଡ. ବି.କେ. ମିଶ୍ର, ଡ. ବି. ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ, ପଦାର୍ଥ ବିଜ୍ଞାନ ମୁଖ୍ୟ ହ. ସରୋଜ ରଥ, ଅଧ୍ୟାପକ ସର୍ବାନନ୍ଦ ସେନାପତି, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ଡ. ବସନ୍ତ ସାହୁ, ଅଧ୍ୟାପକ ଡ. ରଞ୍ଜନ ଭୂୟାଁ, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ ସାଉଥବଲଣ୍ଡାର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ, ଜନତା ମହାବିଦ୍ୟାଳୟ ବଇଣ୍ଡାର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସି.ଏମ. ସିଂ, ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ନରେନ୍ଦ୍ର ପାଇକରାୟ, ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଶିକ୍ଷକପଡ଼ା ନିକଟରେ ରବିବାର ରାମ ମନ୍ଦିର କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ଶିକ୍ଷକପଡ଼ା ଗ୍ରାମବାସୀଙ୍କ ତରଫରୁ ଗୁରୁବାର ରାମ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅକ୍ଷୟ କୁମାର ସାହୁ, ରାମଚନ୍ଦ୍ର ପରିଡା, ଶରତ ସେଠୀ, ବିକାଶ ସେଠୀ, ଅମୀୟ ସାହୁ, ସୁମନ୍ତ ବେହେରା, ରଞ୍ଜିତ ସାହୁ, ଜିତେନ୍ଦ୍ର ପ୍ରଧାନ, ଶୁଭମ ଶେଖର ବେହେରା, ଈଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। କିପରି ଶାନ୍ତିଶୃଙ୍ଖଳା ସହ ଶିବିର ଅନୁଷ୍ଠିତ ହେବ, ସେ ନେଇ ଆଲୋଚନା କରାଯାଇଥିଲା। ଏଥିପାଇଁ ବିଭିନ୍ନ କ୍ଲବର ସହାୟତା ଲୋଡ଼ାଯାଇଛି। ଏଥିରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ରକ୍ତଦାନ କରିବା ପାଇଁ ଶିକ୍ଷକପଡ଼ା ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଉପରେ ଧ୍ୟାନଦେବାକୁ ପରାମର୍ଶ


ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଛେଣ୍ଡିପଦା, ୧୩।୯ (ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶନିବାର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ଡାକ୍ତର ଓ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ସଭ୍ୟାସଭ୍ୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଉପରେ ଧ୍ୟାନଦେବା ସହ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ବିଧାୟକ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ସାହୁ ବୈଠକ ପରିଚାଳନା କରିଥିଲେ। ସମସ୍ତ ସଭ୍ୟାସଭ୍ୟ ଓ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ତହସିଲଦାର ମାନସ ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁଙ୍କ ସମେତ ଚିତ୍ତରଞ୍ଜନ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ଆଜୀବନ ସଭ୍ୟ ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ସ୍ୱଚ୍ଛତା, ବିଦ୍ୟୁତ୍, ରକ୍ତ ପରୀକ୍ଷା ପାଇଁ ଉନ୍ନତମାନର ଆବଶ୍ୟକ ଯନ୍ତ୍ରପାତି, କର୍ମଚାରୀଙ୍କ ଗୃହ, ସିକିଲସେଲ ରୋଗୀ ପାଉ ନ ଥିବା ଅର୍ଥ, ପାଣି ନିଷ୍କାସନ ପାଇଁ ନାଳା, ଔଷଧ ଗୋଦାମ, ବର୍ଜ୍ୟବସ୍ତୁ ପରିଚାଳନା ଆଦି ଉପରେ ଆଲୋଚନା କରାଯାଇଥିଲା। ବିପିଏମ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ତରପ୍ରଦେଶର ୪ ଯାତ୍ରୀ ଅଳ୍ପକେ ବର୍ତ୍ତିଲେ

**କାର୍‌କୁ ଧକ୍କାଦେଲା ସ୍କୁଲ ବସ୍**

ଢେଙ୍କାନାଳ, ୧୩ା୯(ରତନ ନାୟାର): ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ପାଞ୍ଚକାହାଣିଆ ଠାରେ ଶନିବାର ସକାଳେ ଏକ ସ୍କୁଲ ବସ୍ ରାଜପଥର ଗୋଟିଏ ପାର୍ଶ୍ୱକୁ ଅନ୍ୟ ଏକ ପାର୍ଶ୍ୱକୁ ଆସୁଥିବା ବେଳେ ପୁରୀରୁ ଉତ୍ତରପ୍ରଦେଶ ଯାଉଥିବା ଏକ କାରକୁ ଧକ୍କା ଦେଇଥିଲା । ଫଳରେ କାର୍‌ର ବାମପାର୍ଶ୍ୱ ଭାଙ୍ଗିରୁଜି ଯାଇଥିଲା । ଏହି ଦୁର୍ଘଟଣାରେ କାର୍‌ରେ ଯାଉଥିବା ୪ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଯାତ୍ରୀ ହରିଶଙ୍କର ଓ ତାଙ୍କର ପରିବାର ସଦସ୍ୟ । ହରିଶଙ୍କରଙ୍କ ଘର ଉତ୍ତରପ୍ରଦେଶ ଫତେପୁର ଜିଲା ହୁସେନଗଞ୍ଜ ଥାନା ଅଗ୍ନିହୋତ୍ରୀପୁର ଗ୍ରାମରେ ବୋଲି ଜଣାପଡ଼ିଛି । ଖବରପାଇ ଟାଉନ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ସ୍କୁଲ ବସ୍‌କୁ ଜବତ କରିଥିଲେ । ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ. ୬୫୬/୨୫ରେ ଏକ ମାମଲା ରୁଜୁ କରାଯାଇଛି ।

# କଲେଜ ହଷ୍ଟେଲରୁ ଛାତ୍ରୀ ନିଖୋଜ

ଭୁବନ, ୧୩ା୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି କଲେଜର +୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ ରାଜଲକ୍ଷ୍ମୀ ଦିବେଦୀ (୧୬) ଶନିବାର ସକାଳେ ହଷ୍ଟେଲ ଛାଡ଼ି ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ମା' ସସ୍ମିତା ଦ୍ୱିବେଦୀ ତାଙ୍କ ଝିଅ ହଷ୍ଟେଲରୁ କେଉଁଆଡ଼େ ପଳାଇ ଯାଇଥିବା ଖବର ପାଇ ସେ ଯାଇ ଖୋଜାଖୋଜି କରି ରାଜଲକ୍ଷ୍ମୀଙ୍କୁ ପାଇ ନ ଥିଲେ। ତେବେ ଛାତ୍ରୀଙ୍କ ମା' ବାଳିକା ହଷ୍ଟେଲ ଦାୟିତ୍ୱର ଥିବା ଅଧ୍ୟାପିକା ଋତୁପର୍ଣ୍ଣା ପୃଷ୍ଟିଙ୍କ ସହିତ ଆଲୋଚନା କରିବା ସହିତ ଝିଅର କୌଣସି ସନ୍ଧାନ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଭୁବନ ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ କେସ୍ ନଂ. ୪୪୫/୨୦୨୫ ଦଫା ୧୩୭(୨) ବିଏନଏସରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। କଲେଜର ସିସିଟିଭି ଫୁଟେଜରୁ ଜଣାପଡିଥିଲା ଛାତ୍ରୀଜଣଙ୍କ ବିନା କଲେଜର ୟୁନିଫର୍ମ ନ ପିନ୍ଧି କଲେଜ ବାହାରକୁ ଯାଇଛନ୍ତି। ଘଟଣା ପରେ ଛାତ୍ରୀ ନିଖୋଜକୁ ନେଇ ହଷ୍ଟେଲ ଦାୟିତ୍ୱରେ ଥିବା ଅଧ୍ୟାପିକା ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କଲେଜର ଆଇସିସି କମିଟି ସହିତ ଆଲୋଚନା ପରେ ଅପରାହ୍ନରେ କଲେଜ ପକ୍ଷରୁ ଭୁବନ ଥାନାରେ ଅଭିଯୋଗ କରିଥିଲେ। କଲେଜ ଛାତ୍ରୀ ହଷ୍ଟେଲ ଦାୟିତ୍ୱରେ ଥିବା ଅଧ୍ୟାପିକାଙ୍କୁ ଛାତ୍ରୀ ନିଖୋଜ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ସବୁଦିନ ଛାତ୍ରୀମାନେ ବାହାରକୁ କୋଚିଂ ପାଇଁ ଯାଉଛନ୍ତି। କିନ୍ତୁ ଛାତ୍ରୀଜଣଙ୍କ ବାହାରକୁ ଯାଇ ଫେରି ନ ଥିଲେ। ମଧ୍ୟାହ୍ନ ସମୟରେ ଛାତ୍ରୀ ଉପସ୍ଥାନ ନେବା ସମୟରେ ସେ ଅନୁପସ୍ଥିତ ଥିବାରୁ ମୁଁ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଛି। କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ କହିଥିଲେ ଅଭିଯୋଗ ପାଇବା ପରେ ମୁଁ ବୈଠକ ଡାକି ଘଟଣା ସମ୍ପର୍କରେ ଆଲୋଚନା କରିଥିଲି। ଦିନ ୪ଟା ପର୍ଯ୍ୟନ୍ତ ଖୋଜାଖୋଜି କରିବା ସହିତ ଛାତ୍ରୀଙ୍କ ସହିତ ଅଧ୍ୟୟନ କରୁଥିବା ତାଙ୍କ ବାନ୍ଧବୀମାନଙ୍କ ସହିତ ଆଲୋଚନା କରି ନିଖୋଜ ଛାତ୍ରୀଙ୍କୁ ନ ପାଇ ଭୁବନ ଥାନାରେ ଅଭିଯୋଗ କରିଛି।



ପୋଲିସ ହଷ୍ଟେଲ ଦାୟିତ୍ୱରେ ଥିବା ଅଧ୍ୟାପିକା ଓ ୱାର୍ଡେନଙ୍କୁ ପଚରାଉଚରା କରୁଛନ୍ତି ।

## ଶ୍ରୀଜଗନ୍ନାଥ କୃପା ମହୋତ୍ସବ ଉଦ୍‌ଘାଟିତ




ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ଶୁକ୍ରବାର ଠାରୁ ୩ଦିନ ବ୍ୟାପୀ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଏବଂ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ପକ୍ଷରୁ ପ୍ରଥମକରି ଶ୍ରୀଜଗନ୍ନାଥ କୃପା ମହୋତ୍ସବ ଅନୁଷ୍ଠିତ ହୋଇଛି। ଗୁରୁବାର ଉଦଘାଟନୀ ଉତ୍ସବରେ ଶ୍ରୀକ୍ଷେତ୍ର ପୁରୀର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବକଳେବର ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ମୁଖ୍ୟ ବାଣୀସେବକ ଭାବେ ଯୋଗଦେଇ ମା' ସୁଭଦ୍ରା ଏବଂ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବକଳେବର ସମ୍ପର୍କିତ ଅନେକ ତଥ୍ୟ ଓ ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିବସରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ପରିବ୍ୟାପ୍ତ କରିବା ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟ ବାଣୀସାଧକ ଭାବରେ ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ଓ ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ଡା. ବଦ୍ରି ମିଶ୍ର ଯୋଗଦେଇ ମହାପ୍ରଭୁଙ୍କର କୃପାଲାଭ କରିବା ପାଇଁ ସମଗ୍ର ଜଗତ ଅପେକ୍ଷା କରିଥାଏ । ସମସ୍ତ ବିବିଧତା ଉଣାଅଧିକେ ପ୍ରାପ୍ତ ହୋଇଥିବେ ବୋଲି କହିଥିଲେ । ଅନ୍ୟତମ ବାଣୀସାଧକ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜଗନ୍ନାଥ ସଂସ୍କୃତି ମାଧ୍ୟମରେ ବଣ ଜଙ୍ଗଲ ଓ ବନ୍ୟପ୍ରାଣୀମାନଙ୍କର ସଚେତନ କରାଯାଉ ବୋଲି କହିଥିଲେ । ପ୍ରାର୍ଥନା ଚ୍ୟାନେଲର ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର ଓ ସଂସ୍କୃତି ପ୍ରଚାରକ ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ବାଣୀସାଧକ ଭାବେ ଯୋଗଦେଇ ଜଗନ୍ନାଥ ମହୋତ୍ସବର ସର୍ବାଙ୍ଗୀନ ସଫଳତା କାମନା କରିଥିଲେ । ଶ୍ରୀଜଗନ୍ନାଥ କୃପା ମହୋତ୍ସବ ସଭାପତି ସାଧୁ ସଦାନନ୍ଦ ଦାସ ମହାରାଜ, ମହାପ୍ରଭୁଙ୍କର ଭବ୍ୟଲୀଳା ଉପରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉପଦେଷ୍ଟା ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ କୃତଜ୍ଞତା ଜ୍ଞାପନ କରିଥିଲେ । ଅପରାହ୍ନ ୩ଟା ସମୟରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରଠାରୁ ସମସ୍ତ ସଦସ୍ୟା ସଦସ୍ୟମାନେ ଶ୍ରୀଜଗନ୍ନାଥଙ୍କୁ ମୁଣ୍ଡ ଉପରେ ରଖି ସହର ପରିକ୍ରମା କରି ଶ୍ରୀଦଧିବାବନ ଜୀଉଙ୍କୁ ସମର୍ପଣ ଭାବଭକ୍ତିର ସହିତ କାର୍ଯ୍ୟକ୍ରମ ସ୍ଥାନରେ ସ୍ଥାପନ କରିଥିଲେ ।

## ଏମ୍‌ବିଏ, ଏମ୍‌ଏସ୍‌ସି କମ୍ପ୍ୟୁଟର ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୃତିଗତ ଶିକ୍ଷା ମ୍‌ବିଏ ଓ ଏମ୍‌ଏସ୍‌ସି କମ୍ପ୍ୟୁଟର ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ନିଷ୍ଠା, ସହନଶୀଳତା, ନିରନ୍ତର ପ୍ରଚେଷ୍ଟା ଦ୍ୱାରା ନିଜର ଲକ୍ଷ୍ୟସ୍ଥଳରେ ପହଁଚି ପାରିବ ବୋଲି ଅଧ୍ୟକ୍ଷ କହିଥିଲେ । ମୁଖ୍ୟ ଅତିଥି ଭାବେ ଟିପିସିଓଡିଏଲ୍ ମାନବ ସମ୍ବଳ ଅଧିକାରୀ ବିଶ୍ୱନାଥ ଖୁଣ୍ଟିଆ ଯୋଗ ଦେଇ ଶିକ୍ଷା ସହିତ ନୂତନ ଜ୍ଞାନକୌଶଳ ଉପଯୋଗ କରିପାରିଲେ ଆଜିର ଦୁନିଆ ସହିତ ସମକକ୍ଷ ହୋଇପାରିବ ବୋଲି କହିଥିଲେ । ବିଭାଗୀୟ ସଂଯୋଜକ ଡ. ଦେବରାଜ ପରିଡା ଯୋଗଦେଇ ଧୈର୍ଯ୍ୟ, କଠିନ ପରିଶ୍ରମ ଓ ସହନଶୀଳତା ଓ ସମୟର ଉପଯୋଗ ସହିତ ଜଣେ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଓ ଡ. ବିଭୂଦତ୍ତ ଦାସ ମଞ୍ଚାସୀନ ଥିଲେ । ବିଭାଗର ବରିଷ୍ଠ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ଛାତ୍ରୀ ପୁନମ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଅଧ୍ୟାପିକା ମାନସୀ ରଥ ସମାରୋହର ଆଭିମୁଖ୍ୟ ଓ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ରୋଜାଲିନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ଦାଶ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ପାଳ, ସନ୍ତୋଷ ନନ୍ଦ, ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୧୭୨ ମାମଲା ଫଇସଲା

ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି । ଏହି ଲୋକ ଅଦାଲତରେ ଜିଲାର ସମସ୍ତ ଅଦାଲତର ମୋଟ ୨୧୭୨ ମାମଲା ଫଇସଲା କରାଯାଇଛି। ତନ୍ମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୩୦ଟି, ବିବାହ ଓ ପାରିବାରିକ ମାମଲା ୫ଟି, ଦେୱାନୀ ମାମଲା ୬୦ଟି, ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା ୪୦୨ଟି, ରାଜସ୍ୱ ମାମଲା ୧୬୭୫ଟି ସମାଧାନ କରାଯାଇଛି । ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୧,୪୩,୬୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ମାମଲାଗୁଡିକରେ ଜୋରିମନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ୫୯,୭୯,୮୩୩ ଟଙ୍କା ଜିଲାର ସମସ୍ତ ଅଦାଲତ ମାନଙ୍କରେ ଆଦାୟ କରାଯାଇଛି । ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ଅଦାଲତ (ଏଲଆରଓଏଲ୍ ଟିଭି) ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରିଜିତ୍ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେସ୍ମା ଧଳ ବିସୋଇ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷିକେଶ ଖେମୁଣ୍ଡୁ ବିଭିନ୍ନ ଅଦାଲତ ଗୁଡିକ ପରିଚାଳନା କରିଥିଲେ । ଉକ୍ତ ଅଦାଲତରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ(ଭିଜିଲାନ୍ସ) ପ୍ରଣତୀ ସାହା, ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ କୋର୍ଟ ସୁଶିଲ କୁମାର ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ବିଚାରପତି ଶୁଭଙ୍କର ମିଶ୍ର ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଲୟର, ପିଏଲ୍‌ଭି, ଜିଲା ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକ ଅଦାଲତକୁ ପରିଚାଳନା କରିଥିଲେ ।



## ଉପ ଜିଲାପାଳଙ୍କୁ ଆର୍ଥିକ କ୍ଷମତା ଦାୟିତ୍ୱ

**ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ହେଲେନି**

ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦା ମହିମା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀକୁ ନେଇ ହୋଇଥିବା ବିଶୃଙ୍ଖଳା ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ୨ମାସ ହେଲା ଦରମା ପାଇ ନ ଥିବା କର୍ମଚାରୀ ଓ ଅଧ୍ୟାପକମାନଙ୍କ ଦରମା ପ୍ରଦାନ କରିବା ଓ ମହାବିଦ୍ୟାଳୟ ଉନ୍ନୟନ କାର୍ଯ୍ୟ ପାଇଁ ସାମୟୀକ ଭାବେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଚିଠିନଂ.ଏଚଇଏନ୍‌ସିଇଟି–ଆଇ–ପଲିସ ୦୦୦୨–୨୦୨୫, ୪୯୫୭୫/ଏଚଇ ତା. ୧୧–୦୯–୨୦୨୫ ରିଖ ଅନୁସାରେ ଓଡ଼ିଶାର ସରକାରୀ ଅନୁଦାନ ପ୍ରାପ୍ତ ୬ ଟି ମହାବିଦ୍ୟାଳୟ ଯଥା ଯୋରନ୍ଦା ମହିମା ମହାବିଦ୍ୟାଳୟ, ବାରଙ୍ଗ କୁଞ୍ଜବିହାରୀ ଡିଗ୍ରୀ କଲେଜ, ଖୋର୍ଦ୍ଧା ନାରୁଣୀ ଡିଗ୍ରୀ କଲେଜ, ଯାଜପୁର କନିକାପଡା ସାଧୁ ଗୌରେଶ୍ୱର ଡିଗ୍ରୀ କଲେଜ, ବଲାଙ୍ଗୀର ଟିଟିଲାଗଡ଼ ଡିଏଭି କଲେଜ ଓ ମୟୂରଭଞ୍ଜ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଆର୍ଥିକ କ୍ଷମତା ସେହି ଜିଲାର ଉପଜିଲାପାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜଣେ ସ୍ଥାୟୀ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ମିଳିଲା ନାହିଁ । ଯଥାଶୀଘ୍ର ଯୋରନ୍ଦା ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ବ୍ୟବସ୍ଥା କରିବା ପାଇଁ ଯୋରନ୍ଦା ଅଞ୍ଚଳବାସୀ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସୁଶାନ୍ତ ସାହୁଙ୍କ ପରିବାରକୁ ଭେଟିଲେ ରୁଦ୍ର ପାଣି



ଓଡ଼ାପଡ଼ା, ୧୩ା୯ (ରଞ୍ଜିତ ନାୟକ)

ଗତ ୯ ତାରିଖ ଦିନ କାର୍ଯ୍ୟରତ ଯବାନ ସୁଶାନ୍ତ କୁମାର ସାହୁ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ୧୧ ତାରିଖ ତାଙ୍କ ପାର୍ଥୀବ ଶରୀର ଜନ୍ମଭୂମୀ ବାଙ୍ଗୁରସିଂହ ଗ୍ରାମକୁ ଅଣାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଅନ୍ତିମ ସଂସ୍କାର କରାଯାଇଥିଲା। ଖବର ପାଇ ଏମ୍‌ପି ରୁଦ୍ରନାରାୟଣ ପାଣି ବାଙ୍ଗୁରସିଂହ ଗ୍ରାମକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତାଙ୍କ ସହିତ ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ ନାଏକ, ଓଡ଼ାପଡ଼ା ମଣ୍ଡଳ ସଭାପତି ଶିବଶକ୍ତି ମହାନ୍ତି, ଓବିସି ମୋର୍ଚ୍ଚା ଢେଙ୍କାନାଳ ଜିଲା ସମ୍ପାଦକ ରଞ୍ଜିତ ନାୟକ, ପ୍ରଦୀପ କୁମାର ସାହୁ, ପଙ୍କଜ ଲୋଚନ ଦାସ, ସହଦେବ ପୃଷ୍ଟି, ବଙ୍ଗୁରସିଂହ ପଞ୍ଚାୟତ ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦଳେଇ ଓ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ ଗ୍ରାମବାସୀ ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଫଟୋଗ୍ରାଫି ପ୍ରତିଯୋଗିତା ଓ ପ୍ରଦର୍ଶନୀ

ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନ ଏବଂ ଜିଲା ବନଖଣ୍ଡ କାର୍ଯ୍ୟାଳୟର ମିଳିତ ସହଯୋଗରେ ଆକର୍ଷଣୀୟ ଫଟୋଗ୍ରାଫି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି । ସଂସ୍ଥାନର ବିଦ୍ୟାର୍ଥୀଙ୍କ ସମେତ ସାଧାରଣ ଲୋକ ତଥା କାର୍ଯ୍ୟରତ ବୃତିଗତ ଫଟୋଗ୍ରାଫରଙ୍କ ପାଇଁ ଏହି ସୁଯୋଗ ରହିଛି । ସେମାନଙ୍କ ମଧ୍ୟରେ ଫଟୋଗ୍ରାଫି ପ୍ରତି ରୁଚି, ସୃଜନଶୀଳତା, ଜୈବ ବିବିଧତା ନେଇ ଜିଜ୍ଞାସା ଏବଂ ମଣିଷ, ପ୍ରାଣୀ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଆଦିକୁ ନେଇ ବ୍ୟାପକ ସଚେତନତା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ଫଟୋଗ୍ରାଫ ଦାଖଲ କରିବା ପାଇଁ ସମୟସୀମା ରହିଛି। ବିଜେତାଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମଧ୍ୟ ରହିଛି। ଶ୍ରେଷ୍ଠ ବିବେଚିତ ଫଟୋ ଗୁଡ଼ିକୁ ନେଇ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଏକ ଫଟୋଗ୍ରାଫି ପ୍ରଦର୍ଶନୀ ଆୟୋଜନ ନେଇ ଘୋଷଣା କରାଯାଇଛି । ଫଟୋଗ୍ରାଫି ପ୍ରତିଯୋଗିତା ପାଇଁ ୩ଟି ବିଭାଗ ରହିଛି । ବ୍ୟକ୍ତିଗତ ଫଟୋଗ୍ରାଫ ଓ ଗ୍ରୁପ ଫଟୋ ଫିଚର ଆଇଆଇଏମ୍‌ସି ବିଦ୍ୟାର୍ଥୀଙ୍କ ପାଇଁ ରହିଥିବା ବେଳେ ଖୋଲାବର୍ଗକୁ ସାଧାରଣ ଓ ବୃତିଗତ ଥିବା କାର୍ଯ୍ୟରତ ଫଟୋଗ୍ରାଫରଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଏହି ଫଟୋଗ୍ରାଫି ପ୍ରତିଯୋଗିତା ନେଇ ଜୈବ ବିବିଧତାର ସୌନ୍ଦର୍ଯ୍ୟ, ଉଦ୍ଭିଦ ଓ ପ୍ରାଣୀର ରଙ୍ଗ, ମଣିଷ, ପ୍ରାଣୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆଦି ବିଷୟ ରହିଛି । ଶ୍ରେଷ୍ଠ ଫଟୋ ଗୁଡ଼ିକୁ ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ପ୍ରଦର୍ଶନୀରେ ସ୍ଥାନ ପାଇବ । ଫଟୋଗ୍ରାଫ ସବୁକୁ ସାମିଲ କରିବା ପାଇଁ କେତେକ ନିୟମାବଳୀ ରହିଛି । ଫଟୋ ଗୁଡିକ ଜେପିଇଜି ଫର୍ମାଟ୍ ସହ ୧ରୁ ୫ଏମ୍‌ବି ମଧ୍ୟରେ ରହିଥିବା ଦରକାର । ସେହିପରି ଫଟୋ ଗୁଡିକ କେବଳ ଢେଙ୍କାନାଳ ଜିଲା ଭିତରେ ଅତି ବେଶିରେ ୬ମାସ ମଧ୍ୟରେ ଉଠାଯାଇଥିବା ଦରକାର। ସେହିପରି ପ୍ରତ୍ୟେକ ଫଟୋ କେବେ ଏବଂ କେଉଁ ସ୍ଥାନରୁ ଉଠାଯାଇଛି, ସେହି ବାବଦରେ ସଂକ୍ଷିପ୍ତ ବିବରଣୀ ରହିବା ସହିତ ଛୋଟଏକ କ୍ୟାପସନ ଦିଆଯିବା ଜରୁରୀ । ଫଟୋ ଗୁଡିକ ନିୟମିତ କ୍ୟାମେରା, ପଏଂଟ–ଆଣ୍ଡ–ସୁଟ୍ କିମ୍ବା ଡିଏସ୍‌ଏଲ୍‌ଆର ଜରିଆରେ ଉଠାଇବାର ନିୟମ ରହିଛି । ଡ୍ରୋନ୍ ଫଟୋଗ୍ରାଫିକୁ ବାଦ ଦିଆଯାଇଛି । ଫଟୋଗୁଡିକୁ ୱେବସାଇଟ୍ ଲିଙ୍କ୍ ଜରିଆରେ ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ସମୟସୀମା ଧାର୍ଯ୍ୟ ହୋଇଛି । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କୁହନ୍ତି ଯେ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ପ୍ରୋତ୍ସାହିତ କରିବ । ଫଟୋଗ୍ରାଫି ପ୍ରତିଯୋଗିତା ସାଧାରଣ ନାଗରିକ ଓ ଯୁବପୀଢ଼ିଙ୍କୁ ଜୈବ ବିବିଧତାକୁ ବୁଝିବା ଓ ଡକୁମେଂଟେସନ କରିବା ପାଇଁ ଉତ୍ସାହ ଯୋଗାଇବ ବୋଲି କହିଥିଲେ । ସେହିପରି ଆଇଆଇଏମ୍‌ସି ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି ଯେ, ଯୋଗାଯୋଗ ଏବଂ କାହାଣୀକୁ ନିକଟରୁ ବୁଝୁଥିବା ଆମର ବିଦ୍ୟାର୍ଥୀ ମାନଙ୍କର ପରିବେଶ ସମ୍ପର୍କିତ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଫଟୋଗ୍ରାଫି ପ୍ରତିଯୋଗିତା ସେମାନଙ୍କୁ ଜୈବ ବିବିଧତା, ମଣିଷ–ପ୍ରାଣୀ ସହାବସ୍ଥାନ ଓ ପ୍ରକୃତି ସଂରକ୍ଷଣର ସଚେତନତା କାହାଣୀକୁ କ୍ୟାମେରା ଲେନ୍ସରେ ତୋଳି ଧରିବାରେ ସହାୟକ ହେବ ବୋଲି ସେ କହିଥିଲେ ।

## ସ୍ୱର୍ଣ୍ଣ ପଦକ ସହ ସମୀକ୍ଷା ଜାତୀୟସ୍ତର ପ୍ରତିଯୋଗିତା ପାଇଁ ମନୋନୀତ

**ରାଜ୍ୟ ସ୍କୁଲ ସମୂହ ଟାଏକୋଣ୍ଡୋ ପ୍ରତିଯୋଗିତା**

ଢେଙ୍କାନାଳ, ୧୩ା୯(ରତନ ନାୟାର)

କେଉଁଝର ଜିଲା ବଡବିଲ ଠାରେ ଗତ ୧୦ରୁ ୧୨ ତାରିଖ ପଯର୍ଯ୍ୟନ୍ତ ରାଜ୍ୟ ସ୍କୁଲ ସମୂହ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତରେ ଢେଙ୍କାନାଳ ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ସମୀକ୍ଷା ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରି ଆସନ୍ତା ନଭେମ୍ବର ମାସରେ ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଟାଏକୋଣ୍ଡୋପ୍ରତିଯୋଗିତରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ବଡବିଲ ଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳ ଜିଲାରୁ ବିଭିନ୍ନ ବର୍ଗରେ ୧୨ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଅଗଷ୍ଟ ୨୬ ତାରିଖରେ ଢେଙ୍କାନାଳ ଜିଲାର ଆନ୍ତଃସ୍କୁଲ ସମୂହ ଖେଳରେ ଅଂଶଗ୍ରହଣ କରି ୧୪ବର୍ଷରୁ କମ୍ ବାଳିକା ବର୍ଗରେ ଜିଲାରେ ପ୍ରଥମସ୍ଥାନ ଅଧିକାର କରି ଆନ୍ତଃରାଜ୍ୟ ପ୍ରତିଯୋଗିତାକୁ ମନୋନିତ ହୋଇଥିଲେ । ସମୀକ୍ଷା ବିଶିଷ୍ଟ ଯୁବ ସମାଜସେବୀ ସ୍ୱର୍ଗତ ସମିତ ନନ୍ଦଙ୍କର ଏକମାତ୍ର କନ୍ୟା ହୋଇଥିବା ବେଳେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କର ନାତୁଣୀ ଅଟନ୍ତି।



## ସ୍ୱାବଲମ୍ବୀ ଭାରତ ଅଭିଯାନ ସମ୍ପର୍କିତ କର୍ମଶାଳା

ଢେଙ୍କାନାଳ, ୧୩ା୯(ରତନ ନାୟାର)

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଯୋରନ୍ଦା ମହିମା ମହାବିଦ୍ୟାଳୟ ଯୋରନ୍ଦା ସମିଲନୀ କକ୍ଷରେ ସ୍ୱଦେଶୀ ଜାଗରଣ ମଞ୍ଚ ଢେଙ୍କାନାଳ ତରଫରୁ ସ୍ୱାବଲମ୍ବୀ ଭାରତ ଅଭିଯାନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମହିମା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍କିଲ ଡେଭେଲପମେଣ୍ଟ ଓ ଷ୍ଟାର୍ଟ ଅଫ୍ ଓଡିଶାର କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଅନ୍ୟତମ ଅତିଥି ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସ୍ୱଦେଶୀ ସ୍ୱାଭିମାନ ସ୍ୱାବଲମ୍ବୀ ଉପରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରି ଆଲୋଚନା କରିଥିଲେ । ସ୍ୱଦେଶୀ ଜାଗରଣ ମଞ୍ଚର ଜିଲା ପ୍ରଚାର ପ୍ରମୁଖ ଜିତେନ୍ଦ୍ର ପାଣି ସ୍ୱଦେଶୀ ଜିନିଷ ବହୁଳ ବ୍ୟବହାର କରିବାକୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । ସ୍ୱଦେଶୀ ଜାଗରଣ କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଫଳ ଉଦ୍ୟାଗୀ ସୁରେନ୍ଦ୍ର ଶତପଥୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଅଗଷ୍ଟ ୨୨ ତାରିଖରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲା ସଂଯୋଜକ ଯଦୁନନ୍ଦନ ଦାସ କହିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ମହିମା ମହାବିଦ୍ୟାଳୟ ଯୋରନ୍ଦାର ଅଧ୍ୟାପିକା ଓ ଅଧ୍ୟାପକ ଓ ଛାତ୍ରୀଛଆତ୍ର ମାନେ ମାନେ ଯୋଗ ଦେଇଥିଲେ ।




## ରାଜପଥ କଡ଼ରୁ ମୃତଦେହ ଜବତ, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଭୁବନ, ୧୩ା୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ନୂଆଜିରାଳ ଗ୍ରାମର ରଞ୍ଜନ ରାଉଳ(୫୦)ଙ୍କ ମୃତ A ଦେହ ଜାତୀୟ ରାଜପଥ ୫୩ ଜମୁନାକୋଟ ଛକ ନିକଟରୁ ଶନିବାର ଜବତ କରାଯାଇଛି। ରଞ୍ଜନଙ୍କ ପୁଅ ଅଜୟ ରାଉଳ ତାଳଚେରରେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ସେ ଘରକୁ ଫେରୁଥିବା ସମୟରେ ତାଙ୍କ ବାପା ରଞ୍ଜନ ଓ ଦାଦା ନିର୍ମଳଙ୍କୁ ଢାବାରେ ଖାଇବା ପାଇଁ ଡାକିଥିଲେ। ରଞ୍ଜନ ଓ ନିର୍ମଳ ପହଞ୍ଚିଥିଲେ। ପରେ ମୋଟର ସାଇକେଲ ନେଇ ରଞ୍ଜନ କେଉଁଆଡେ ପଳାଇ ଯାଇଥିଲେ। ରଞ୍ଜନଙ୍କ ଆସିବା ବିଳମ୍ବ ହେବାରୁ ଅଜୟ ଓ ନିର୍ମଳ ଘରକୁ ପଳାଇ ଆସିଥିଲେ। ରଞ୍ଜନ ଘରେ ନ ଥିବାରୁ ଖୋଜାଖୋଜି କରି ରହିଥିଲେ। ଶନିବାର ସକାଳେ ରଞ୍ଜନଙ୍କ ମୃତଦେହ ଏକ ବସ୍ତାରେ ରାସ୍ତା କଡ଼ରେ ପଡ଼ିଥିବା ଲୋକମାନେ ଦେଖି ୧୧୨କୁ ଫୋନ ଯୋଗେ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ରଞ୍ଜନଙ୍କ ସ୍ତ୍ରୀ ମଞ୍ଜୁଲତା ଭୁବନ ଥାନାରେ ତାଙ୍କ ସ୍ୱାମୀଙ୍କୁ କେହି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ କେସ୍ ନ. ୪୪୪/୨୦୨୫ ଦଫା ୧୦୩ (୧) ରୁଜୁ କରିଥିଲେ। ପୋଲିସ ଢେଙ୍କାନାଳ ସାଇଣ୍ଟିଫିକ ଦଳକୁ ଡକାଇ ତଦନ୍ତ କରାଇଥିଲେ। ପରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଭୁବନ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ରାଉଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କଲାପରେ ସେମାନେ ଅମାନ୍ୟ ହୋଇଥିଲେ। ପରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପହଞ୍ଚି ବୁଝାଶୁଝା କଲାପରେ ଲୋକମାନେ ରାସ୍ତା ଅବରୋଧରୁ ହଟିଥିଲେ।



ତଦନ୍ତ ପାଇଁ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

## ସଂକ୍ଷେପରେ

### ବ୍ରିଟେନ୍‌ରେ ଶିଖ୍ ମହିଳାଙ୍କୁ ଗଣବଳାତ୍କାର

**ଲଣ୍ଡନ,୧୩।୯**

ବ୍ରିଟେନ୍‌ର ଓଲ୍ଡବୁରି ସହରରେ ଜଣେ ୨୦ ବର୍ଷୀୟା ଶିଖ୍ ମହିଳାଙ୍କୁ ୨ ଜଣ ଲୋକ ବଳାତ୍କାର କରିବା ସହ ତାଙ୍କ ଜାତୀୟତାକୁ ନେଇ ଗାଳିଗୁଲଜ କରିଛନ୍ତି। ମହିଳାଙ୍କୁ ତାଙ୍କ ଦେଶକୁ ଫେରିଯିବା ପାଇଁ ସେମାନେ କହିଥିଲେ। ଏହା ଏକ ବର୍ଣ୍ଣବୈଷମ୍ୟ ଆକ୍ରମଣ ବୋଲି କୁହାଯାଉଛି। ଏହି ଘଟଣା ସେଠାରେ ରହୁଥିବା ଶିଖ୍‌ମାନଙ୍କୁ କ୍ଷୁବ୍ଧ କରିଛି। ସେମାନେ ଏହାକୁ ଏକ ଟାର୍ଗେଟ ଆକ୍ରମଣ ବୋଲି କହିଛନ୍ତି। ମଙ୍ଗଳବାର ସକାଳେ ଓଲ୍ଡବୁରିର ଟେମ୍ ରୋଡ୍ ନିକଟରେ ମହିଳା ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ଧରିବା ପାଇଁ ମହିଳାଙ୍କ ସହଯୋଗ ଲୋଡ଼ିଛି। ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରାଯିବା ସହ ଫୋରେନ୍‌ସିକ୍ ଅନୁଧ୍ୟାନ ଜାରି ରହିଛି। ପୋଲିସ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛି।

### ରୁଷିଆର ନାଗରିକତ୍ୱ ଚାହାନ୍ତି ଫ୍ରାନ୍ସର ପୂର୍ବ ରାଷ୍ଟ୍ରପତିଙ୍କ ନାତି



ପିଏରେ ଡି ଗୌଲେ

**ମସ୍କୋ,୧୩।୯**

ଫ୍ରେଞ୍ଚ୍ ଫିଫ୍‌ଥ ରିପବ୍ଲିକ୍‌ର ପ୍ରତିଷ୍ଠାତା ତଥା ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଡି ଗୌଲେଙ୍କ ନାତି ପିଏରେ ଡି ଗୌଲେ ତାଙ୍କ ପିଲାମାନଙ୍କ ପାଇଁ ରୁଷିଆର ନାଗରିକତ୍ୱ ଚାହାନ୍ତି ବୋଲି ସେଠାର ନ୍ୟୁଜ୍ ଏଜେନ୍ସି ଟାସ୍‌କୁ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ନାଗରିକତ୍ୱ ନିଷ୍ପତ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ନିର୍ଭର କରୁଥିବା ସେ କହିଛନ୍ତି। ଆମ ପିଲାଙ୍କୁ ପାଠ ପଢ଼ାଇବା ଓ ସେମାନଙ୍କ ଉପଯୁକ୍ତ ପାଳନପୋଷଣ ପାଇଁ ନାଗରିକତ୍ୱ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଆମେ ସେମାନଙ୍କୁ ନୈତିକ ପତନ ଓ ପାଶ୍ଚାତ୍ୟ ମୂଲ୍ୟବୋଧରୁ ଦୂରେଇ ରଖିବାକୁ ଚାହୁଁଛୁ। ରୁଷିଆର ନାଗରିକତ୍ୱ ହାସଲ କରିବା ତାଙ୍କ ପାଇଁ ଗର୍ବର ବିଷୟ ହେବ ବୋଲି ପିଏରେ ଡି ଗୌଲେ କହିଛନ୍ତି।

### ଦିଶା ପଟାନିଙ୍କ ଘରେ ଫାୟାରିଂ

**ନିଜକୁ ଦାୟୀ କଲା ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍**



**ବରେଲୀ,୧୩।୯**

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନିଙ୍କ ଉତ୍ତରପ୍ରଦେଶର ବରେଲୀ ଜିଲା ସିଭିଲ ଲାଇନ୍ସସ୍ଥିତ ବାସଭବନ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ୮ରୁ ୧୦ ରାଉଣ୍ଡ ଗୁଳିମାଡ଼ ହୋଇଛି। ମୋଟରସାଇକେଲରେ ୨ ଅଚିହ୍ନା ବ୍ୟକ୍ତି ଆସି ଦିଶାଙ୍କ ଘର ସାମ୍ନାରେ ଫାୟାରିଂ କରିଥିଲେ। ଏହି ସମୟରେ ଦିଶାଙ୍କ ବାପା ତଥା ଅବସରପ୍ରାପ୍ତ ଡିଏସ୍‌ପି ଜଗଦୀଶ ସିଂ ପାଟିଲ, ମା' ଏବଂ ଭଉଣୀ ଘରେ ଥିଲେ। ପୋଲିସ ଏବଂ ଫୋରେନ୍‌ସିକ୍ ଟିମ୍ ତଦନ୍ତ ଚଳାଇଛି। ଦିଶାଙ୍କ ପରିବାରର ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଫାୟାରିଂ ପାଇଁ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ଦିଶାଙ୍କ ଭଉଣୀ ଖୁସ୍‌ବୁ ସନ୍ଥ ପ୍ରେମାନନ୍ଦଜୀ ମହାରାଜ ଏବଂ କଥାବାଚକ ଅନିରୁଦ୍ଧାଚାର୍ଯ୍ୟଙ୍କ ବିରୋଧରେ ଟିପ୍ପଣୀ କରିଥିଲେ। ଏହାର ପ୍ରତିଶୋଧ ପାଇଁ ଫାୟାରିଂ କରାଯାଇଛି। ଯଦି କେହି ସନାତନ ଧର୍ମ କିମ୍ବା ସନ୍ଥମାନଙ୍କ ବିରୋଧରେ ଟିପ୍ପଣୀ କରୁଛନ୍ତି, ତେବେ ସେମାନେ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଏଥିରେ ଲେଖାଯାଇଛି।

**ଦିଲ୍ଲୀରେ ଆଜି**




ଦିଲ୍ଲୀ ୟୁନିଭର୍ସିଟି ଷ୍ଟୁଡେଣ୍ଟ ୟୁନିୟନ୍ ନିର୍ବାଚନ ପାଇଁ ଶନିବାର ଏସ୍‌ଏଫ୍‌ଆଇ-ଏଆଇଏସ୍‌ଏ ପକ୍ଷରୁ ପ୍ରାର୍ଥୀମାନଙ୍କ ନାମ ଏବଂ ଘୋଷଣାପତ୍ରକୁ ଜାରି କରାଯାଇଛି। (ଫଟୋ-ଚମନ ଗୌତମ)

# ମଣିପୁରବାସୀ ଶାନ୍ତିପଥ ବାଛନ୍ତୁ: ମୋଦି

**ଇମ୍ଫାଲ,୧୩।୯**

ମଣିପୁରରେ ୨୦୨୩ ମେ'ରୁ କୁକି-ଜୋ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଶନିବାର ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗସ୍ତ କରିଛନ୍ତି। ବିବାଦରେ ଲିପ୍ତ ଥିବା ସମସ୍ତ ସଂଗଠନକୁ ଶାନ୍ତିର ମାର୍ଗ ବାଛିବାକୁ ସେ ଏହି ଅବସରରେ ନିବେଦନ କରିଛନ୍ତି। ଅଞ୍ଚଳରେ ଶାନ୍ତି ପୁନଃପ୍ରତିଷ୍ଠା ଲାଗି ତାଙ୍କ ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨ ବର୍ଷ ୪ ମାସ ଧରି ମଣିପୁରରେ ହିଂସାକାଣ୍ଡ ଲାଗି ରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ବାସହରା ହୋଇଥିଲେ। ହିଂସାରେ ବହୁ ଧନଜୀବନ ନଷ୍ଟ ହୋଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସେଠାକୁ ଯାଉ ନ ଥିବାରୁ ବିରୋଧୀ ଦଳଗୁଡ଼ିକର ଆକ୍ରୋଶର ଶିକାର ହୋଇଆସୁଥିଲେ। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧୀ ଦଳ କଂଗ୍ରେସ ଏକ ସାଂକେତିକତା କହିବା ସହ ଚେହେରା ବଞ୍ଚାଇବାର ଏକ ନାଟକ ବୋଲି କହିଛି। ଉତ୍ତରପୂର୍ବାଞ୍ଚଳ ଗସ୍ତ ଅବସରରେ ହିଂସାପ୍ରବଣ ମଣିପୁରରେ ସଂକ୍ଷିପ୍ତ ରହଣି ସେଠାର ଜନସାଧାରଣଙ୍କ ପ୍ରତି ଗଭୀର ଅପମାନ। ପ୍ରଧାନମନ୍ତ୍ରୀ ନିଜ ପାଇଁ ଭବ୍ୟ ସ୍ୱାଗତ ଉତ୍ସବର ଆୟୋଜନ କରିବା ସେଠାକାର ପୀଡ଼ିତମାନଙ୍କ ପ୍ରତି କ୍ରୂର ଆଘାତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

କୁକିବହୁଳ ଚୁରାଚାନ୍ଦପୁରରେ ଏକ ରାଲିକୁ ସମ୍ବୋଧନ କରି ମୋଦି କହିଥିଲେ, ସମସ୍ତ ସଂଗଠନ ଶାନ୍ତିର ମାର୍ଗ ବାଛନ୍ତୁ ଓ ସେମାନଙ୍କ ସ୍ୱପ୍ନ ପୂରଣ କରନ୍ତୁ। ସେ ଓ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭାରତ ସରକାର ମଣିପୁରବାସୀଙ୍କ ସହ ରହିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ନିକଟରେ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାର ବିଭିନ୍ନ ଗୋଷ୍ଠୀ ସହ ସରକାରଙ୍କର ବୁଝାମଣା ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଆଲୋଚନା, ସମ୍ମାନ ଓ ପାରସ୍ପରିକ ବୁଝାମଣା ଉପରେ ଗୁରୁତ୍ୱ ଦେବା ସହ ଶାନ୍ତି ସ୍ଥାପନରେ ଏହି ବୁଝାମଣା ସହାୟକ ହେବ ବୋଲି କହିଛନ୍ତି। ମଣିପୁରରେ ପୂର୍ବାବସ୍ଥା ଫେରାଇ ଆଣିବାକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ଉଦ୍ୟମ ଚଳାଇଛନ୍ତି। ଯେଉଁ ପରିବାର ହିଂସାରେ ଘର ହରାଇଛନ୍ତି, ସେମାନଙ୍କ ପାଇଁ ସରକାର ୭,୦୦୦ ନୂଆ ଘର ନିର୍ମାଣ କରିବାରେ ସହାୟତା କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଇମ୍ଫାଲର କାଙ୍ଗଲା ଫର୍ଟ କମ୍ପ୍ଲେକ୍ସ ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡରେ ରହିଥିବା ବିସ୍ଥାପିତ କୁକି ଓ ମୈତେଇ ସମ୍ପ୍ରଦାୟର ଲୋକମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ମଣିପୁର ପାର୍ବତ୍ୟାଞ୍ଚଳ ଓ ଉପତ୍ୟକାର ଲୋକମାନଙ୍କ ମଧ୍ୟରେ ବିଶ୍ୱାସର ଏକ ଦୃଢ଼ ସେତୁ ନିର୍ମାଣ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜନନୀ ଭାରତର ମୁକୁଟରେ ମଣିପୁର ଏକ ରତ୍ନ। ଏଠାରେ ଯେକୌଣସି ପ୍ରକାର ହିଂସା ନିନ୍ଦନୀୟ। ଏହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ପୂର୍ବଜ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପ୍ରତି ଗମ୍ଭୀର ଅନ୍ୟାୟ। ଆମେ ଏକାଠି ମଣିପୁରକୁ ନିଶ୍ଚୟ ଶାନ୍ତି ଓ ବିକାଶର ମାର୍ଗରେ ନେଇଯିବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜାତୀୟ ସୁରକ୍ଷାରେ ମଣିପୁର ଯବାନମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ବୀରତ୍ୱକୁ ଦେଶ ସବୁବେଳେ ମନେରଖିବ ବୋଲି କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତାରେ ମଣିପୁରର ବୀରପୁତ୍ରମାନେ ପ୍ରମୁଖ ଭୂମିକା ନେଇଥିଲେ।

### ମିଜୋରାମରେ ପ୍ରଥମ ରେଳଲାଇନ୍ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଆଇଜଲ୍,୧୩।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମିଜୋରାମରେ ପ୍ରଥମ ରେଳଲାଇନ୍ ଉଦ୍‌ଘାଟନ କରିଛନ୍ତି। ରେଳ ସଂଯୋଗ ଦ୍ୱାରା ମିଜୋରାମ ଓ ଏହାର ଆଖପାଖ ଅଞ୍ଚଳରୁ ଉତ୍ପାଦିତ ବିଭିନ୍ନ ଫଳ ଓ ମସଲାକୁ ଦେଶ ତଥା ଦେଶ ବାହାରେ ବ୍ୟାପକ ବଜାର ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି। ପୂର୍ବରୁ ଭୋଟବ୍ୟାଙ୍କ ରାଜନୀତି ଯୋଗୁ ଉତ୍ତରପୂର୍ବାଞ୍ଚଳ ଅନେକ କ୍ଷତି ସହିଥିଲା। କିନ୍ତୁ ଏବେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଉଦ୍ୟମ ବଳରେ ଏହି ଅଞ୍ଚଳ ଦେଶର ବିକାଶ ଇଞ୍ଜିନ୍‌ରେ ନିଜକୁ ପରିବର୍ତ୍ତନ କରିଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଙ୍କର ଏହା ଥିଲା ମଣିପୁରକୁ ଦ୍ୱିତୀୟ ଗସ୍ତ। ସେ ମିଜୋରାମରେ ୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଆଇଜଲ୍ ନିକଟ ଲେଙ୍ଗ୍‌ପୁଇ ଏୟାରପୋର୍ଟରୁ ଜନସାଧାରଣଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇଥିଲେ। ସେ ଆଇଜଲ୍ ଏବଂ ଦିଲ୍ଲୀ ମଧ୍ୟରେ ରାଜଧାନୀ ଏକ୍ସପ୍ରେସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି।

ରେଳ ସଂଯୋଗ ଦ୍ୱାରା ମିଜୋରାମ ଲାଭବାନ୍ ହେବା ସହ ଏଠାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ରେଳଲାଇନ ଦେଇ ସପ୍ତାହେ ମଧ୍ୟରେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ କରିବ ଏବଂ ପଣ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ଦ୍ରୁତତର ହେବ। ଫଳରେ ଏଠାରେ ବିଭିନ୍ନ ସେବା ଓ ଦ୍ରବ୍ୟ ଶସ୍ତା ହେବା ସାଙ୍ଗକୁ ପରିବହନ ସମୟ ମଧ୍ୟ ହ୍ରାସ ପାଇବ ବୋଲି ରେଳମନ୍ତ୍ରୀ କହିଥିଲେ।

## ମାର୍ଚ୍ଚ ୫ରେ ନେପାଳ ନିର୍ବାଚନ

**ସଂସଦ ଭଙ୍ଗକୁ ବିଭିନ୍ନ ଦଳର ନିନ୍ଦା**

**କର୍ଫ୍ୟୁ ହଟିବା ପରେ ସ୍ୱାଭାବିକ ହେଉଛି ଜୀବନ**

**କାଠମାଣ୍ଡୁ, ୧୩।୯**

ନେପାଳ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଦେଶର ସଂସଦକୁ ଭଙ୍ଗ କରାଯିବା ସହ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ଏହି ପଦକ୍ଷେପକୁ ଶନିବାର ଦେଶର ଅନେକ ରାଜନୈତିକ ଦଳ ଓ ଆଇନଜୀବୀ ସଙ୍ଗଠନ ନିନ୍ଦା କରିଛନ୍ତି। ଏହା ଏକ ଅସାମ୍ବିଧାନିକ, ସ୍ୱେଚ୍ଛାଚାରୀ ପଦକ୍ଷେପ। ଏହି ପଦକ୍ଷେପ ଦ୍ୱାରା ଗଣତନ୍ତ୍ରକୁ ଗଭୀର ଭାବେ ଆଘାତ ଲାଗିଥିବା ସେମାନେ କହିଛନ୍ତି। ଦେଶର ସବୁଠାରୁ ବଡ଼ ରାଜନୈତିକ ଦଳ ନେପାଳୀ କଂଗ୍ରେସ (ଏନ୍‌ସି) କହିଛି, ସମ୍ବିଧାନକୁ ଉଲ୍ଲଂଘନ କରୁଥିବା ଯେକୌଣସି ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ। ଏହି ପଦକ୍ଷେପ ସମ୍ବିଧାନର ଆତ୍ମାକୁ ଆଘାତ ଦେଇଛି। ସିପିଏନ୍-ୟୁଏମ୍‌ଏଲ୍‌ର ସାଧାରଣ ସମ୍ପାଦକ ଶଙ୍କର ପୋଖରେଲ କହିଛନ୍ତି, ଅଧାରୁ ନେପାଳ ସଂସଦକୁ ଭଙ୍ଗ କରାଯିବା ଅତ୍ୟନ୍ତ ଚିନ୍ତାଜନକ ଓ ନିନ୍ଦା ଯୋଗ୍ୟ ପଦକ୍ଷେପ। ସେହିପରି ସଂସଦକୁ ମନଇଚ୍ଛା ଭଙ୍ଗ କରାଯିବା ସମ୍ବିଧାନର ଗୁରୁତ୍ୱକୁ କ୍ଷୁଣ୍ଣ ପହଞ୍ଚାଇଛି ବୋଲି ନେପାଳ ବାର୍ ଆସୋସିଏଶନ (ଏନ୍‌ବିଏ) କହିଛି।

ତେବେ ଆସନ୍ତା ବର୍ଷ ମାର୍ଚ୍ଚ ୫ରେ ନେପାଳର ପରବର୍ତ୍ତୀ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ସୁପାରିଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଜେନ୍ ଜେଡ୍‌ର ହିଂସାତ୍ମକ ବିରୋଧ ପ୍ରଦର୍ଶନରେ ଦେଶର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକ ନଷ୍ଟ ହୋଇଯାଇଥିବା ନେଇ ଶନିବାର ନେପାଳ ସୁପ୍ରିମକୋର୍ଟ ଟିପ୍ପଣୀ କରିଛନ୍ତି। ଆନ୍ଦୋଳନରେ ହୋଇଥିବା ପୋଡ଼ାଜଳା, ପଥର ଫିଙ୍ଗା, ଭଙ୍ଗାରୁଜା ଏବଂ ଲୁଟ୍‌ପାଟ୍ ଆଦି ଯୋଗୁ ସୁପ୍ରିମକୋର୍ଟ ବିଲ୍ଡିଂ ଓ ପରିସର କ୍ଷତିଗ୍ରସ୍ତ ହୋଇଥିବା କହି ପ୍ରଧାନ ବିଚାରପତି ପ୍ରକାଶମାନ ସିଂ ରାଉତ ଦୁଃଖ ପ୍ରକାଶ କରିଛନ୍ତି। ଶନିବାର ନେପାଳ କର୍ତ୍ତୃପକ୍ଷ କାଠମାଣ୍ଡୁ ଉପତ୍ୟକା ସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଲାଗିଥିବା କର୍ଫ୍ୟୁକୁ ହଟାଇ ଦେଇଛନ୍ତି, ଯାହାଫଳରେ ପ୍ରାୟ ସପ୍ତାହେ ପରେ ଦେଶରେ ଜନଜୀବନ ସ୍ୱାଭାବିକ ହୋଇଛି।



କାଠମାଣ୍ଡୁର ଏକ ଟ୍ରମା ସେଣ୍ଟରରେ ଆହତ ବିକ୍ଷୋଭକାରୀଙ୍କୁ ଭେଟିବା ପାଇଁ ଶନିବାର ନେପାଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ପହଞ୍ଚିଛନ୍ତି।

### ରୁଷିଆରୁ ତୈଳ କିଣୁଥିବା ଦେଶ ଉପରେ ଟାରିଫ୍ ଲଗାଅ

**ଜି୭ ରାଷ୍ଟ୍ରଙ୍କୁ କହିଲା ଆମେରିକା**

**ୱାଶିଂଟନ,୧୩।୯(ପି.ଟି.)**

ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଟାରିଫ୍ ଲଗାଇବା ପାଇଁ ଆମେରିକା ଜି୭ ରାଷ୍ଟ୍ରଗୁଡ଼ିକୁ କହିଛି। କେବଳ ମିଳିତ ଉଦ୍ୟମ ହିଁ ରୁଷିଆର ଯୁଦ୍ଧ ମେଶିନ୍‌କୁ ପାଣ୍ଠି ଯୋଗାଣ ହ୍ରାସ କରିବ। ଆମେରିକା ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ରାଷ୍ଟ୍ରଦୂତ ଜାମିଏସନ୍ ଗ୍ରିର୍ ଶୁକ୍ରବାର ଜି୭ ଅର୍ଥମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଜି୭ ରାଷ୍ଟ୍ରଗୋଷ୍ଠୀ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହାନ୍ତି ବୋଲି ସେମାନେ କହିଥିଲେ। କାନାଡା ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ନିମନ୍ତେ ରୁଷିଆ ଉପରେ ଚାପ ବଢ଼ାଇବାର ବିଭିନ୍ନ କୌଶଳ ଉପରେ ଆଲୋଚନା ହୋଇଥିଲା। ଜି୭ରେ ଆମେରିକା ସମେତ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ ବ୍ରିଟେନ୍ ରହିଛନ୍ତି। ତେବେ ଟାରିଫ୍ ଲଗାଯିବାକୁ ଥିବା ଦେଶଗୁଡ଼ିକର ନାଁ ଉଲ୍ଲେଖ କରାଯାଇନାହିଁ।

### ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ଆଇଏନ୍‌ଏସ୍‌ର ନିନ୍ଦା

**ନୂଆଦିଲ୍ଲୀ, ୧୩।୯**

ଆନ୍ଧ୍ରପ୍ରଦେଶରୁ ପ୍ରକାଶିତ ଦୈନିକ 'ସାକ୍ଷୀ'ର ଖବରଦାତାମାନଙ୍କୁ ଆକ୍ରମଣ ଏବଂ ମିଥ୍ୟା ଅଭିଯୋଗରେ ବେଆଇନ ମାମଲା ରୁଜୁକରି ତଦନ୍ତ କରାଯିବା ଆଦି ଘଟଣାକୁ ଦ ଇଣ୍ଡିଆନ୍ ନ୍ୟୁଜ୍ ପେପର ସୋସାଇଟି(ଆଇଏନ୍‌ଏସ୍) ନିନ୍ଦା କରିଛି। ଖବର ପ୍ରସାରଣ କରୁଥିବା ସମୟରେ ଏହାର ଖବରଦାତା ଏବଂ ସଂସ୍ଥା ଉପରେ ଆକ୍ରମଣ କରାଯିବା ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହାକୁ ସବୁ ସ୍ତରରୁ ବିରୋଧ କରାଯିବା ସହ ଖବରଦାତାଙ୍କ ନିମନ୍ତେ ଏକ ସୁସ୍ଥ ବାତାବରଣ ଏବଂ ନିର୍ଭୟରେ ରିପୋର୍ଟିଂ କରିବାର ପରିବେଶ ସୃଷ୍ଟି କରାଯିବା ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଆଇଏନ୍‌ଏସ୍ ସାଧାରଣ ସମ୍ପାଦକ ମାରି ପଲ୍ ଏକ ବିବୃତିରେ କହିଛନ୍ତି।

**ଫୁର୍‌ସତ୍**

## ଓଜନ କମାଇଲେ ମିଳୁଛି ପୁରସ୍କାର

**ବେଜିଂ**

ଚାଇନାର ଶେନ୍‌ଜେନ୍‌ସ୍ଥିତ ଟେକ୍ କମ୍ପାନୀ ଆରାଶି ଭିଜନ ଇନ୍‌କର୍ପୋରେଶନ (ଇନ୍‌ଷ୍ଟା ୩୬୦ ନାମରେ ବହୁଳ ଭାବେ ପରିଚିତ) ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛି। ଗତ ୩ ବର୍ଷ ଧରି 'ମିଲିୟନ ୟୁଆନ୍ ୱେଟ୍ ଲସ୍ ଚ୍ୟାଲେଞ୍ଜ' ନାମରେ ନିଜ କର୍ମଚାରୀଙ୍କ ପାଇଁ ଏହି କମ୍ପାନୀ ଏକ ପ୍ରତିଯୋଗିତା ଚଳାଇଛି। ଉକ୍ତ ପ୍ରତିଯୋଗିତା ଅନ୍ତର୍ଗତ କର୍ମଚାରୀମାନେ ଓଜନ ହ୍ରାସ କରି ନଗଦ ପୁରସ୍କାର ଜିତି ପାରୁଛନ୍ତି। ସ୍ୱାସ୍ଥ୍ୟ ସଚେତନତା ଏବଂ ଫିଟ୍‌ନେସ୍ ପ୍ରତି ନିଜ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ମିଲିୟନ ୟୁଆନ୍ ୱେଟ୍ ଲସ୍ ଚ୍ୟାଲେଞ୍ଜ'କୁ ଆରମ୍ଭ କରାଯାଇଥିବା ନେଇ ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ଏହି ପ୍ରତିଯୋଗିତା ଗତ ଅଗଷ୍ଟ ୧୨ ତାରିଖରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ଡଜନ୍‌ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କମ୍ପାନୀର ପ୍ରତ୍ୟେକ କର୍ମଚାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାରେ ୦.୫ କେ.ଜି. ଓଜନ ହ୍ରାସ କଲେ ୫୦୦ ୟୁଆନ୍ (ପ୍ରାୟ ୬,୨୦୦ ଟଙ୍କା) ପୁରସ୍କାର ମିଳିଥାଏ।



୨୦୨୨ରୁ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାର ୭ଟି ରାଉଣ୍ଡ ଆୟୋଜନ ସରିଛି, ଯେଉଁଥିରେ ପ୍ରାୟ ୨୦ ଲକ୍ଷ ୟୁଆନ୍ (ପ୍ରାୟ ୨.୫ କୋଟି ଟଙ୍କା) କର୍ମଚାରୀମାନଙ୍କୁ ପୁରସ୍କାର ସ୍ୱରୂପ ଦିଆଯାଇଛି। ୨୦୨୩ରେ ୯୯ ଜଣ କର୍ମଚାରୀ ସମୁଦାୟ ୯୫୦ କେ.ଜି. ଓଜନ ହ୍ରାସ କରି ମୋଟ ୯.୫ ଲକ୍ଷ ୟୁଆନ୍ (ପ୍ରାୟ ୧.୨ କୋଟି ଟଙ୍କା) ନଗଦ ପୁରସ୍କାର ରାଶି ଜିତିଥିଲେ। ଚଳିତ ବର୍ଷ ଇନ୍‌ଷ୍ଟା ୩୬୦ର କର୍ମଚାରୀ ଶିୟେ ୟାକି ସବୁଠାରୁ ଚର୍ଚ୍ଚିତ ପ୍ରତିଯୋଗୀ ଥିଲେ। ସେ ୯୦ ଦିନ ମଧ୍ୟରେ ୨୦ କେ.ଜି. ଓଜନ କମାଇଥିଲେ। ତାଙ୍କୁ ୨୦ ହଜାର ୟୁଆନ୍ (ପ୍ରାୟ ୨.୫ ଲକ୍ଷ) ଟଙ୍କାର ପୁରସ୍କାର ରାଶି ମିଳିଥିଲା। ସେ ଦୈନିକ ୧.୫ ଘଣ୍ଟା ବ୍ୟାୟାମ କରୁଥିଲେ ଏବଂ କଠୋର ଡାଏଟ୍‌କୁ ଅନୁସରଣ କରୁଥିଲେ ବୋଲି ଶିୟେ କହିଛନ୍ତି।

## ଟ୍ରେନ୍‌ରେ ଗୀତ ଗାଇ ରୋଜଗାର କରୁଥିଲେ



ଆୟୁଷ୍ମାନ ଖୁରାନା

**ମୁମ୍ବାଇ**

ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତାଙ୍କ ମଧ୍ୟରେ ଆୟୁଷ୍ମାନ ଖୁରାନା ଅନ୍ୟତମ। ତେବେ ଚଣ୍ଡିଗଡ଼ ନିବାସୀ ଆୟୁଷ୍ମାନଙ୍କୁ ଅନେକ ସଂଘର୍ଷ କରିବା ପରେ ବଲିଉଡ୍‌ରେ ସ୍ଥାନ ମିଳିଥିଲା। ଏନେଇ ସେ ଶନିବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି। ଆୟୁଷ୍ମାନ୍ କହିଛନ୍ତି, ଯେତେବେଳେ ସେ କଲେଜରେ ପଢ଼ୁଥିଲେ, ସେ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଟ୍ରେନ୍‌ରେ ଗୀତ ଗାଇ ଟଙ୍କା ରୋଜଗାର କରୁଥିଲେ। ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ପଶ୍ଚିମ ଏକ୍ସପ୍ରେସ୍ ଟ୍ରେନ୍‌ରେ ସେ ବନ୍ଧୁମାନଙ୍କ ସହ ମିଶି ଗୀତ ଗାଉଥିଲେ। ଯାତ୍ରୀମାନେ ଖୁସିରେ ଦେଉଥିବା ଟଙ୍କା ସେତେବେଳେ ତାଙ୍କ ପାଇଁ ରୋଜଗାରର ଏକମାତ୍ର ମାଧ୍ୟମ ଥିଲା। ଏହି ଟଙ୍କାରେ ସେ ବନ୍ଧୁମାନଙ୍କ ସହ ଗୋଆ ପରି ବିଭିନ୍ନ ସ୍ଥାନକୁ ଭ୍ରମଣ ପାଇଁ ଯାଉଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି। ଧୀରେ ଧୀରେ ସେ ଥିଏଟର, ଲାଇଭ ଶୋ, ଷ୍ଟ୍ରିଟ୍ ଡ୍ରାମା ଆଦିରେ ଅଭିନୟ କରିବାକୁ ସୁଯୋଗ ପାଇଥିଲେ। ତେଣୁ ଏହାରି ଭିତରେ କଲେଜରେ କାହାରିକୁ ପ୍ରେମ ନିବେଦନ କରିବା ପାଇଁ ସେ ସମୟ ପାଇ ନ ଥିଲେ ବୋଲି ଆୟୁଷ୍ମାନ୍ କହିଛନ୍ତି।

# ପ୍ରଧାନ ଶିକ୍ଷକ ନିଲମ୍ବିତ, ଗ୍ରାମବାସୀଙ୍କ ସ୍କୁଲ ଘେରାଉ

**ଛାତ୍ରଙ୍କ ଆଖିରେ ଅଠା ଲାଗିବା ଘଟଣା**

**ଆଉ ୨ ଛାତ୍ର ମେଡିକାଲରେ ଭର୍ତ୍ତି**

ଫୁଲବାଣୀ,୧୩।୯(ରାକେଶ କୁମାର ରାଉତ)



ସଲାଗୁଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଶନିବାର ମହିଳାମାନେ ଧାରଣା ଦେଇଛନ୍ତି।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ଛାତ୍ରଙ୍କ ଆଖିରେ ସହପାଠୀ ଅଠା (ଫେବିକୁଇକ୍) ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏନେଇ ଜିଲାପାଳ ବେଦ ଭୂଷଣ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ରହୁ ନ ଥିବା ନେଇ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାକୁ ନେଇ ଗ୍ରାମବାସୀ ସକାଳେ ସ୍କୁଲ ଘେରାଉ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ସ୍କୁଲ ଘେରାଉରୁ ହଟିଥିଲେ। ଏହି ଘଟଣାରେ ଆଉ ୨ ଜଣ ପିଲା ଶନିବାର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଫଳରେ ମୋଟ ଛାତ୍ରସଂଖ୍ୟା ୧୦ରେ ପହଞ୍ଚିଛି। ଏହି ୨ଜଣ ପିଲା ଡରରେ କିଛି କହି ନ ଥିଲେ। ପରେ ଏହା ଜଣାପଡ଼ିବା ପରେ ଜିଲା ମଙ୍ଗଳ ଅଧିକାରୀ ସେମାନଙ୍କୁ ମେଡିକାଲ ପଠାଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ରାତି ୯ଟାରେ ସମସ୍ତେ ଖାଇ ଶୋଇଥିବା ବେଳେ କେତେଜଣ ସହପାଠୀ ଛାତ୍ର ୪ର୍ଥ ଓ ୫ମରେ ପଢୁଥିବା ୧୦ ଜଣ ଛାତ୍ରଙ୍କ ଆଖିରେ ଅଠା (ଫେବିକୁଇକ) ଲଗାଇ ଦେଇଥିଲେ। ଶୁକ୍ରବାର ସକାଳୁ ଆଖି ଖୋଲିପାରି ନ ଥିଲେ। ସେମାନେ କାନ୍ଦିବା ଆରମ୍ଭ କରିବାରୁ ଘଟଣା ପଦାକୁ ଆସିଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସା ପରେ ପିଲାମାନଙ୍କ ଆଖି ଖୋଲିଛି, ହେଲେ ପୀଡ଼ା ଓ ଫୁଲା ରହିଛି । ସମସ୍ତଙ୍କ ଅବସ୍ଥା ଭଲ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଗିରଫ

ଧରାକୋଟ,୧୩।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଧରାକୋଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆଲୋକ ପଣ୍ଡା (୧୯)। ତାଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ପୋସକୋ କୋର୍ଟକୁ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଧରାକୋଟ ଥାନା ଅନ୍ତର୍ଗତ କୁଶପଡା ଗ୍ରାମର ଆଲୋକ ଗ୍ରାମର ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ନାବାଳକ (୧୨)ଙ୍କୁ ଗତ ସୋମବାର ଏକ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଭିତରକୁ ଡାକିନେଇ ତାଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପୂର୍ବରୁ ଆଲୋକ ନାବାଳକଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ରଖିଥିଲେ। ଏପରିକି କଥାବାର୍ତ୍ତାର ଅଡିଓ ରେକର୍ଡ କରି ମଧ ରଖିଥିଲେ। ଘଟଣା ଦିନ ଅପ୍ରାକୃତ ଯୌନ ସମ୍ପର୍କ ସ୍ଥାପନ ପରେ ନାବାଳକଙ୍କୁ ଘରକୁ ଯାଇ ଟଙ୍କା ମାଗି ଆଣିବାକୁ କହିଥିଲେ। ନାବାଳକ ମନା କରିବାରୁ ତାଙ୍କୁ ରେକର୍ଡ କରି ରଖିଥିବା କଥା ସବୁ ପ୍ରଘଟ କରିଦେବାକୁ ଭୟ ଦେଖାଇଥିଲେ। ନାବାଳକ ଜଣକ ଘରକୁ ଯାଇ ଏକଥା ମା'ବାପାଙ୍କୁ ଜଣାଇଥିଲେ। ମା' ଶୁକ୍ରବାର ଏନେଇ ଧରାକୋଟ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ନଂ. ୩୪୮/୨୫ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରାଯାଇ ଅଭିଯୁକ୍ତ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି ।

## ପାଳିତ ଝିଅଙ୍କୁ ଗର୍ଭବତୀ କରି ବାପା ଗିରଫ

ଧର୍ମଶାଳା/କାଏମା,୧୩।୯
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ମିର୍ଜାପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ତାଙ୍କ ପାଳିତ ଝିଅଙ୍କୁ ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହିତ ବୟାନ ରେକର୍ଡ ପାଇଁ ପୀଡ଼ିତାଙ୍କୁ ଯାଜପୁର ଟାଉନସ୍ଥିତ ସର୍ଟ୍ଷ୍ଟେ ହୋମରେ ରଖିଛି। ସମ୍ପୃକ୍ତ ବ୍ୟକ୍ତି ଦିବ୍ୟାଙ୍ଗ ହୋଇଥିବାରୁ ନାବାଳିକା ତାଙ୍କ ସେବା କରୁଥିଲେ। ଏହାର ସୁଯୋଗନେଇ ସେ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିଲେ। ନାବାଳିକା ଏବେ ୫ ମାସର ଗର୍ଭବତୀ ଅଛନ୍ତି। ମାତ୍ର ଲୋକଲଜ୍ଜା ଭୟରେ ତାଙ୍କ ଘରେ ଏ ସମ୍ପର୍କରେ ଜଣାଇ ନ ଥିଲେ। ଅନ୍ୟପକ୍ଷରେ କାହାକୁ କହିଲେ ତାଙ୍କୁ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ବ୍ୟକ୍ତି ଧମକ ଦେଇଥିଲେ। ପୀଡ଼ିତାଙ୍କ ମା' ଏକଥା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭୨/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

## ଆଇଟିଆଇ ହଷ୍ଟେଲରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ବସ୍ତା, ୧୩।୯(ହରିଶଙ୍କର ପାଢ଼ି)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ନଳବାହାରସ୍ଥିତ ଏକ ଘରୋଇ ଆଇଟିଆଇ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳରେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ନଳବାହାରସ୍ଥିତ ପପୁଲାର ଆଇଟିଆଇରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଭାବେ ସେ ପ୍ରଶିକ୍ଷଣ ନେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କ ବାପାଙ୍କୁ ଟେଲିଫୋନ୍ ଯୋଗେ ଜଣାଇଥିଲେ। ଖବରପାଇ ବସ୍ତା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଛାତ୍ରୀଙ୍କ ପରିବାର ପକ୍ଷରୁ ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କଲେଜ କର୍ତ୍ତୃପକ୍ଷ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

## ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ ଜବତ,୨ ଗିରଫ

ବଇଣ୍ଡା,୧୩।୯(ପରିକ୍ଷିତ ସାହୁ)/ଆଠମଲ୍ଲିକ(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଧୀନସ୍ଥ ଧଣ୍ଡାତୋପା ଓଭରବ୍ରିଜ୍ କ୍ୟାମ୍ପରୁ ଶୁକ୍ରବାର ଧଣ୍ଡାତୋପା ବନ ବିଭାଗ କର୍ମଚାରୀ ଓ ଠାକୁରଗଡ଼ ପୋଲିସ ମିଳିତ ଭାବେ ଚଢ଼ାଉ କରି ଏକ ଦେଶୀ ବନ୍ଧୁକ, କିଛି ଅଫୁଟା ଗୁଳି, ବାରୁଦ ବୋତଲ ସହ ପଟାସ ଜବତ କରିଛନ୍ତି। ଏଥିସହ କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ(୩୬) ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ(୨୭)ଙ୍କୁ ଗିରଫ କରିଛନ୍ତି। ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୨୬୦/୨୫ରେ ଏକ ମାମଲା ରୁଜୁ କରିଛି। ଏସିଏଫ୍ ଦିବ୍ୟ ସିଂ ମାଝୀ, ରେଞ୍ଜର ସାହୁ, ଫରେଷ୍ଟର ଗୌରଚନ୍ଦ୍ର ଦନ୍ତାଙ୍କ ସମେତ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଶନିବାର ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଅଟୋ ଚାଳକଙ୍କ ଗଳାକାଟି ହତ୍ୟା

ଟିକିରି,୧୩।୯
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡା ଥାନା ଅଧୀନ ଜି.କରଳ ଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଅଟୋ ଚାଳକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ପଡୋଶୀ କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି। ହତ୍ୟା ପରେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ରାୟଗଡା ଏସ୍‌ଡିପିଓ ଗୌରହରି ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଛନ୍ତି। ଗୁଣି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ଭାଇ ଦୋରାଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ମୃତ ଖଗେଶ୍ୱର ମାଣ୍ଡାଙ୍ଗି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି ଓ ରମାକାନ୍ତ ମାଣ୍ଡାଙ୍ଗି ଅଟୋ ଯୋଗେ ଟିକିରି ବାଲିଯାତ୍ରା ଦେଖିବାକୁ ଯାଇଥିଲେ। ବୁଲାବୁଲିକରି ଗାଁକୁ ଫେରିବା ସମୟରେ ଉକ୍ତ ଗ୍ରାମର ଚିତ୍ର ମାଣ୍ଡାଙ୍ଗି ଗାଁକୁ ଯିବାକୁ କହି ସେମାନଙ୍କୁ ଲିଫ୍ଟ ମାଗିଥିଲେ। ଖଗେଶ୍ୱର ତାଙ୍କୁ ଅଟୋରେ ଲିଫ୍ଟଦେବା ପରେ ସମସ୍ତେ ଗାଁ ଅଭିମୁଖେ ଯାଉଥିଲେ। ଅଟୋରେ ରମାକାନ୍ତ ଶୋଇପଡିବା ପରେ କୌଣସି କାରଣକୁ ନେଇ ଚିତ୍ର ଅଧବାଟରେ ଏକ ଧାରୁଆ ଅସ୍ତ୍ରରେ ଅଟୋଚାଳକ ଖଗେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏହି ସମୟର ରମାକାନ୍ତ ଉଠିପଡି ଖଗେଶ୍ୱରଙ୍କୁ ରକ୍ଷା କରିବାରୁ ତାଙ୍କୁ ମଧ ଚିତ୍ର ଆକ୍ରମଣ କରିଥିଲେ। ଫଳରେ ସେ ଭୟଭୀତ ହୋଇ ସେଠାରୁ ପଳାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଦୋରାଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଖଗେଶ୍ୱରଙ୍କୁ ଉଦ୍ଧାରକରି ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦାରାଗୁଡ଼ା ଆଇଆଇସି କିରଣବାଳା ସାମଲ ସୂଚନା ଦେଇଛନ୍ତି।

## BUSINESS

# ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଅନାବରଣ

ଭୁବନେଶ୍ୱର,୧୩।୯




ଭାଣପୁରସ୍ଥିତ ମାରୁତି ସୁଜୁକି ଅଧିକୃତ ବିକ୍ରେତା ସ୍କାଏ ଅଟୋମୋବାଇଲ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଶନିବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଉନ୍ମୋଚନ ଉତ୍ସବରେ ସ୍କାଏ ଅଟୋମୋବାଇଲ ଆରେନାର ସିଓଓ ତୁଷାର ରଞ୍ଜନ ବେହେରା, ସ୍କାଏ ଅଟୋମୋବାଇଲ ନେକ୍ସାର ସିଓଓ ପ୍ରବୀଣ ଲାଥ, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଗୁପ୍ତା, ସିନିୟର ସେଲ୍‌ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, କ୍ୱାଲିଟି ମ୍ୟାନେଜର ରଶ୍ମିରେଖା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲମ୍ୟାଟ୍ସ ରହିଛି। ଏହା ଏଏଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍‌ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ଛଅଟି ଭାରିଆଣ୍ଟରେ ଉପଲବ୍ଧ। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି । ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ୍ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି।

## ୬୬ ଉପଭୋକ୍ତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୧୩।୯

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନୟାଗଡ଼ ଡିଭିଜନରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ 'ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍' ଅଧୀନରେ ୬୬ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବକେୟା ନ ଥିବା ଯୋଗ୍ୟ ଉପଭୋକ୍ତାମାନଙ୍କୁ ଏକ ଲକି ଡ୍ର' ଜରିଆରେ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। 'ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍' ହେଉଛି ବିଭିନ୍ନ ଡିଭିଜନରେ କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ।

## ଓଜିବି ପକ୍ଷରୁ ପରିପୂର୍ଣ୍ଣ ଅଭିଯାନ



ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)

ଜନସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ପକ୍ଷରୁ ଦେଶବ୍ୟାପୀ ଗ୍ରାମପଞ୍ଚାୟତ ସ୍ତରୀୟ ଏକ ତ୍ରୈମାସିକ ପରିପୂର୍ଣ୍ଣ ଅଭିଯାନ ଚାଲିଛି। ସେପ୍ଟେମ୍ବର ୩୦ ଯାଏ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା (ଏପିୱାଇ) ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରାଯାଉଛି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ପକ୍ଷରୁ ନିକଟରେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ସୁନ୍ଦରଗଡ଼ ସଦର ବ୍ଲକ୍‌ର ଲଙ୍କାହୁଡ଼ା ଗ୍ରାମରେ ଏକ ଶିବିର ଆୟୋଜନ କରିଥିଲା। ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାକୁର ଓ ସ୍ଥାନୀୟ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସମାବେଶ




ଭୁବନେଶ୍ୱର,୧୩।୯

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଶାଖା ପକ୍ଷରୁ ଆର୍ଥିକ ସମାବେଶ ସାଚୁରେଶନ ଅଭିଯାନ ବିସ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ବିସ୍ରାର ଅତିରିକ୍ତ ବ୍ଲକ୍ ବିକାଶ ଅଧିକାରୀ(ଏବିଡିଓ) ବାସନ୍ତୀ ମାଝୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଏମ୍ରେନ୍ସିଆ କୁଲୁ ଏବଂ ଫୁଲମଣି କେର୍‌କେଟାଙ୍କ ସମେତ ଶାଖା ପ୍ରବନ୍ଧକ ଦୁର୍ଗାଦାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଏମ୍‌ରେ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)



ଓଡିଏମ୍ ଏଜୁକେଶନାଲ୍ ଗ୍ରୁପ୍ ପୂର୍ବ ପକ୍ଷରୁ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ, ଫ୍ରାନ୍ସ, ଆମେରିକା, କାନାଡା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସୁଇଜରଲାଣ୍ଡର ୬୮ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ଉଚ୍ଚଶିକ୍ଷା ବିକଳ୍ପଗୁଡିକ ଅନୁସନ୍ଧାନ କରିବା ଏବଂ ସେମାନଙ୍କର ଶୈକ୍ଷିକ ଭବିଷ୍ୟତ ବିଷୟରେ ସୂଚନାପୂର୍ଣ୍ଣ ନିଷ୍ପତ୍ତିନେବା ପାଇଁ ସୁଯୋଗ ପ୍ରଦାନ କରିଛି। ଅହମଦାବାଦ ବିଶ୍ୱବିଦ୍ୟାଳୟ, କୋଲକାତାର ଆମିଟି ବିଶ୍ୱବିଦ୍ୟାଳୟ, ଏଫ୍‌ଏଲ୍‌ଏମ୍‌ଇ ୟୁନିଭର୍ସିଟି, ଜିଡି ଗୋଏଙ୍କା ବିଶ୍ୱବିଦ୍ୟାଳୟ ଏବଂ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଆମ ସହ ଯୋଗଦେଇଥିଲେ । ସେମାନଙ୍କ ସହ ଯୁକ୍ତରାଷ୍ଟ୍ରର ସେଣ୍ଟ ଥମାସ୍ ବିଶ୍ୱବିଦ୍ୟାଳୟ, ନର୍ଦ୍ଦନ ଆରିଜୋନା ବିଶ୍ୱବିଦ୍ୟାଳୟ, ନର୍ଥଉଡ୍ ବିଶ୍ୱବିଦ୍ୟାଳୟ ଏବଂ ଇଏଚ୍‌ଏଲ୍ ହସ୍ପଟାଲିଟି ବିଶ୍ୱବିଦ୍ୟାଳୟ (ସୁଇଜରଲାଣ୍ଡ) ପରି ବିଶିଷ୍ଟ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ମଧ ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତ୍ତିଗତ ଭବିଷ୍ୟତକୁ ଆକାର ଦେବା ପାଇଁ ସୂଚନାପ୍ରଦ ପସନ୍ଦ କରିବାକୁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ସମ୍ବଳ ସହ ସଜ୍ଜିତ କରିବା। ଏହି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମାରୋହରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ତଥା ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରିଲାଏନ୍ସ ଟ୍ରେଣ୍ଡ୍‌ସର ଦୁର୍ଗାପୂଜା ସ୍ପେଶାଲ ଉତ୍ସବ

ଭୁବନେଶ୍ୱର,୧୩।୯(ଅନୁରାଧା ମହାରଣା)




ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ 'ଦୁର୍ଗାପୂଜା ସ୍ପେଶାଲ' ଉତ୍ସବ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଉତ୍ସବ ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର କ୍ରୟ ସହ ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇପାରିବେ। 'ପୂଜା ଶପିଙ୍ଗ୍, ଏବେ ଅଧିକ ଲାଭଦାୟକ' ଶୀର୍ଷକ ରହିଥିବା ଏହି ଅଭିଯାନ ଜରିଆରେ ଟ୍ରେଣ୍ଡ୍‌ସ ଏହାର ଗ୍ରାହକଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଟ୍ରେଣ୍ଡ୍‌ସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲଭ୍ୟ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ୍ ଆଗରେ ରହିଛି। ଗ୍ରାହକମାନେ ଦୁର୍ଗାପୂଜା ଅବସରରେ ଟ୍ରେଣ୍ଡ୍‌ସରେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ ଆସେସୋରିଜ୍ ଆଦି କ୍ରୟ କରିପାରିବେ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାରରେ ୩୨ ପ୍ରତିଯୋଗୀ



ଛେଣ୍ଡିପଦା,୧୩।୯(ଅଜିତ୍ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛେଣ୍ଡିପଦା ବ୍ଲକର ପ୍ରାୟ ୩୨ଟି ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଗଡିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ ଗଡନାୟକ ଯୋଗଦେଇ ଚଳିତବର୍ଷ ପାଇଁ ସ୍ଥିରୀକୃତ ହୋଇଥିବା ସେମିନାରର ମୁଖ୍ୟ ପ୍ରସଙ୍ଗ 'କ୍ୱାଣ୍ଟମ ଯୁଗର ଆରମ୍ଭ-ସମ୍ଭାବନା ଓ ଆହ୍ୱାନ' ଉପରେ ଗୁରୁତ୍ୱାରୋପ କରି ସମାଜ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ଆଧୁନିକ ବିଜ୍ଞାନର ଅନେକ ନୂତନ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ସହକାରୀ ଶିକ୍ଷକ ମହେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ସାହୁ, ଦୁଃଶାସନ ବେହେରା, ରୁଚିସ୍ମିତା ବେହେରା, ମାନସରଞ୍ଜନ ପ୍ରଧାନ, ଗୋପାଳ ସିଂହ, ସଞ୍ଜୟ କୁମାର ଦାସ, ମନୋଜ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରାଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଗଡିଆ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ(ପ୍ରଥମ) ଓ ବୀଣାପାଣି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମାଝୀ (ଦ୍ୱିତୀୟ)ଙ୍କୁ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗଦେବା ପାଇଁ ଚୟନ କରାଯାଇଥିଲା।

# ଓପିଏସ୍ କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ଓଡ଼ାପଡ଼ା,୧୩।୯(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଅଧିକାରୀ ଡ. ବଳରାମ ପୁଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି, ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଓ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ନୀଳକଣ୍ଠ ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ. ପ୍ରଧାନ ସୁସ୍ଥ ରହିବା ପାଇଁ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନୀଳକଣ୍ଠ ଦାସ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ପ୍ରାଥମିକ ଚିକିତ୍ସାର କୌଶଳ ସମ୍ପର୍କରେ ମତବ୍ୟକ୍ତ କରିଥିବାବେଳେ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ପ୍ରାଥମିକ ଚିକିତ୍ସାର ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଡ.ପୁଷ୍ଟି 'ପ୍ରାଥମିକ ଚିକିତ୍ସା ମଣିଷର ଜୀବନ ବଞ୍ଚାଇଥାଏ' ବୋଲି କହିଥିଲେ। ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଉର୍ମିଳା ପରିଡ଼ା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଶ୍ୱସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

ବଇଣ୍ଡା,୧୩।୯(ପରିକ୍ଷିତ ସାହୁ)




ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସହକାରୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସରକାରୀ ଉ.ପ୍ରା. ବିଦ୍ୟାଳୟ ଧଉରାପାଲିର ସହକାରୀ ଶିକ୍ଷକ ମହେଶ୍ୱର ମେହେରଙ୍କୁ ସରକାର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ କିଶୋରନଗର ମଣ୍ଡଳ ଭାଜପା ପ୍ରଭାରୀ ତଥା ସାମାଜିକ କର୍ମୀ ଡା. ଅଲେଖ ପ୍ରଧାନ ଯୋଗଦେଇ ମହେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ନୀଳୟ କୁମାରୀ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମହେଶ୍ୱରଙ୍କୁ ଏହି ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜ୍ଞାନ ପ୍ରତି ସମସ୍ତେ ମନୋବଳ ବଢ଼ାଇବା ଆବଶ୍ୟକ

ବଇଣ୍ଡା,୧୩।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଯୋଗଦେଇ ସେମିନାରକୁ ଉଦ୍‌ଘାଟନ କରିଥିଲେ। ସେମିନାରରେ ବ୍ଲକର ୨୭ ଟି ହାଇସ୍କୁଲର ୨୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାର ଯାଇଥିଲା। ଏଥିରେ ମାନସ ପାଣିଗ୍ରାହୀ, ବିଶ୍ୱଜିତ ମାନ୍ତ୍ରି ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଉଦ୍‌ଯାପାନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ବିଜ୍ଞାନ ପ୍ରତି ସମସ୍ତେ ମନୋବଳ ବଢ଼ାଇବା ଆବଶ୍ୟକ ବୋଲି କହିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




# ଗାଡ଼ି ଧକ୍କାରେ ଯୁବକଙ୍କ ଗୋଡ଼ ଭାଙ୍ଗିଲା

ବଣ୍ଟଁରପାଳ,୧୩।୯(ସୁବାସ ସାହୁ)

ଅନୁଗୋଳ ଜିଲ୍ଲା ବଣ୍ଟଁରପାଳ ବ୍ଲକ ନାଲ୍‌କୋନଗର ଥାନା ଅନ୍ତର୍ଗତ ସେଣ୍ଟ୍ରାଲ ମାର୍କେଟ ନିକଟରେ ଶନିବାର ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଗୋଡ଼ ଭାଙ୍ଗିଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ତୁରଙ୍ଗ ଅଞ୍ଚଳର ଦେବ ବେହେରା(୩୫) ସାଙ୍ଗଙ୍କ ସହ ସେଣ୍ଟ୍ରାଲ ମାର୍କେଟ ଦେଇ ବାଇକ୍‌ରେ ଯାଉଥିବା ବେଳେ ଏକ ଅଟୋ ବାଇକ୍‌କୁ ଧକ୍କାଦେଇ ପଳାଇ ଯାଇଥିଲା। ଏଥିରେ ଦେବଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ନାଲ୍‌କୋ ପାଟ୍ରୋଲିଂ ଟିମ୍ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ନାଲ୍‌କୋ ଡାକ୍ତରଖାନା ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ସାପ କାମୁଡାରେ ବୃଦ୍ଧ ମୃତ

ବସ୍ତା, ୧୩।୯(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଚାଷୀପଡ଼ା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଅଭିମନ୍ୟୁ ଦତ୍ତ (୭୦)ଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ବିଲକୁ ସାର ପକାଇବାକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡିଥିଲା। ଏହା ଜାଣିପାରି ବିଲରେ କାମ କରୁଥିବା ଅନ୍ୟ ଲୋକଙ୍କୁ ସେ ଏ ସମ୍ପର୍କରେ କହିଥିଲେ। ଲୋକମାନେ ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଅଭିଯୋଗ ପରେ ବି ମିଳିଲାନି ନ୍ୟାୟ ଥାନା ଆଗରେ ଧାରଣାରେ ବସିବେ ମହିଳା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୧୩।୯

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମବାସୀ ସୁକାନ୍ତି ଦାସଙ୍କ ବାଡ଼ିରୁ ସେପ୍ଟେମ୍ବର ୯ରେ ଗଛ କାଟିବା ଓ ବାଡ଼ ଭାଙ୍ଗିବା, ପୁଣି ୧୧ରେ ତାଙ୍କୁ ଘରେ ତାଲା ପକାଇ ରୋଷେଇ ଘରକୁ ଜେସିବି ଲଗାଇ ଭାଙ୍ଗିଦେଇଥିଲେ। ଏନେଇ ମହିଳାଜଣଙ୍କ ଦୁଇ ଥର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସୁକାନ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ନ୍ୟାୟ ନ ମିଳିବାରୁ ବାଲିଆପାଳ ଥାନା ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଶନିବାର ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, CUTTACK
E-Mail I.D. - rw_cuttack@yahoo.co.in, Ph. No. 0671-2440662
Cancellation of Tender Call Notice No. Tender-Online-RWD Ctc-02/2024-25 dt.02.07.2025

No.O-760 : Due to unavoidable circumstances the Tender Call Notice No. Tender-Online-RWD Ctc-02/2025-26 date.02.07.2025 is here by cancelled.
All other terms & conditions remain unchanged.

Sd./- Superintending Engineer
Rural Works Division, Cuttack
OIPR-25053/11/0038/2526

OFFICE OF THE DIRECTOR-CUM-MEDICAL SUPERINTENDENT
MENTAL HEALTH INSTITUTE, S.C.B. MEDICAL COLLEGE HOSPITAL, CUTTACK
Telephone:0671-2414359, Email:mhi.cuttack@gmail.com
TENDER CALL NOTICE

No.E-381:Sealed tenders are invited from the reputed suppliers for supply of Instruments & Equipments to Mental Health Institute, SCB Medical College Hospital, Cuttack-753007. The tender will be opened on scheduled date and time in the office of the undersigned in presence of the bidders or their authorized representatives. The bidders may download the Tender Documents directly from the website https://mentalhealthinstitute-scb.odisha.gov.in. The cost of tender paper is Rs.1,000/- (Non-refundable) bank draft/demand draft in favour of **"Director-cum-Medical Superintendent, Mental Health Institute, SCB Medical College Hospital, Cuttack"** payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received through Speed Post/Regd. Post only. The authority reserves the right to reject any / all the tenders without assigning any reasons thereof.
1. Date of sale of tender paper - 15/09/2025 to 06/10/2025
2. Last date of receipt of tender paper - 08/10/2025.
3. Date & Time of opening of technical bid - 09/10/2025 at 4.00 P.M.
4. Place of opening of tender -Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007.

Sd./- Director-cum-Medical Superintendent, Mental Health Institute, SCB MCH, Cuttack
OIPR-10051/11/0023/2526

NOTICE INVITING BID (TENDER)
No.704 / DSGAH, Bhubaneswar dt.12.09.2025
TENDER FOR SUPPLY OF RAW DRUGS & CONTINGENT ARTICLES TO GOVERNMENT AYURVEDIC HOSPITAL PHARMACY, BHUBANESWAR, GOVERNMENT AYURVEDIC PHARMACY, BOLANGIR AND GOPABANDHU AYURVEDA MAHAVIDYALAYA PHARMACY, PURI, ODISHA.

No.E-380 : Scaled tenders are invited from reputed manufacturers/ authorized dealers for the supply of Raw drugs and Contingent articles to the Government Ayurvedic Hospital Pharmacy, Bhubaneswar, the Government Ayurvedic Pharmacy, Bolangir and the Gopabandhu Ayurveda Mahavidyalaya Pharmacy, Puri, for the preparation of Medicines out of the budgeted fund approved for the financial year 2025-26.

| | | |
|---|---|---|
| 1. | Value of Tender | Rs.1,00,05,000/- (One Crore five thousand) Only |
| 2. | Cost of Tender Book | Rs.1,050.00 (One Thousand and Fifty rupees only including GST) |
| 3. | Availability of tender book | In the office of the Deputy Superintendent, GAH, BBSR, only in shape of D.D./ Bankers Cheque in favour of the Deputy Superintendent, Government Ayurvedic Hospital, Old Town, Bhubaneswar |
| 4. | Mode of payment of cost of Tender Book | In the shape of a Demand Draft / Bankers Cheque in favor of the Deputy Superintendent of Government Ayurvedic Hospital, Bhubaneswar, Odisha, payable at Bhubaneswar. |
| 5. | Date of commencement of sale of Tender Book | Dt: 15.09.2025 at 11.00 A.M. to 08.10.2025 at 4.00 P.M. |
| 6. | Last date & time for submission of tender | Dt: 08.10.2025 at 4.00 P.M. |
| 7. | Date & time of Pre-bid meeting | Dt. 23.09.2025 at 11.30 A.M Place: Conference Hall , Directorate AYUSH, Odisha, Bhubaneswar. |
| 8. | Mode of submission of tender | This will be received through a sealed tender box kept in the office chamber of the Deputy Superintendent, GAH, BBSR, Odisha. |
| 9. | Mode of submission of sealed samples | To be received by the Deputy Superintendent, GAH, BBSR, Odisha, and in his absence A.M.O., I/c-Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 10. | Date, Time & Place for opening of tenders | Technical bids will be opened on 09.10.2025 at 11.30 A.M. at the Government Ayurvedic Hospital Pharmacy, Bhubaneswar. The Financial Bids of the technically qualified bidders will be communicated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to www.ayushodisha.nic.in

Sd./- Deputy Superintendent
Govt. Ayurvedic Hospital, Bhubaneswar, Odisha
OIPR-10053/11/0008/2526

GOVERNMENT OF ODISHA
e-Procurement Notice
OFFICE OF THE ADDITIONAL CHIEF ENGINEER
CENTRAL MINOR IRRIGATION CIRCLE, BHUBANESWAR
Phone/Fax (0674) 2540559, cmic.bbsr@gmail.com
No.938, Dt.11.09.2025
No.A-614: e-Procurement Notice
BID ID. NO. ACECMIC-01/2025-26

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 04 (Four) Nos. |
| 3. | Estimated Cost | : | Approximate cost varies from Rs. 100.95 lakh to Rs.231.28 Lakh |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 17.09.2025 (10.30 Hrs) to 03.10.2025 (upto 17.30 Hrs) in website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 03.10.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | On 04.10.2025, 11.00 Hrs. onwards in the O/o. Additional Chief Engineer, Central M.I.Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place http.//tendersodisha.gov.in.

Sd./- Additional Chief Engineer
Central M.I. Circle, Bhubaneswar
OIPR-32047/11/0012/2526

NOTICE INVITING TENDER No.CAD-1749
Office of District Manager
Odisha State Civil Supplies Corporation Ltd. (OSCSC) Gajpati
Name of Unit or Block : Nuagada Block
Tender No. 2801 Dated : 12.09.2025
Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district.
Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 13-09-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 15-09-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for **online** submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 22-09-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 23-09-2025 11.00 AM at Civil Supplies Office, Collectorate Building,Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 23-09-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 / 18003456765 |

N.B :
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Gajapati
OIPR-07087/11/0010/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)
No.e-tender//3353//RWC//BAM//Dated 11.9.25
1st Corrigendum to Bid Identification No.Online Tender/24-2025-26/BPR

No.O-762: 1) The partial modification of Road Works under MMSY-TRIP & Bridges Works under Setu Bandhana Yojana (SBY) vide above identification has been made as follows.

| | | | |
|---|---|---|---|
| 1 | Late Date of availability of tender | :: | 23.09.2025 upto 5.30 PM instead of 18.09.2025 upto 5.30 P.M. |
| 2 | Last Date & Time of seeking tender clarification | :: | 20.09.2025 at 5.30 PM instead of 16.09.2025 at 5.30 PM |
| 3 | Date of Opening of Technical Bid | :: | 24.09.2025 at 11.00 AM instead of 19.09.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR-25071/11/0131/2526 Sd./- Chief Construction Engineer, R.W.Circle, Berhampur

GOVT. OF ODISHA
OFFICE OF THE EXECUTIVE ENGINEER (AGRIL), AGRIL, ENGG.DIVISION, KEONJHAR
AT/PO: MADHAPUR, DISTRICT:KEONJHAR-758001, Email ID: eeagril.kjr@gmail.com
e-Procurement Notice: Dated 12.09.2025
Bid Identification No.EE(AGRIL) Keonjhar Division-01/2025-26

No.L-63:The Executive Engineer (Agril.), Agril, Engg-Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-Procurement in ONLINE MODE only in the website "www.tendersodisha.gov.in" for civil works/buildings in the district of Keonjhar as detailed below:

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.) (Rs. Lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03 Nos. (Three Nos) Building Works/ Civil Construction works/ PH Sanitary & Electrical Works | Vary from Rs.11.87 Lakh to Rs.15.01 lakh | Rs.6000.00 | 1% of the Amount Put to Tender | C & D | 120 Days |

1. Date & Time of availability of bid document in the portal: 15.09.2025 at 10.00 AM to 22.09.2025, 5.30 PM.
2. Last date/time for receipt of bids in the portal: 22.09.2025 upto 5.30 PM
3. Date of Submission of original bid documents in Tender Box: 15.09.2025, 10.00 AM to 23.09.2025 upto 1.00 P.M.
4. Date & Time of opening of original Documents, Verification & Online bids- 24.09.2025 at 11.00 AM onwards.

The Bidders have to participate in ONLINE bidding only in the e-Procurement website: https://tendersodisha.gov.in. with matching class DSC. Any addendum/corrigendum/cancellation of tender/other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reason thereof.
OIPR-01460/11/0007/2526 Sd./- Executive Engineer (Agril.) Agril.Engg. Division, Keonjhar

Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
OFFICE OF THE DIVISIONAL FOREST OFFICER, BALASORE WILDLIFE DIVISION
AT/PO: KURUDA, Dist:BALASORE, PIN:756056, ODISHA, Ph.No.:06782-256142, e-mail:dfo.balasorewl@odisha.gov.in
TENDER CALL NOTICE FOR HIRING VEHICLE

No.MM-191: Sealed tenders are invited from interested Reputed Travel Agencies / Tour Operators / Individuals for providing approximately 17 (Seventeen) Nos. of Vehicle (BS-VI emission compliant Diesel driven AC) vehicles with commercial registration in accordance with the Office Memorandum No. 15836/F Dated 27.05.2025 of the Finance Department, Govt. of Odisha, for official use (as detailed mentioned below) on hiring basis under the establishment of Balasore Wildlife Division, Balasore. The sealed Tenders shall reach in the O/o the Divisional Forest Officer, Balasore Wildlife Division, Balasore on or before **24th September, 2025** by **11.00 A.M.** through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Balasore Wildlife Division, Balasore. The tenders will be opened in the same office on **24th September, 2025 at 12.00 P.M.** The Standard Bidding Document and Terms and Conditions can be downloaded from **https://balasore.odisha.gov.in/ ; https://odishaforest.in/** and also can be obtained from the Office of the Divisional Forest Officer, Balasore Wildlife Division, Balasore from 12th September, 2025 to 23rd September, 2025 during office hours.

| Sl. No. | Name of Office | Safari /Scorpio N/ XUV 700 (equivalent or higher model) Maximum monthly Hiring charge in Rs.44,400/- | Scorpio/ Bolero Neo (equivalent or higher model) Maximum monthly Hiring charge in Rs. 37,200/- |
|---|---|---|---|
| 1 | Divisional Forest Office, Balasore Wildlife Division | 01 | - |
| | | - | 03 |
| 2 | Forest Range Office, Kuldiha WL Range | - | 4 |
| 3 | Forest Range Office, Jaleswar WL Range | - | 2 |
| 4 | Forest Range Office, Chandipur WL Range | - | 2 |
| 5 | Forest Range Office, Soro WL Range | - | 4 |
| 6 | Forest Range Office, Nilgiri WL Range | - | 1 |
| | TOTAL | 01 | 16 |

OIPR-08036/11/0014/2526 Sd./-Divisional Forest Officer, Balasore Wildlife Division, Balasore

THE ODISHA AGRO INDUSTRIES CORPORATION LTD.
(A Govt. of Odisha Undertaking)
95-Satya Nagar, Bhubaneswar-7
https://odishaagro.nic.in/
Invitation for Bids
Bid Identification No. M.D. / OAIC - 60 (E & I)/2025-26

No.CAD-1747 : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites **percentage rate** bids in **double cover** system in **ONLINE MODE** only, for the following works.

| Sl. No. | Name of the Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1 | Construction of MPAG-cum-DTC building at CDAO Campus, Madhapur, Keonjhar | Rs.66,38,650/- | 1% i.e. Rs.66,400/- | ₹ 12,390/- | 6 (Six) Calendar Months | 'B' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.10.09.2025 to 15:00 Hours of dt.03.10.2025**.
2. Online bids shall be received till **15:00 Hours of dt.03.10.2025**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **16:00 Hours of dt.03.10.2025** in the office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class – II or Class – III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OAIC Ltd., Bhubaneswar
OIPR-01047/11/0055/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଶାଙ୍କୁ ଏୟାର ପିସ୍ତଲରେ ସ୍ୱର୍ଣ୍ଣ

## ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍



**ନିଙ୍ଗ୍‌ବୋ (ଚାଇନା), ୧୩।୯ (ପି.ଟି.)**

ଅଲିମ୍ପିଆନ ତଥା ବର୍ତ୍ତମାନର ମିକ୍ସଡ ଟିମ୍ ପିସ୍ତଲ ବିଶ୍ୱ ଚାମ୍ପିୟନ ଇଶା ସିଂ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ରାଇଫଲ/ପିସ୍ତଲ ଇଭେଣ୍ଟର ମହିଳା ୧୦ମିଟର ଏୟାର ରାଇଫଲରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ଭାରତର ପଦକ ଖାତା ଖୋଲିଛନ୍ତି। ନିଙ୍ଗ୍‌ବୋ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟରଠାରେ ଏହି ୨୦ ବର୍ଷୀୟା ଶୁଟର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସ୍ଥାନୀୟ ଫେଭରାଇଟ୍ ୟାଓ ଜିଆନ୍‌ଜୁନ୍‌ଙ୍କୁ ୦.୧ ପଏଣ୍ଟରେ ହରାଇ ଦେଇଛନ୍ତି। ବର୍ତ୍ତମାନର ଅଲିମ୍ପିକ ଚାମ୍ପିୟନ ତଥା ଦକ୍ଷିଣ କୋରିଆର ଓହ୍ ୟେଜିନ୍ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଇଭେଣ୍ଟରେ ଇଶାଙ୍କର ଏହା ହେଉଛି ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣ। ତାଙ୍କର ଏହି ପଦକ ବଳରେ ଭାରତକୁ ବର୍ତ୍ତମାନ ପଦକ ଟେବୁଲରେ ୫ମ ସ୍ଥାନ ମିଳିଛି। ଏଥିସହିତ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିବା ଅନ୍ୟ ୪ ଦେଶ ସହ ଯୋଗ ଦେଇଛି। ଆୟୋଜକ ଚାଇନା ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ଷ୍ଟାଣ୍ଡିଂର ଶୀର୍ଷସ୍ଥାନରେ ରହିଛି। ଟୁର୍ନାମେଣ୍ଟର ପ୍ରତ୍ୟେକ ଇଭେଣ୍ଟ ଲାଗି ଭାରତ ଏହାର ୪ର୍ଥ ଓ ୬ଷ୍ଠ ର‍୍ୟାଙ୍କିଂପ୍ରାପ୍ତ ଶୁଟରଙ୍କୁ ପଠାଇଛି।

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଦୁବାଇ, ୧୩।୯ (ପି.ଟି.)**

ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ହାଇଭୋଲଟେଜ ମ୍ୟାଚ୍‌କୁ ନେଇ ସର୍ବଦା କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ହେଲେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇଛି। ଏଥିଯୋଗୁ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ କିଛି ବର୍ଗ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ପାକିସ୍ତାନଠାରୁ ଭାରତ ପାଖରେ ଅଧିକ ଶକ୍ତିଶାଳୀ ଦଳ ଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବିଶେଷ ଆଗ୍ରହ ନାହିଁ। ଏପରି କି ଦୁଇ ସପ୍ତାହ ପୂର୍ବେ ମ୍ୟାଚ୍ ଲାଗି ଟିକେଟ୍ ବିକ୍ରି ଆରମ୍ଭ ହେବା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଟିକେଟ୍ ବିକ୍ରି ହୋଇପାରି ନାହିଁ।

ଗତ ଥର ଚାମ୍ପିୟନ ଭାରତ ମ୍ୟାଚ୍ ଜିତିବା ପାଇଁ ଫେଭରାଇଟ୍ ରହିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ



ସୂର୍ଯ୍ୟକୁମାର ଯାଦବ



ସଲମାନ ଅଲୀ ଅଘା

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ସହଜରେ ହରାଇ ଅଭିଯାନ ଆରମ୍ଭ କରିଛି। ଦଳରେ ଶୁବମନ ଗିଲ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀଙ୍କ ଭଳି ତାରକା ରହିଛନ୍ତି। ଏଣୁ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ସଲମାନ ଅଲୀ ଅଘାଙ୍କ ନେତୃତ୍ୱାଧୀନ ଦଳରେ ସ୍ୟାମ ଆୟୁବ ଓ ହାସନ ନୱାଜଙ୍କ ଭଳି ଯୁବ ପ୍ରତିଭା ରହିଛନ୍ତି। ୟୁଏଇର କଣ୍ଡିଶନ ସହ ପାକିସ୍ତାନ ଅଧିକ ପରିଚିତ ଥିବାରୁ ଶାହୀନ ଶାହା ଆଫ୍ରିଦି ଭାରତର ବ୍ୟାଟିଂ ଲାଇନ ପାଇଁ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇପାରନ୍ତି।

ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ୧୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ସେଥିରୁ ଭାରତ ୧୦ଥର ଜିତିଥିବା ବେଳେ କେବଳ ୩ ମ୍ୟାଚ୍‌ରେ ପାକିସ୍ତାନ ବିଜୟ ସ୍ୱାଦ ଚାଖିଛି। ଅନ୍ତିମ ଥର ଦୁଇ ଦଳ ଗତ ବର୍ଷ ଜୁନ ୯ ତାରିଖରେ ନ୍ୟୁୟର୍କରେ ପରସ୍ପରକୁ ଭେଟିଥିଲେ। ଏହି ଲୋ ସ୍କୋରିଂ ମ୍ୟାଚ୍‌କୁ ଭାରତ ୬ ରନରେ ଜିତିଥିଲା। ଉଲ୍ଲେଖଯୋଗ, ୨୦୨୧ ଟି୨୦ ବିଶ୍ୱକପ୍‌ରେ ସମାନ ଭେନ୍ୟୁରେ ପାକିସ୍ତାନ ୧୦ ଉଇକେଟରେ ଭାରତକୁ ହରାଇଥିଲା, ଯାହାକି କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଭାରତ ବିପକ୍ଷରେ ପାକିସ୍ତାନ ପାଇଁ ପ୍ରଥମ ବିଜୟ ଥିଲା। ଏହାପରେ ଭାରତ ୨୦୨୨ ଓ ୨୦୨୪ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇଥିଲା। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ୫ ମ୍ୟାଚ୍ ମଧ୍ୟରେ ଭାରତ ୩ଟି ଜିତିଛି।

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ଭାରତ**
**ବନାମ ପାକିସ୍ତାନ**

**ଭେନ୍ୟୁ: ଆବୁଧାବି,**
**ସମୟ: ରାତି ୮ଟା**

**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

# ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ

**ଆବୁଧାବି, ୧୩।୯**

ଚଳିତ ଏସିଆ କପ୍‌ରେ ଶନିବାର ଖେଳାଯାଇଥିବା ପଞ୍ଚମ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଛି। ଦୁଇ ଓପନର ତାଞ୍ଜିଦ ହାସନ ତମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରିନଥିବା ବେଳେ ତୋହିଦ ହ୍ରିଦୟ ୮ ଓ ମେହେଦି ହାସନ ୯ ରନ କରିଥିଲେ। ଅଧିନାୟକ ଲିଟନ ଦାସ ୨୮ ରନ କରି ଆଉଟ୍ ହୋଇଥିବା ବେଳେ ଜାକର ଅଲୀ ୪୧ ଓ ଶମିମ ହୋସେନ ୪୨ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଶ୍ରୀଲଙ୍କ ପାଇଁ ୱାନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିବା ବେଳେ ନୁୱାନ ଥୁଶାରା ଓ ଦୁଶମନ୍ଥା ଚମିରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୨୦ ଓଭରରେ ୧୩୯/୫ (ଲିଟନ ଦାସ-୨୮, ଜାକର ଅଲୀ-୪୧*, ଶମିମ ହୋସେନ-୪୨*, ୱାନିନ୍ଦୁ ହସରଙ୍ଗା-୨/୨୫, ଦୁଶମନ୍ଥା ଚମିରା-୧/୧୭)।

# ଭୁବନେଶ୍ୱରରେ ଏସିଆନ ଟିଟି ଅକ୍ଟୋବର ୧୧ରୁ

**ନୂଆଦିଲ୍ଲୀ, ୧୩।୯ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓହରିଯିବାରୁ ଭୁବନେଶ୍ୱରରେ ହେବାକୁଥିବା ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ରେ ୨୨ଟି ଦେଶ ଭାଗ ନେବେ ବୋଲି ସ୍ପଷ୍ଟ ହୋଇଛି। ଓଡ଼ିଶାରେ ପ୍ରଥମ ଥର ଏସୀୟସ୍ତର ଟେବୁଲ ଟେନିସ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ୫୦୦ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବ। ତନ୍ମଧ୍ୟରେ ୪୫୦ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଏହାଛଡ଼ା ୭୦ରୁ ୮୦ ଏସିଆନ ଟେବୁଲ ଟେନିସ ୟୁନିୟନ ଅଫିସିଆଲ ମଧ୍ୟ ଆସିବେ। ଏହି ଚାମ୍ପିୟନଶିପ୍ ୧୬ବର୍ଷ ପରେ ଭାରତକୁ ଫେରିଛି। ବିଶ୍ୱସ୍ତରରେ ଏହି ଖେଳରେ ଏସିଆର ଆଧିପତ୍ୟ ରହିଥିବାରୁ ଖେଳାଳିମାନଙ୍କଠାରୁ ଉଚ୍ଚ ମାନର କ୍ରୀଡ଼ା କୌଶଳ ଦେଖିବାକୁ ମିଳିବ। ହେଭିୱେଟ୍ ଚାଇନା, ଜାପାନ ଓ କୋରିଆ ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୦ ଜଣିଆ ଦଳ ପଠାଇବେ, କାରଣ ସେମାନେ ଲଣ୍ଡନରେ ହେବାକୁଥିବା ୨୦୨୬ ବିଶ୍ୱ ଟିମ୍ ଚାମ୍ପିୟନଶିପ୍ ପାଇଁ ଏହାକୁ ପ୍ରସ୍ତୁତି ଇଭେଣ୍ଟ ଭାବେ ବିବେଚନା କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଶ୍ରୁତିଶ୍ରୀ ସିହ୍ନା (ବୁବୁଲୁ)**

ବୌଦ୍ଧ, ପୋଡ଼ାପୋଡ଼ା

ତୋର ୧୭ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ପ୍ରଭୁଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ ।

ଶୁଭେଚ୍ଛା ସହ: ଆଇ, ଗୁଗୁଲ, ଡୁଡୁଲୁ

ଧ-୧୯୭୩


# ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ ଫାଇନାଲରେ

**ହଂକଂ, ୧୩।୯ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଲମୋରାର ୨୩ ବର୍ଷୀୟ ସେନ୍ ହେଉଛନ୍ତି ୨୦୨୧ ବିଶ୍ୱ ଚାମ୍ପିୟନଶିପ୍‌ର ବ୍ରୋଞ୍ଜ ବିଜେତା। ଦୀର୍ଘଦିନ ପରେ ଏକ ଟାଇଟଲ ସମ୍ଭାବନା ସୃଷ୍ଟି କରିଛନ୍ତି। ଶନିବାର ୫୬ ମିନିଟର ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ ବିଶ୍ୱର ୯ ନମ୍ବର ତଥା ତୃତୀୟ ସିଡ୍ ଚାଇନିଜ ତାଇପେଇର ଚୋଉ ତିନ୍ ଚେନ୍‌ଙ୍କୁ ୨୩-୨୧, ୨୨-୨୦ରେ ହରାଇ ଦେଇଛନ୍ତି। ଦୁଇ ବର୍ଷ ମଧ୍ୟରେ ଏକ ବଡ଼ ଟୁର୍ନାମେଣ୍ଟରେ ସେ ପ୍ରଥମ ଥର ଏକ ଫାଇନାଲ ଖେଳିବାକୁ ଯାଉଛନ୍ତି।

ଅନ୍ୟପକ୍ଷରେ ବିଶ୍ୱର ୯ ନମ୍ବର ଭାରତୀୟ ଯୋଡ଼ି ସାତ୍ତ୍ୱିକ ଓ ଚିରାଗ ସେମାନଙ୍କ ସେମିଫାଇନାଲରେ ଚାଇନିଜ ତାଇପେଇର ବିଙ୍ଗ୍‌ୱି ଲିନ୍ ଓ ଚେନ୍ ଚେଙ୍ଗ୍ କୁଆନଙ୍କୁ ୨୧-୧୭, ୨୧-୧୫ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ସେମାନେ ୬ଟି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପରାଜିତ ହେବାପରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିପାରିଛନ୍ତି। ୮ମ ସିଡ୍ ଭାରତୀୟ ଯୋଡ଼ି ଚାଇନାର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ଅନ୍ୟ ସେମିଫାଇନାଲର ବିଜେତାଙ୍କୁ ଭେଟିବେ। ବର୍ଷକ ପୂର୍ବେ ଏହି ଭାରତୀୟ ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋହ ଉଇ ୟିକ୍‌ଙ୍କଠାରୁ ପରାଜିତ ହୋଇ ଏକ ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଛନ୍ତି। ତେବେ ପରେ ବିଶ୍ୱ ଚାମ୍ପିୟନଶିପ୍ ଏକ ବ୍ରୋଞ୍ଜ ପଦକ ହାସଲ କରିବା ଦ୍ୱାରା ସେମାନଙ୍କୁ କିଛିଟା ସାନ୍ତ୍ୱନା ମିଳିଥିଲା। ସାଇନା ନେହ୍ୱାଲ ଓ ପି.ଭି ସିନ୍ଧୁଙ୍କ ପରେ ଏକ ଇଭେଣ୍ଟରେ ଏକାଧିକ ପଦକ ଜିତିବାରେ ସେମାନେ ତୃତୀୟ ଭାରତୀୟ ଯୋଡ଼ି ବିବେଚିତ ହୋଇଥିଲେ।



ଲକ୍ଷ୍ୟ ସେନ୍

## ଏସିଆ କପ୍ ମହିଳା ହକି

# ଭାରତ-ଚାଇନା ଫାଇନାଲ

**ହାଙ୍ଗ୍‌ଝୋ (ଚାଇନା), ୧୩।୯ (ପି.ଟି.)**

ଏସିଆକପ୍ ମହିଳା ହକିର ଫାଇନାଲ ରବିବାର ଭାରତ ଓ ଚାଇନା ମଧ୍ୟରେ ଖେଳାଯିବ। ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଶନିବାର ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ୧-୧ରେ ଡ୍ର ରହିଥିଲା। ଭାରତର ଫାଇନାଲରେ ପ୍ରବେଶ ଚାଇନା-କୋରିଆ ମ୍ୟାଚର ଫଳାଫଳ ଉପରେ ନିର୍ଭର କରୁଥିଲା। ସୌଭାଗ୍ୟ ବଶତଃ ଏହି ମ୍ୟାଚରେ ଚାଇନା ୧-୦ ଗୋଲ୍‌ରେ କୋରିଆକୁ ହରାଇ ଦେଇଥିଲା। ଜାପାନ ବିପକ୍ଷ ମ୍ୟାଚରେ ଭାରତର ଆରମ୍ଭ ଉତ୍ସାହଜନକ ଥିଲା। ୭ମ ମିନିଟରେ ବିୟୁଟି ଡୁଙ୍ଗ୍ ଡୁଙ୍ଗ୍ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଜାପାନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଖେଳ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକିଥିବା ବେଳେ କୋବାୟାକାୱା ଶିହୋ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲେ। ଟୁର୍ନାମେଣ୍ଟରେ ଦୁଇ ଦଳ ମଧ୍ୟରେ ଏହା ଦ୍ୱିତୀୟ ଡ୍ର'। ପୁଲ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ଯଦି ପୂର୍ବରୁ କୋରିଆ ବିପକ୍ଷରେ ବିଜୟ ହାସଲ କରିପାରିଥାନ୍ତା ତେବେ ଆୟୋଜକ ଚାଇନା ବିପକ୍ଷରେ ଫାଇନାଲ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିପାରିଥାନ୍ତି।

# ବିସିସିଆଇ ଏଜିଏମ୍: ଗାଙ୍ଗୁଲି, ଭଜି ଭାଗନେବେ

**ମୁମ୍ବାଇ, ୧୩।୯ (ପି.ଟି.)**

ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ପୂର୍ବତନ ସ୍ପିନର ହରଭଜନ ସିଂ (ଭଜି), ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଆଇପିଏଲ୍ ଚେୟାରମ୍ୟାନ ଅରୁଣ ସିଂ ଧୁମଲ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବିସିସିଆଇର ବର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଜ ରାଜ୍ୟ ଆସୋସିଏଶନ ଲାଗି ପ୍ରତିନିଧିତ୍ୱ କରିବେ। କ୍ରିକେଟ ଆସୋସିଏନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ ପ୍ରତିନିଧି ଭାବେ ବିସିସିଆଇର ପୂର୍ବତନ ସଭାପତି ଗାଙ୍ଗୁଲି ଓ ପଞ୍ଜାବ କ୍ରିକେଟ ଆସୋସିଏନ (ପିସିଏ) ପକ୍ଷରୁ ଭଜିଙ୍କ ନାମ ପଠାଯାଇଛି। ସାଇକିଆ ଓ ଧୁମଲ ଯଥାକ୍ରମେ ଆସାମ କ୍ରିକେଟ୍ ଆସୋସିଏଶନ ଓ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏଶନର ପ୍ରତିନିଧିତ୍ୱ କରିବେ। ସେହିଭଳି ବିସିସିଆଇ କୋଷାଧ୍ୟକ୍ଷ ପ୍ରଭତେଜ ସିଂ ଭାଟିଆ ଛତିଶଗଡ଼ ରାଜ୍ୟ କ୍ରିକେଟ୍ ସଂଘ ଓ ଉପ ସଭାପତି ରାଜୀବ ଶୁକ୍ଳା ଉତ୍ତର ପ୍ରଦେଶ କ୍ରିକେଟ୍ ଆସୋସିଏଶନର ପ୍ରତିନିଧିତ୍ୱ କରିବେ ବୋଲି ନିର୍ବାଚନ ଲାଗି ନିଯୁକ୍ତ ଇଲେକ୍ଟୋରାଲ ଅଫିସର ଏକେ ଜ୍ୟୋତି ଶନିବାର ଜାରି କରିଥିବା ତାଲିକାରେ ଦର୍ଶାଯାଇଛି।


# Classified Everyday

**0674-2580101, 9692975378**



MATRIMONIAL

**GROOM WANTED**

ବୟସ 29, College Librarian ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1968

44 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 8455853154. D-1969



**REAL ESTATE**
**SALE**

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର AIIMS Medical ପାଖରେ B.D.A. Town Planning Road 30ft., Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ୍ ମିଳୁଅଛି। (No broker). 9 4 3 7 5 3 7 5 4 9 , 7735595306. D-1966

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921


ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941



TOURS & TRAVELS

ଆଣ୍ଡାମାନ ସ୍ପେଶାଲ- ସୀମିତ ମୂଲ୍ୟରେ ଆଣ୍ଡାମାନ ଗସ୍ତ 6 ରାତି 7 ଦିନ। ଡାଇନିଂ ଏସି ରୁମ୍/କାର୍/ଏସି କ୍ରୁଜ୍ ମୋଟ 17,777/-. 9641286599. D-1972




Newly open Jyoti SPA positively health benefits (expert therapist). 8458067955. D-1885

The massage felt totally professional! & comfortable at all times- 7978109255. D-76492

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before (Executive Magistrate), Erasama, dated- 10.04.2025, I, Rabi Chandra Samal, Address: At- Kiada, P.O.- Ambiki, P.S.- Erasama, Dist.- Jagatsinghpur, PIN- 754139 declare that I have changed my name from RABINDRA SAMAL (Old name) to Rabi Chandra Samal (New name). Henceforth, I shall be known as Rabi Chandra Samal (New name) for all purposes.
Rabi Chandra Samal
D-1970

By virtue of an affidavit sworn before the Executive Magistrate, Titilagarh, No.- 527, date 06.09.25, I, Raghunath Tandi, S/o- Rushi Tandi, R/o. At/ P.O.- Goelbhadi, P.S.- Saintala, Dist.- Bolangir (Odisha), PIN-767033 declare that I have changed my daughter's name from Neha Tandi to Sneha Tandi. Henceforth, she shall be known as Sneha Tandi for all purposes.
Raghunath Tandi
D-1967

I, Gadadhara Pradhan, S/o- Late Magati Pradhan, resident of Village/Post- Ataranga, P.S.- Aska, Dist.- Ganjam, Odisha, India, PIN- 761116 declare this affidavit No.- 2179, dated 11.09.2025 that now onwards I shall be known as Gadadhar Pradhan for all future purpose.
ଗଦାଧର ପ୍ରଧାନ
ଧ-୧୯୭୧

By virtue of an affidavit sworn before Executive Magistrate, Patrapur, dated 10.07.2024, I, Bibek Badatya, S/o- Abhimanyu Badatya, At- B Nuagam Sasan, P.O.- B Nugam, P.S.- Jarada, Dist.- Ganjam, Odisha, 761006, declare that I have Changed my name from Ganesh Babdatya to Bibek Badatya. Henceforth, I shall be known as Bibek Badatya for all purposes. D-1974

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar that I, Prajnaparamita Rout, my father's correct name is Sudhansu Sekhar Rout in my Aadhaar Card. But in my HSC Certificate father name mentioned as Sudhanshu Sekhar Rout. So, I declare that above father's both name is same and one person. D-1976

**LEGAL NOTICE**

In the Court of Sub-Divisional Judicial Magistrate, Bargarh
1.C.C No. 59 of 2016
Byomakesh Kar
....Complainant
Versus
Ashok Kumar Bhoi
...Accused
Notice
To,
Ashok Kumar Bhoi, S/o- Jaldhar Bhoi, R/o- Rinbachana, P.S./Tahasil- Loisinga, Dist.- Bolangir
Take notice that, the above case is pending against you under section 138 of Negotiable Instrument Act in this Court and you are directed to appear on Dt.16.10.2025 at 10.30 A.M in this Court positively.
S.D.J.M, Bargarh
D-1975

# ପୁସ୍ତକପ୍ରେମୀଙ୍କ ସାଥୀ ଇ-ବୁକ୍

**ବହି ପଢ଼ିବା ଅନେକଙ୍କର କେବଳ ଏକ ରୁଚି ନୁହେଁ ନିଶା ମଧ୍ୟ । କାରଣ ଏଥିପାଇଁ ସେମାନେ କେବେ ବହି ଦୋକାନ ତ କେବେ ପୁସ୍ତକ ମେଳା ଆଉ ପୁଣି କେବେ ପହଞ୍ଚିଯାଆନ୍ତି ଲାଇବ୍ରେରିରେ। ଏମିତିକି ବିଭିନ୍ନ ଅନ୍‌ଲାଇନ୍ ଶପିଂ ସାଇଟ୍‌ରୁ ବି ମଗାଇଥାନ୍ତି ବହି । ହେଲେ ଯେବେ ପଢ଼ିବାକୁ ଇଚ୍ଛା ଥିବା କୌଣସି ବହି ସହଜରେ ନ ମିଳେ ଅବା ଦାମ୍ ଆକାଶଛୁଆଁ ହୋଇଥାଏ ସେତେବେଳେ ହୁଏ ମନ କଷ୍ଟ। ଏମିତିରେ ପୁସ୍ତକପ୍ରେମୀମାନଙ୍କ ସମସ୍ୟାର ବେଷ୍ଟ ସମାଧାନର ମାଧ୍ୟମ ପାଲଟିଛି ବିଭିନ୍ନ ଫ୍ରି ବୁକ୍ ରିଡିଂ ପ୍ଲାଟ୍‌ଫର୍ମ...**





ବିଭିନ୍ନ ପ୍ରକାରର ବହି ପଢ଼ିବାରେ ଅନେକେ ରୁଚି ରଖନ୍ତି। କିନ୍ତୁ କେବେ କେବେ ବହି ନ ମିଳିବା ଅବା ଅଧିକ ଟଙ୍କା ଯୋଗୁ ଇଚ୍ଛା ଥିଲେ ସୁଦ୍ଧା କେତେକ ବହି ପଢ଼ି ହେଉ ନ ଥିବାରୁ ଅନେକଙ୍କ ମନ କଷ୍ଟ ହୋଇଥାଏ। ହେଲେ ବର୍ତ୍ତମାନ ଇଣ୍ଟରନେଟ୍‌ରେ ଉପଲବ୍ଧ ବିଭିନ୍ନ ଫ୍ରି ରିଡିଙ୍ଗ୍ ପ୍ଲାଟ୍‌ଫର୍ମ ଏବେ ପୁସ୍ତକପ୍ରେମୀଙ୍କ ପାଇଁ ବିନା ଖର୍ଚ୍ଚରେ ନିଜ ପସନ୍ଦର ବହି ପଢ଼ିବାର ସୁଯୋଗ ଆଣି ଦେଇଛି। ଯେଉଁଥିରେ ପଢ଼ା ବହିଠୁ ଆରମ୍ଭ କରି ଗପ, କବିତା, ଉପନ୍ୟାସ, ଆତ୍ମଜୀବନୀ ଏବଂ ଅନେକ ପ୍ରକାରର ବହି ପଢ଼ିବା ସହିତ ଅଡିଓ ବୁକ୍‌ର ମଧ୍ୟ ସୁବିଧା ରହିଛି। ଜାଣନ୍ତୁ କେତୋଟି ଲୋକପ୍ରିୟ ଅନ୍‌ଲାଇନ୍ ବୁକ୍ ରିଡିଙ୍ଗ୍ ପ୍ଲାଟ୍‌ଫର୍ମ ସମ୍ପର୍କରେ...

**ପ୍ରୋଜେକ୍ଟ ଗୁଟେନ୍‌ବର୍ଗ:** ଫ୍ରି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଭିତରେ ଏହା ସବୁଠୁ ପୁରୁଣା ତଥା ବିଶ୍ୱସନୀୟ। ଏଠାରେ ୭୫ ହଜାରରୁ ଊର୍ଦ୍ଧ୍ୱ ପବ୍ଲିକ୍ ଡୋମେନ୍ ପୁସ୍ତକ ଉପଲବ୍ଧ, ଯେଉଁଥିରେ ଜେନ୍ ଅଷ୍ଟେନ୍, ୱିଲିୟମ ସେକ୍ସପିଅର୍, ଚାର୍ଲ୍ସ ଡିକେନ୍ସ, ମାର୍କ ଟ୍ୱାଇନ୍‌ଙ୍କ ଭଳି ପ୍ରସିଦ୍ଧ ଲେଖକଙ୍କ ପୁସ୍ତକ ଉପଲବ୍ଧ। ଏହି ପୁସ୍ତକ ସବୁ ନର୍ମାଲ୍ ଟେକ୍ସଟ୍‌ଠୁ ଆରମ୍ଭ କରି ଇ-ପବ୍, କିଣ୍ଡଲ୍, ପିଡିଏଫ୍ ଆଦି ଫର୍ମାଟ୍‌ରେ ରହିଛି, ଯାହାକୁ ବିନା ରେଜିଷ୍ଟ୍ରେଶନ୍ ଡିଭାଇସ୍‌ରେ ଡାଉନ୍‌ଲୋଡ୍ କରାଯାଇପାରିବ। କ୍ଲାସିକ୍ ସାହିତ୍ୟ ପଢ଼ିବା ପାଇଁ ଏହା ସବୁଠୁ ଭଲ ପ୍ଲାଟ୍‌ଫର୍ମ।

**ଗୁଗୁଲ୍ ପ୍ଲେ ବୁକ୍ସ:** ଏହା ମଧ୍ୟ ମାଗଣା ବହିର ଏକ ବଡ ଉତ୍ସ। ଫ୍ରି ବୁକ୍ସ ସର୍ଚ୍ଚ କରି ଏଥିରେ ଫିକ୍ସନ୍, ନନ୍‌ଫିକ୍ସନ, ବାୟୋଗ୍ରାଫି, ବିଜ୍‌ନେସ୍, ଫାଣ୍ଟାସି, ମିଷ୍ଟରୀ, ସାଇନ୍ସ ଫିକ୍ସନ୍, ଟେକ୍ସଟ୍ ବୁକ୍ ଆଦି ଉପଲବ୍ଧ। ଏହାକୁ ଆପଣ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ।

**ଓପନ୍ ଲାଇବ୍ରେରି:** ଇଣ୍ଟରନେଟ୍ ଆର୍କାଇଭ୍‌ର ଏହା ଏକ ଅଂଶ। ଏହି ବିଶାଳ ଡିଜିଟାଲ୍ ଲାଇବ୍ରେରି ପ୍ରତ୍ୟେକ ପ୍ରକାଶିତ ବହି ପାଇଁ ଏକ ୱେବ୍ ପେଜ୍ ଆରମ୍ଭ କରିବା ଲାଗି କାର୍ଯ୍ୟ କରୁଛି। ଏଥିରେ ଲକ୍ଷ ଲକ୍ଷ ସଂଖ୍ୟାରେ ପୁସ୍ତକ ରହିଛି ଯେଉଁଥିରେ ବିଭିନ୍ନ ଫିକ୍ସନ୍, ନନ୍‌ଫିକ୍ସନ ବହି ସହ ପିଲାଙ୍କ ପାଇଁ ମଧ୍ୟ ବହି ଏବଂ ପଢ଼ା ବହି ବି ସାମିଲ ଅଛି। ଯେଉଁଥିରୁ କେତେକ ବହି ସିଧାସଳଖ ବ୍ରାଉଜରରେ ପଢ଼ି ହେଉଥିବା ବେଳେ ଆଉ କେତେକଙ୍କୁ ଫ୍ରି ଆକାଉଣ୍ଟ ଜରିଆରେ ଉଧାର ବି ଆଣିହେବାର ସୁବିଧା ରହିଛି।





**ୱିକି ବୁକ୍ସ:** ବିଜ୍ଞାନ, ଗଣିତ, ସାହିତ୍ୟ, ପ୍ରୋଗ୍ରାମିଙ୍ଗ୍ ଏବଂ ଭାଷା ଶିଖିବା ଆଦି ମାଗଣା ପୁସ୍ତକ ଓ ରେଫରେନ୍ସ ସାମଗ୍ରୀ ପ୍ରଦାନ କରିଥାଏ। ଛାତ୍ରୀଛାତ୍ରଙ୍କ ପାଇଁ ଏହି ସାଇଟ୍ ବିଶେଷ ଭାବେ ଉପଯୋଗୀ।

**ମେନିବୁକ୍ସ:** ଏଥିରେ ମଧ୍ୟ ବହୁ ସଂଖ୍ୟାରେ ଫ୍ରି ବୁକ୍ସ ଉପଲବ୍ଧ, ଯାହାକି ବିଶେଷ କରି ବିଭିନ୍ନ ଶାସ୍ତ୍ରରୁ ସଂଗ୍ରହ କରାଯାଇଛି। ଏହା ବ୍ୟତୀତ ସାଇନ୍ସ ଫିକ୍ସନଠୁ ଆରମ୍ଭ କରି ବିଜ୍‌ନେସ୍ ଗାଇଡ୍ ପର୍ଯ୍ୟନ୍ତ ସବୁ ବହି ସହଜରେ ମିଳିଥାଏ। ଏହାର ରେକମେଣ୍ଡଶନ୍ ଇଞ୍ଜିନ୍ ଏବଂ ୟୁଜର୍ ରିଭ୍ୟୁ ସିଷ୍ଟମ୍ ଭଲ ଭଲ ବହି ବାଛିବାରେ ସାହାଯ୍ୟ କରିଥାଏ। ଏଥିରେ ଅନେକ ଭାଷା ବହି ଉପଲବ୍ଧ ଥିବାରୁ ଭାଷା ଜ୍ଞାନ ବୃଦ୍ଧି କରିବାରେ ଏହା ବେଶ୍ ସାହାଯ୍ୟ କରିଥାଏ।

ଏହି ସବୁ ସାଇଟ୍ ବ୍ୟତୀତ ବୁକ୍ ବୁନ୍, ଷ୍ଟାଣ୍ଡାର୍ଡ ଇ-ବୁକ୍ସ, ସ୍ମାସ୍ ୱାର୍ଡ୍ସ, ପିଡିଏଫ୍ ବୁକ୍ସୱାର୍ଲ୍ଡ, ଲାଇବ୍ରେରି ଜେନେସିସ୍, ଇ-ବୁକ୍ସ ଡାଇରେକ୍ଟୋରି ଆଦି ମଧ୍ୟ ଫ୍ରି ବୁକ୍ ରିଡିଙ୍ଗ୍ ପାଇଁ ବେଶ୍ ଭଲ।



## କ'ଣ କୁହନ୍ତି ଏମାନେ...



**ଶ୍ରୀସିକ୍ତା ଶୁଭଦର୍ଶିନୀ**( ଛାତ୍ରୀ, ଭୁବନେଶ୍ୱର)- ଇଣ୍ଟରନେଟରେ ଉପଲବ୍ଧ ବହି ସବୁ ପଢ଼ିପାରିବା ଅର୍ଥନୈତିକ ଦୃଷ୍ଟିକୋଣରୁ ଖୁବ୍ ଭଲ। ଅନେକ ସମୟରେ ବଜାରରେ ସହଜରେ ଉପଲବ୍ଧ ହେଉ ନ ଥିବା ତଥା ପ୍ରକାଶନ ବନ୍ଦ ହୋଇଯାଇଥିବା ବହି ସବୁ ୱେବସାଇଟରେ ମିଳିଯିବା ପାଠକ ପାଇଁ ଅଭିନନ୍ଦନୀୟ। ସ୍ନାତକୋତ୍ତର ସମୟରେ ଲିବ୍ ଜେନ ସାଇଟରୁ ମୁଁ ମୋ ପାଠ୍ୟକ୍ରମ ଅନେକ ବହି ପଢ଼ିବାରେ ସମର୍ଥ ହୋଇଛି। ଓଡ଼ିଆ ବିଭବରେ ବହି ସହଜରେ ଉପଲବ୍ଧ। ଅତଏବ ବହି ପଢା ଜାରି ରହୁ, ମାଧ୍ୟମ କେବେ ପ୍ରତିବନ୍ଧକ ନୁହେଁ।



**ଲୋହିତ ନାରାୟଣ ମହାପାତ୍ର** (ଗୋଡିପଡ଼ା, ଜଙ୍କିଆ ଖୋର୍ଦ୍ଧା)- ମୋର କବିତା, ସାହିତ୍ୟ ଲେଖିବା ପ୍ରତି ବିଶେଷ ରୁଚି ରହିଛି। ଅବସର ସମୟ ମିଳିଲେ ଲେଖାଲେଖି କରେ ଓ ଅଧିକ ପଢିବା ଲାଗି ସୋସିଆଲ ମିଡିଆରେ ପେନ୍ ଇନ୍ ବୁକ୍‌ସ, ଲିଟେରାରୀ ଫେଷ୍ଟ, ଫେସ୍‌ବୁକ ଆକାଉଣ୍ଟ, ବିଭିନ୍ନ ସାହିତ୍ୟ ସୃଜନୀ ଫଲୋ କରେ। ଅନ୍‌ଲାଇନରେ ସୃଷ୍ଟି ଓ ସ୍ରଷ୍ଟା, ଓଡ଼ିଆ ସାହିତ୍ୟ, କବିତା ଆସର ପ୍ରଭୃତି ସୋସିଆଲ ପୃଷ୍ଠା ସହିତ ଗୁଗଲ୍ ପ୍ଲେ ବୁକ୍ସ, ଓପନ୍ ଲାଇବ୍ରେରି, ମେନିବୁକ୍ସ ଆଦି ସାଇଟ୍‌ରୁ ପଢ଼ାପଢ଼ି କରେ।

## ଏ ସପ୍ତାହର ପ୍ରଶ୍ନ ?

୧- ଦି ଟାଇଫୁନ୍ ମିଶାଇଲ୍ ସିଷ୍ଟମ୍ .......... ଦେଶ ପ୍ରସ୍ତୁତ କରିଛି ?
୨- ଶ୍ରୀବିଲିପୁଥର୍-ମେଘମଲାଇ ଟାଇଗର ରିଜର୍ଭ .......... ରାଜ୍ୟରେ ଅବସ୍ଥିତ ?
୩- ଛତିଶଗଡ଼-ତେଲଙ୍ଗାନା ସୀମାରେ ଥିବା କେରାଗୁଟା ହିଲ୍‌ରେ ଚାଲିଥିବା ସବୁଠୁ ବଡ଼ ଆଣ୍ଟି ନକ୍ସଲ୍ ଅପରେଶନ୍‌ର ନାମ ............ ?
୪- ଅଙ୍ଗୀକାର ୨୦୨୫ କ୍ୟାମ୍ପେନ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ............. ସ୍କିମ୍‌ରେ ଅନ୍ତର୍ଭୁକ୍ତ ?
୫- ଲଣ୍ଡନ୍ ମୁସ୍‌ଲିମ୍ ଲିଗ୍ ୧୯୦୮ ....... ପ୍ରତିଷ୍ଠା କରିଥିଲେ ?

## ଗତ ଥରର ଉତ୍ତର

୧ ହରିୟାଣା
୨ ଶ୍ରୀଲଙ୍କା
୩ ୧୯୨୧
୪ ଏନ୍‌ଏଚ୍- ୧୩୦ ସି
୫ ରାଜସ୍ଥାନ

## ଉତ୍ତର ଦାତା



ଶେଖ୍ ୟାକୁବ୍ ଗୋପ



ଶକ୍ତିପ୍ରସାଦ ସିଂ ଭୁବନେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ଟେନ୍ ୧୦

### ସବୁଠୁ ଲୋକପ୍ରିୟ ସ୍ମାର୍ଟୱାଚ୍ ବ୍ରାଣ୍ଡ- ୨୦୨୫

୧........................................ ଆପଲ୍
୨........................................ ସାମ୍‌ସଙ୍ଗ୍
୩........................................ ଗୁଗଲ୍(ପିକ୍ସେଲ୍ ୱାଚ୍)
୪........................................ ଗାର୍ମିନ୍
୫........................................ ଫିଟ୍‌ବିଟ୍
୬........................................ ହୁଆୱି
୭........................................ ଜାଓମି
୮........................................ ଆମାଜ୍‌ଫିଟ୍
୯........................................ ୱାନ୍‌ପ୍ଲସ୍
୧୦........................................ ଫସିଲ୍



ୟୁଥ୍ ଆଲର୍ଟ

## ହେବ ନାହିଁ କ୍ୟାନ୍ସର

**ପୃଥିବୀର ପ୍ରତିଟି ସ୍ଥାନରେ ବର୍ତ୍ତମାନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯେଉଁଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ବି ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ମୁତାବକ ବର୍ତ୍ତମାନ ୩୦ ବର୍ଷରୁ କମ୍ ବୟସ୍କଙ୍କଠାରେ ମଧ୍ୟ କ୍ୟାନ୍ସର ରୋଗ ଅଧିକ ଦେଖିବାକୁ ମିଳୁଛି। ଭାରତରେ ବଢୁଥିବା କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ଦେଖି, ମୁଖ୍ୟତଃ ୮ଟି ଦିଗପ୍ରତି ସତର୍କ ରହିଲେ ଯୁବପିଢ଼ି ଏହି ରୋଗଠାରୁ ଦୂରେଇ ରହିପାରିବେ। ସେନେଇ ଏମ୍ସର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଜାଣନ୍ତୁ ସେ ସମ୍ପର୍କରେ...**

❖ସର୍ବପ୍ରଥମେ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। କାରଣ ବର୍ତ୍ତମାନର ଜଙ୍କ୍ ଫୁଡ୍, କମ୍ ଫାଇବର୍‌ଯୁକ୍ତ ଖାଦ୍ୟ ଆଦିର ଅଧିକ ସେବନ ମଧ୍ୟ କ୍ୟାନ୍ସରର ପ୍ରମୁଖ କାରଣ। ତେଣୁ ଅଳ୍ପ ବୟସରୁ ହିଁ ଏଭଳି ଖାଦ୍ୟାଭ୍ୟାସଠାରୁ ଦୂରେଇ ରହିବା ସହ ଅଧିକ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍ସର ଆଶଙ୍କା କମିଥାଏ।



❖ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ମୁତାବକ ଯେଉଁମାନେ ପ୍ରତିଦିନ ୫୦ଗ୍ରାମ୍ ପ୍ରୋସେସ୍ଡ ମିଟ୍ ଖାଉଛନ୍ତି ସେମାନଙ୍କଠାରେ ମଧ୍ୟ କୋଲେରେକ୍ଟାଲ୍ କ୍ୟାନ୍ସର ଆଶଙ୍କା ୧୮ ପ୍ରତିଶତ ଅଧିକ। ସେହିପରି ଅଧିକ ରେଡ୍ ମିଟ୍ ଖାଇବା ବି କ୍ଷତିକାରକ।

❖ଆଜିକାଲି ଅନେକ ଯୁବପିଢ଼ି ବାହାରେ ଛଣାଛଣି ବା ଅଧିକ ତେଲଯୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉଛନ୍ତି। ହେଲେ ସେହିସବୁ ଖାଦ୍ୟ ପ୍ରସ୍ତୁତ ହେବା ଲାଗି ଅନେକ ଦୋକାନୀ ଭଲ ତେଲ ବ୍ୟବହାର କରି ନ ଥାନ୍ତି, ଯାହାକି କ୍ୟାନ୍ସରର ଆଉ ଏକ ବଡ଼ କାରଣ। ତେଣୁ ସବୁବେଳେ ଭଲ ତେଲ ବିଶେଷ କରି ଅଲିଭ୍ ଅଏଲ୍‌ରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍ସର ଆଶଙ୍କା ପ୍ରାୟ ୩୦ ପ୍ରତିଶତ କମ୍ ହୋଇଥାଏ।

❖ ଆଲ୍‌କହଲ୍ ଅଧିକ ପିଇବା ଦ୍ୱାରା କିମ୍ବା ଗୁଟ୍‌ଖା, ତମାଖୁ ସେବନ ଓ ସିଗାରେଟ୍ ଆଦି ଧୂମ ପାନୀୟ କ୍ୟାନ୍ସରର ଆଉ ଏକ ବଡ଼ କାରଣ। ତେଣୁ ଏସବୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିଲେ ସୁସ୍ଥ ରହିପାରିବେ।

❖ଗବେଷଣା ରିପୋର୍ଟ ମୁତାବକ ମେଦବହୁଳତା ଯୋଗୁ ମଧ୍ୟ ବର୍ତ୍ତମାନ ୧୩ ପ୍ରକାରର କ୍ୟାନ୍ସର ଆଶଙ୍କା ବୃଦ୍ଧି ପାଉଛି। ଆମେରିକାରେ ହେଉଥିବା କ୍ୟାନ୍ସର ଜନିତ ମୃତ୍ୟୁ ମଧ୍ୟରୁ ୪୦ ଭାଗ କେବଳ ଏହି କାରଣରୁ ହେଉଥିବା ଜଣାପଡ଼ିଛି। ତେଣୁ ଓଜନ ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ଜରୁରୀ।

❖ରାଷ୍ଟ୍ରୀୟ କ୍ୟାନ୍ସର ସଂସ୍ଥାନର ଆକଳନ ଅନୁଯାୟୀ ନିୟମିତ ବ୍ୟାୟାମ କଲେ କ୍ୟାନ୍ସରର ଆଶଙ୍କା ମଧ୍ୟ କମିଥାଏ। ବିଶେଷକରି ଏହାଦ୍ୱାରା ବ୍ରେଷ୍ଟ, କୋଲନ୍, ଏଣ୍ଡିମେଟ୍ରିଆଲ୍ କ୍ୟାନ୍ସର ଭୟ ପ୍ରାୟ ୨୦-୪୦ ପ୍ରତିଶତ କମିଯାଏ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବା। କାରଣ କ୍ରନିକ୍ ଷ୍ଟ୍ରେସ୍ ଓ ନିଦ୍ରାହୀନତା ଯୋଗୁ ଯଦ୍ୟମର ଶୀଘ୍ର ଶୀଘ୍ର ବଢି କ୍ୟାନ୍ସର ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦିନରେ ୬ ଘଣ୍ଟାରୁ କମ୍ ଶୋଇବା ଦ୍ୱାରା କ୍ୟାନ୍ସର ଜନିତ ମୃତ୍ୟୁ ଆଶଙ୍କା ୨୪ ପ୍ରତିଶତ ବୃଦ୍ଧି ପାଇଥାଏ।

ଜାଣନ୍ତୁ ଦୁନିଆ

# ଏୟାର୍ ଇଣ୍ଡିଆ

**ଆକାଶ ପରିବହନ କ୍ଷେତ୍ରରେ ଭାରତୀୟ ବିମାନ ସେବା ସମଗ୍ର ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**




★ଏୟାର ଇଣ୍ଡିଆର ସର୍ବପ୍ରଥମ ଫ୍ଲାଇଟ୍ ୧୯୩୨ ମସିହା ଅକ୍ଟୋବର ୧୫ ତାରିଖରେ ମୁମ୍ବାଇରୁ କରାଚି ପର୍ଯ୍ୟନ୍ତ ଉଡାଣ କରିଥିଲା। ସେତେବେଳେ ଏୟାର ଇଣ୍ଡିଆ ଜେ.ଆର୍.ଡି. ଟାଟାଙ୍କ ଅଧୀନରେ ଥିଲା ଏବଂ ପରେ ଏହା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହେଲା। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଜେ.ଆର୍.ଡି. ଟାଟା ହେଉଛନ୍ତି ଭାରତର ପ୍ରଥମ ଲାଇସେନ୍ସପ୍ରାପ୍ତ ପାଇଲଟ୍। ସେ ହିଁ ଏୟାର ଇଣ୍ଡିଆର ପ୍ରଥମ ଲୋଗୋ ଚୟନ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମଧ୍ୟ ରାଜନୀତିରେ ଯୋଗ ଦେବା ପୂର୍ବରୁ ଏୟାର ଇଣ୍ଡିଆରେ ପାଇଲଟ୍ ଥିଲେ।

★ପୃଥିବୀର ସବୁଠାରୁ ଅଧିକ ଦୂର ବା ଲମ୍ବା କମର୍ସିଆଲ୍ ଏୟାର୍‌ଲାଇନ୍ ହେଉଛି ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ, ଯାହାର ଦୂରତା ୯୫୦୦ ମାଇଲ୍। ତେବେ ଏହି ଦୂରତା ଅତିକ୍ରମ କରିବା ଲାଗି ଫ୍ଲାଇଟ୍‌କୁ ପ୍ରାୟ ୧୪ଘଣ୍ଟା ସମୟ ଲାଗିଥାଏ।

★୧୯୬୦ ମସିହାରେ ଏୟାର ଇଣ୍ଡିଆ ପକ୍ଷରୁ ଏସିଆର ପ୍ରଥମ ଜେଟ୍ ବିମାନ ନିର୍ମାଣ କରାଯାଇଥିଲା। ସେହିପରି ୧୯୭୧ ମସିହାରେ ଭାରତର ପ୍ରଥମ ଲକ୍‌ଜୁରି ଏୟାର ଟ୍ରାଭେଲ୍ (ବୋଇଂ ୭୪୭-୨୦୦ବି) ଆରମ୍ଭ କରାଯାଇଥିଲା।

★ଏୟାର ଇଣ୍ଡିଆର ପ୍ରଥମ ଇଣ୍ଟରନ୍ୟାଶନାଲ୍ ଫ୍ଲାଇଟ୍ ୧୯୪୮ ମସିହା ଜୁନ୍ ୮ ତାରିଖରେ ମୁମ୍ବାଇରୁ ଲଣ୍ଡନ ପର୍ଯ୍ୟନ୍ତ ଉଡାଣ କରିଥିଲା, ଯେଉଁଥିରେ ୩୫ଜଣ ଯାତ୍ରୀ ଥିଲେ।

★୨୦୧୪ରେ ଏୟାର ଇଣ୍ଡିଆ ପୃଥିବୀର ବୃହତ୍ତମ ଗ୍ଲୋବାଲ୍ ଏୟାରଲାଇନ୍ ଆଲିଆନ୍ସର ମେମ୍ବର ହୋଇପାରିଥିଲା।

★ଦିଲ୍ଲୀରେ ଥିବା ଇନ୍ଦିରା ଗାନ୍ଧୀ ଏୟାରପୋର୍ଟ ପୃଥିବୀର ସବୁଠୁ ବ୍ୟସ୍ତବହୁଳ ଏୟାରପୋର୍ଟଗୁଡ଼ିକ ମଧ୍ୟରେ ଅନ୍ୟତମ। କାରଣ ଏହା କାର୍ବନ୍ ନ୍ୟୁଟ୍ରାଲ୍ ଏୟାରପୋର୍ଟର ମାନ୍ୟତା ପାଇଛି। ଏହା ବ୍ୟତୀତ ମାତ୍ର ଅଳ୍ପ କେତୋଟି ଏୟାପୋର୍ଟକୁ ଏହି ମାନ୍ୟତା ପ୍ରାପ୍ତ ହୋଇଛି।



# ଲିଗ୍ ପର୍ଯ୍ୟାୟ ଶେଷ, ନକଆଉଟ୍‌ରେ ୧୬ ଦଳ

**ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ ବଲ କ୍ରିକେଟ**

ପୁରୀ, ୧୩।୯
(ଅଜିତ୍ କୁମାର ମହାନ୍ତି)



ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ପେଣ୍ଠକଟା ସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍‌ରେ ତୃତୀୟ ଦିନରେ ପୁରୁଷ ବିଭାଗର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି ଏବଂ ୧୬ ଦଳ ନକଆଉଟ୍‌ରେ ପ୍ରବେଶ କରିଛନ୍ତି।

ତୃତୀୟ ଦିନରେ ୧୫ଟି ଲିଗ୍ ଓ ୮ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୪୭ ରନରେ ତେଲଙ୍ଗାନାକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କର୍ଣାଟକ ୭୯ ରନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ ୯ ଉଇକେଟରେ ଉତ୍ତରାଖଣ୍ଡକୁ, ମେଘାଳୟ ୪୦ ରନ୍‌ରେ ଆନ୍ଧ୍ରପ୍ରଦେଶକୁ, ଗୋଆ ୮ ଉଇକେଟ୍‌ରେ ରାଜସ୍ଥାନକୁ, ହିମାଞ୍ଚଳ ପ୍ରଦେଶ ୨୦ ରନ୍‌ରେ ମେଘାଳୟକୁ, ଦିଲ୍ଲୀ ୭ ଉଇକେଟ୍‌ରେ ହରିୟାଣାକୁ, ପଶ୍ଚିମବଙ୍ଗ ୫୫ ରନ୍‌ରେ ତେଲେଙ୍ଗାନାକୁ, ତ୍ରିପୁରା ୭ ଉଇକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ, ଓଡ଼ିଶା ହୋଷ୍ଟ ୪୦ରନ୍‌ରେ ଉତ୍ତରାଖଣ୍ଡକୁ, ପୂର୍ବାଞ୍ଚଳ ୭ ୱକେଟ୍‌ରେ ସିକିମକୁ, ମଧ୍ୟପ୍ରଦେଶ ୨୮ ରନରେ ମହାରାଷ୍ଟ୍ରକୁ, ଆସାମ ୮ ଉଇକେଟ୍‌ରେ ରାଜସ୍ଥାନକୁ ହରାଇଥିଲା। ତେବେ ଲିଗ ପର୍ଯ୍ୟାୟରୁ ଏଆଇଆଇଡି, ଛତିଶଗଡ, ମଧ୍ୟପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ମଧ୍ୟ ଭାରତ, ଓଡ଼ିଶା, ପୂର୍ବାଞ୍ଚଳ, ଝାଡଖଣ୍ଡ, ଓଡିଶା ହୋଷ୍ଟ, ଗୋଆ, ଆସାମ, ହିମାଚଳ ପ୍ରଦେଶ, ତ୍ରିପୁରା, କର୍ନାଟକ ଆଦି ୧୬ ଦଳ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୧୪ ତାରିଖରେ ମହିଳା ବିଭାଗର ସମସ୍ତ ନକ୍‌ଆଉଟ ମ୍ୟାଚ ଖେଳାଯିବ। ଉଭୟ ପୁରୁଷ ଏବଂ ମହିଳା ବିଭାଗର କ୍ୱାର୍ଟର ଓ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ୍ ଖେଳାଯିବ।

## ଗଗନେନ୍ଦୁ ପୂର୍ବାଞ୍ଚଳ ଜିଟିସିସି ସଦସ୍ୟ

**ଭୁବନେଶ୍ୱର, ୧୩।୯ (ବିଜୟ ରଣା):** ନଭେମ୍ବରରେ ଜୟପୁରଠାରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ୟୁନିଭର୍ସିଟି କ୍ରୀଡ଼ା ଓ ଯୋଗ ବିଭାଗ ଡାଇରେକ୍ଟର ଜେନେରାଲ ଡ. ଗଗନେନ୍ଦୁ ଦାଶ ପୂର୍ବାଞ୍ଚଳର ଜିଟିସିସି(ଗେମ୍ସ ଟେକ୍‌ନିକାଲ କଣ୍ଡକ୍ଟ କମିଟି)ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

## ମୀନାକ୍ଷୀ, ଯସ୍ମିନ, ନୂପୁର ଫାଇନାଲରେ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

**ଲିଭରପୁଲ୍, ୧୩।୯ (ପି.ଟି.):** ଭାରତର ୩ ମହିଳା ବକ୍ସର ମୀନାକ୍ଷୀ ହୁଦା, ଯସ୍ମିନ ଲାମ୍ବୋରିଆ ଓ ନୂପୁର ଶେଓରାନ ଚଳିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ ଭାରତ ପାଇଁ ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଛନ୍ତି। ମୀନାକ୍ଷୀ ହେଉଛନ୍ତି ଜଣେ ପୂର୍ବତନ ଏସିଆନ ଚାମ୍ପିୟନଶିପ୍ ଓ ବିଶ୍ୱକପ୍ ରୌପ୍ୟ ବିଜେତା। ୪୮କେଜି ସେମିଫାଇନାଲରେ ସେ ଆଧିପତ୍ୟ ବିସ୍ତାରକୁ ୨୦୧୩ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ମଙ୍ଗୋଲିଆ ଲୁତ୍‌ସେଖାନି ଅଲତାନସେଡେସେଗ୍‌ଙ୍କୁ ୫-୦ରେ ହରାଇ ଦେଇଛନ୍ତି।










Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ